RNI No.ODIODI/2010/33031
୧୭ ବର୍ଷ Volume-17
ISSUE -196 ସଂଖ୍ୟା-୧୯୬
ଭୁବନେଶ୍ୱର, ସୋମବାର ୧୯ ଅକ୍ଟୋବର ୨୦୨୬
Bhubaneswar, Monday 19 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

**ଶୁଭେଚ୍ଛା**

ଶାରଦୀୟ ଦୁର୍ଗାପୂଜା ଅବସରରେ 'ମନ୍ଥନ' ତାର ସମସ୍ତ ପାଠକପାଠିକା/ ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି।

- ପରିଚାଳକ

**ଛୁଟି ଘୋଷଣା**

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଦୈନିକ 'ମନ୍ଥନ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି। ଏହାର ପରବର୍ତ୍ତୀ ସଂସ୍କରଣ ୨୩ ତାରିଖରେ ପ୍ରକାଶ ପାଇବ।

-ପରିଚାଳକ



# ବିଜୟ କୌଣସି ଅହଙ୍କାରର ବିଷୟ ନୁହେଁ : ମୋହନ

କଟକ,୧୮।୧୦(ନି.ପ୍ର.):: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକସ୍ଥିତ ଇନଡୋର ଷ୍ଟାଡିଅମଠାରେ ଆୟୋଜିତ ଭବ୍ୟ ସମାରୋହରେ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ପ୍ରତିନିଧିମାନଙ୍କୁ ଭେଟି ଶୁଭେଚ୍ଛା ଜଣାଛନ୍ତି। ଏହି ଅବସରରେ ସେ କହିଛନ୍ତି, ପୂର୍ବବର୍ତ୍ତୀ ସରକାର ୨୦୧୭ ମସିହାରୁ ଦୀର୍ଘ ପ୍ରାୟ ଏକ ଦଶନ୍ଧି ଧରି ନିର୍ବାଚନ ବନ୍ଦ ରଖି କ୍ୟାମ୍ପସରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ଥଗିତ କରିଦେଇଥିଲେ।



ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଡ଼ମ୍ବନାର ବିଷୟ, ଛାତ୍ର ଆନ୍ଦୋଳନରୁ ରାଜନୀତି ଆରମ୍ଭ କରିଥିବା ତତ୍କାଳୀନ ଶାସକ ଦଳର ଶୀର୍ଷ ନେତୃବୃନ୍ଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ନିଜ ମୁଖିଆଙ୍କ ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ ନ କରି ନୀରବ ରହିଥିଲେ। କାରଣ ଛାତ୍ର ସମାଜ ଉପରେ ସେମାନଙ୍କର ଆସ୍ଥା ନଥିଲା। ଆମେ ନିର୍ବାଚନ କରାଇବା ପାଇଁ ସଂକଳ୍ପ ନେବା ବେଳେ 'ଦେଶର ମାହୋଲ ଅନୁକୂଳ ନାହିଁ' କିମ୍ବା 'ଜେନ୍-ଜି' ଅସନ୍ତୁଷ୍ଟ' ଭଳି ଭ୍ରାନ୍ତ ତଥ୍ୟ ଦେଇ ନିର୍ବାଚନ ଟାଳିବାକୁ ଚାପ ପକାଯାଇଥିଲା। କିନ୍ତୁ ଆମେ ପ୍ରତିଶ୍ରୁତି ରକ୍ଷା କଲୁ ଏବଂ ସମଗ୍ର ରାଜ୍ୟରେ ଏହି ନିର୍ବାଚନକୁ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପାଦିତ କରି ଆମର ଛାତ୍ର ସମାଜ ପ୍ରମାଣ କରିଦେଲେ ଯେ କ୍ୟାମ୍ପସ ହିଂସା କେବଳ ପୂର୍ବ ଶାସନର କଳଙ୍କିତ ଇତିହାସ ଥିଲା। ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସାରି ଆମ ଯୁବଶକ୍ତି ପୂର୍ବ ସରକାରଙ୍କୁ ମୁହଁତୋଡ଼ ଜବାବ ଦେଇଛି। ସର୍ବୋପରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାରେ ମଧ୍ୟ ଇଇଠଚର ଐତିହାସିକ ବିଜୟ ପ୍ରମାଣ କରିଛି ଯେ ଯୁବଶକ୍ତି ମୋଦୀଜୀଙ୍କ ବିକାଶ ନୀତି ସହିତ ଅଛନ୍ତି।

ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ମୁଁ ସ୍ମରଣ କରାଇଦେବାକୁ ଚାହେଁ ଯେ, ଏହି ବିଜୟ କୌଣସି ଅହଙ୍କାରର ବିଷୟ ନୁହେଁ, ବରଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟର ପ୍ରାରମ୍ଭ। ଜଣେ ନେତା ହେବାର ଅର୍ଥ କେବଳ ରାଜନୀତିରେ ସୀମିତ ରହିବା ନୁହେଁ; ସାଧାରଣ ଛାତ୍ରଛାତ୍ରୀଙ୍କ ଶିକ୍ଷା, ହଷ୍ଟେଲ ଓ କ୍ରୀଡ଼ା ଭଳି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ସହ ସରକାରୀ ଜନକଲ୍ୟାଣ ଯୋଜନାର ଲାଭ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସେତୁ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ସର୍ବୋପରି, କଲେଜ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି କ୍ୟାମ୍ପସଗୁଡ଼ିକୁ ହିଂସାମୁକ୍ତ ଓ ନିଶାମୁକ୍ତ ରଖିବା ଅତ୍ୟନ୍ତ ଆବଶ୍ୟକ। ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଥିବା ଅପଶକ୍ତିମାନଙ୍କର ଭିତ୍ତିହୀନ ଅପପ୍ରଚାରକୁ ସକରାତ୍ମକ ବାର୍ତ୍ତା ମାଧ୍ୟମରେ ପ୍ରତିହତ କରି 'ଜ୍ଞାନ, ଶୀଳ, ଏକତା' ଆଦର୍ଶରେ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ମୁଁ ସମସ୍ତ ଯୁବ ପ୍ରତିନିଧିଙ୍କୁ ଆହ୍ୱାନ କରୁଛି।

# ଚୋରବାଗାନ ଦଳାଚକଟାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ

କୋଲକାତା,୧୮।୧୦(ଏଜେନସି): ଉତ୍ତର କୋଲକାତା ଚୋରବାଗାନ କ୍ଷେତ୍ର ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଶନିବାର ସନ୍ଧ୍ୟାରେ ହୋଇଥିବା ଦଳାଚକଟାରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୫ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ଏହା ପୁଷ୍ଟି କରିଛନ୍ତି। ଏହି ଘଟଣା ସନ୍ଧ୍ୟା ପ୍ରାୟ ୭ଟା୪୦ ମିନିଟ୍ ରେ ଗିରିଶ ପାର୍କ ଥାନା ଅଞ୍ଚଳରେ ଘଟିଥିଲା। ପୂଜା ଦର୍ଶନାର୍ଥୀଙ୍କ ଭାରି ଭିଡ ଓ ବର୍ଷା ଯୋଗୁ ଏପରି ପରିସ୍ଥିତି ଉପୁଜିଥିଲା। ମୁଖ୍ୟମନ୍ତ୍ରୀ ଘଟଣାର ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ମାମଲାରେ ପୋଲିସ ଆୟୋଜନକାରୀଙ୍କ ସମେତ ମୋଟ ୧୨ ଜଣଙ୍କୁ ଅଟକ ରଖିଛି। ଅନ୍ୟପଟେ କିଛି ପ୍ରମୁଖ ପୂଜାମଣ୍ଡପରେ ପ୍ରବେଶ କଟକଣା ଜାରି ହୋଇଥିବା ଜଣାପଡିଛି।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ପୀଡ଼ିତଙ୍କ ପରିବାର ଲାଗି ୨୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଘୋଷଣା କରିଥିବା ବେଳେ ପରିବାରର ଜଣକୁ ସରକାରୀ ଚାକିରି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହା ଛଡା ଦଳାଚକଟା ଘଟଣାର ନିରପେକ୍ଷ ଯାଞ୍ଚ ଲାଗି ସରକାର ଜଣେ କାର୍ଯ୍ୟରତ ଜଜ୍ ଙ୍କ ଦେଖରେଖରେ ତଦନ୍ତ କମିଟି ଗଠନ କରିବାକୁ ଘୋଷଣା କରିଛନ୍ତି। ସେହିପରି ମାମଲାର ତଦନ୍ତ ଏସଟିଏଫ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦଳାଚକଟାରେ ଆହତ ଶ୍ରଦ୍ଧାଳୁଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।ଜନୈକ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଘଟଣା ବେଳେ ଅନେକ ଲୋକ ବେହୋସ ହୋଇଯାଇଥିଲେ। ଏଥିରେ କିଛି ଲୋକଙ୍କୁ ଉଦ୍ଧାର କରି ମୋଟର ସାଇକେଲରେ ହସ୍ପିଟାଲ ନିଆଯାଉଥିଲା ଓ ଚାରି ଆଡେ କେବଳ ଭିଡ ହିଁ ଭିଡ ଦେଖିବାକୁ ମିଳୁଥିଲା।




## ବାଲିଯାତ୍ରା ତଳ ପଡ଼ିଆ ନଦୀପଠାରେ ନାବାଳକକୁ ନିର୍ମମ ହତ୍ୟା

କଟକ୧୮।୧୦(ନି.ପ୍ର.): ବାଲିଯାତ୍ରା ତଳ ପଡ଼ିଆ ନଦୀପଠାରେ ନିର୍ମମ ହତ୍ୟାକାଣ୍ଡ । ନାବାଳକକୁ ଛୁରାମାଡ଼ କରି ସଂଘବଦ୍ଧ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ । ନଦୀପଠାକୁ ଡାକିନେଇ ସଂଘବଦ୍ଧ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି । ନଦୀପଠାରୁ ୧୦୦ ମିଟର ପର୍ଯ୍ୟନ୍ତ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଫରେନସିକ୍ ଟିମ୍ ପହଞ୍ଚି ଛାନଭିନ୍ ଚଳାଇଛି । କଟକ ସ୍ୱଶାଲ ସ୍କ୍ୱାଡ୍ ଏସିପି ଏବଂ କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି ଘଟଣାସ୍ଥଳରେ ସରଜମିନ ତଦନ୍ତ କରିଛନ୍ତି ।ତେବେ ହତ୍ୟାର ଶିକାର ନାବାଳକଙ୍କର ଏପର୍ଯ୍ୟନ୍ତ ପରିଚୟ ପାଇବାରେ ପୁଲିସ ବିଫଳ ହୋଇଛି । କିଏ, କାହିଁକି ଓ କେଉଁ ଉଦ୍ଦେଶ୍ୟ ରଖି ନାବାଳକକୁ ହତ୍ୟା କଲେ ନଦୀ ପଠାକୁ ଡ଼ାକି ନେଇ ହତ୍ୟା କରିବା ପଛରେ ରହସ୍ୟ କଣ ତାର ରହସ୍ୟ କାଢିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି । ରକ୍ତ ଛିଟାରୁ ଜଣାପଡିଛି ଯେ, ହତ୍ୟାକାଣ୍ଡ ଆଜି ସକାଳୁ କରାଯାଇଛି ।ପାର୍ବଣ ଋତୁ ଚାଲିଥିବା ବେଳେ କଟକରେ ଅପରାଧ ବୃଦ୍ଧି ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ନିକଟରେ କାଠଯୋଡ଼ି କୂଳରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇ ଫିଙ୍ଗାଯାଇଥିଲା । ସେହିଘଟଣା ଲୋକଙ୍କ ମନରୁ ଲିଭିନଥିବା ବେଳେ ଏବେ ଅଷ୍ଟମୀ ପୂଜା ଦିନରେ ନାବାଳକଙ୍କୁ ହତ୍ୟା ଘଟଣା ସାମ୍ନାକୁ ଆସିଛି, ଯାହାକୁ ନେଇ କଟକବାସୀ ଏବେ ଅସୁରକ୍ଷିତ ମନେକରୁଛନ୍ତି।

## ବିଦ୍ୟୁତ୍ ଆଘାତରେ ଦୁଇ କେବୁଲ୍ କର୍ମଚାରୀଙ୍କ ମୃତ୍ୟୁ

ପୁରୀ,୧୮।୧୦(ନି.ପ୍ର.): ପୁରୀ ସହର ବଳିଆପଣ୍ଡା ଥାନା ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ଦୁଇ ଜଣ କେବୁଲ୍ କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଯୁବକମାନେ ହେଲେ ବାପି ପ୍ରଧାନ ଓ ସୁବ୍ରତ ସାହୁ। ଉଭୟ ବଳିଆପଣ୍ଡା ଥାନା ଅଞ୍ଚଳର ସ୍ଥାୟୀ ବାସିନ୍ଦା ବୋଲି ଜଣାପଡିଛି।

ସୂଚନାରୁ ଜଣାଯାଇଛି, ଉଭୟ ବାପି ଓ ସୁବ୍ରତ ଏକ ଟିଭି କେବୁଲ ଅପରେଟର ସଂସ୍ଥାରେ କାମ କରୁଥିଲେ। ଆଜି (ରବିବାର) ଅପରାହ୍ଣ ପ୍ରାୟ ୩ଟା ସମୟରେ ବଳିଆପଣ୍ଡା ଅଞ୍ଚଳରେ ଟିଭି କେବୁଲ ମରାମତି କାମ କରୁଥିଲେ । ବିଦ୍ୟୁତ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ଅଚାନକ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଆଘାତରେ ଦୁହେଁ ଖୁଣ୍ଟ ଉପରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଳିଆପଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ଓ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ। ବଳିଆପଣ୍ଡା ଅଞ୍ଚଳ ବାସିନ୍ଦା ମାନେ ଏହାକୁ ବିରୋଧ କରି ଶବ ବ୍ୟବଛେଦ ଗୃହ ନିକଟରେ ଧାରଣା ଦେଇଛନ୍ତି ।

# ଟାଇଗର ଶ୍ରଫଙ୍କୁ ଗୁଳିମାଡ଼

ନୂଆଦିଲ୍ଲୀ,୧୮।୧୦(ନି.ପ୍ର.): ମହାରାଷ୍ଟ୍ରର ମୁମ୍ବାଇର ଜୁହୁ ଅଞ୍ଚଳରେ ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରେ ଗୁଳି ଚଳାଇବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୋଲିସର ସୂଚନା ଅନୁଯାୟୀ, ଅଭିନେତା ସୁରକ୍ଷିତ ଏବଂ ଅକ୍ଷତ ଅଛନ୍ତି । ସାତ ରାଉଣ୍ଡ ଗୁଳି ଚାଳନା ହୋଇଥିବା ଜଣାପଡ଼ିଛି । ଗୁଳିକାଣ୍ଡରେ ଦୁଇ ଜଣ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଟାଇଗର ଶ୍ରଫଙ୍କ ଡ୍ରାଇଭର ଫିରଦୋଶ, ଯାହାଙ୍କ ବାମ ହାତରେ ଗୁଳି ବାଜିଛି । ଗୁଳିକାଣ୍ଡର ତଦନ୍ତ ପାଇଁ ମୁମ୍ବାଇ ପୋଲିସ ମୋଟ ୧୫ ଟି ଦଳ ଗଠନ କରିଛି । ଫରେନସିକ୍ ଦଳ ଘଟଣାସ୍ଥଳ ଯାଞ୍ଚ କରୁଛି । ସାନ୍ତାକ୍ରୁଜ୍ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି ।



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଘଟଣା ବିଷୟରେ ପଚାରିବା ପାଇଁ ମୁମ୍ବାଇ ପୋଲିସ କମିଶନରଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଥିଲେ ଏବଂ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଟାଇଗର ଶ୍ରଫଙ୍କ ଉପରେ ଗୁଳି ଚଳାଇବା ପାଇଁ ନିଜକୁ ଦାୟୀ କରିଛି । ଏହି ସମୟରେ, ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସିନ୍ଦେ କହିଛନ୍ତି, 'ମୁମ୍ବାଇରେ ଭୟ ସୃଷ୍ଟି କରୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ। ଆମେ ଦୋଷୀ ମାନଙ୍କୁ ଖୋଜି ଦଣ୍ଡ ଦେବୁ । ଆମେ ସମସ୍ତ ଗ୍ୟାଙ୍ଗକୁ ନିପାତ କରିବୁ।'

ପ୍ରାଥମିକ ସୂଚନା ଅନୁଯାୟୀ, ଟାଇଗର ଶ୍ରଫ ତାଙ୍କ କାରରେ ଏକ ସଭାକ୍ଷେତ୍ର ଛାଡି ଯାଉଥିଲେ । ତାଙ୍କୁ ବିଦାୟ ଦେବା ପାଇଁ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ। ତାଙ୍କ କାରକୁ ଲକ୍ଷ୍ୟ କରି ଭିଡ଼ ଭିତରୁ ସାତ ରାଉଣ୍ଡ ଗୁଳି ଚାଳନା କରାଯାଇଥିଲା। ମୁମ୍ବାଇ ପୋଲିସ ଅନୁଯାୟୀ, ଆକ୍ରମଣରେ ଟାଇଗର ଶ୍ରଫ ଆହତ ହୋଇନାହାଁନ୍ତି । ଏହି ଘଟଣା ଜୁହୁ ପୋଲିସ ଷ୍ଟେସନ ଅଞ୍ଚଳରେ ଘଟିଛି । ଗୁଳିଚାଳନାରେ ଅଭିନେତାଙ୍କ ଡ୍ରାଇଭର ସମେତ ଦୁଇ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଜଣେ ଅଟୋ-ରିକ୍ସା ଡ୍ରାଇଭର ଥିବା ଜଣାପଡ଼ିଛି ।

ଟାଇଗର ଶ୍ରଫଙ୍କ ଉପରେ ଗୁଳିମାଡ଼ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ରୁପ୍ ନିଜକୁ ଦାୟୀ କରିଛି। ଲରେନ୍ସ ବିଷ୍ଣଇ ଗ୍ରୁପ୍ ପକ୍ଷରୁ ଅନିଲ ପଣ୍ଡିତ ଅନମୋଲ ବିଷ୍ଣଇ ପୋଷ୍ଟଟି ସେୟାର କରି ଲେଖିଛନ୍ତି, 'ଜୟ ମହାକାଳ, ଜୟ ଶ୍ରୀ ରାମ। ଆଜି ଟାଇଗର ଶ୍ରଫ୍ ଏହା କରିଛନ୍ତି। ମୁଁ, ଅନିଲ ପଣ୍ଡିତ ଏବଂ ହରମନ ସାନ୍ଧୁ ଏହାର ଦାୟିତ୍ୱ ନେଉଛୁ। ଆମେ ତାଙ୍କୁ ଫୋନ୍ କରି ବୁଝାଇଥିଲୁ, କିନ୍ତୁ ସେ ବୁଝିପାରିଲେ ନାହିଁ। ତେଣୁ, ଆଜି ଆମେ ତାଙ୍କୁ ଭଲ ଭାବରେ ବୁଝାଇଲୁ । ମୁମ୍ବାଇ ଫିଲ୍ମ ଇଣ୍ଡଷ୍ଟ୍ରିରେ ଯିଏ ଆମ କଥା ଶୁଣନ୍ତି ନାହିଁ କିମ୍ବା ସଲମାନ ଖାନଙ୍କ ସହ କାମ କରନ୍ତି, ସେ ପରବର୍ତ୍ତୀ ସମୟରେ ଆସିବେ । କେବଳ ଅପେକ୍ଷା କରନ୍ତୁ ଏବଂ ଦେଖନ୍ତୁ।'

ପ୍ରାଥମିକ ସୂଚନା ଅନୁଯାୟୀ, ଏକ ମୋଟର ସାଇକେଲରେ ତିନି ଜଣ ଅଜ୍ଞାତ ବ୍ୟକ୍ତି ଅଭିନେତା ଟାଇଗର ଶ୍ରଫଙ୍କ କାର ଉପରେ ଗୁଳି ଚଳାଇଥିଲେ। ତଥାପି, ଘଟଣା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ । ପୋଲିସ ଘଟଣାର କ୍ରମକୁ ଏକତ୍ର କରିବାକୁ ଏବଂ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି ।ପୋଲିସ ଅଭିଯୁକ୍ତଙ୍କ ପାଇଁ ତଲାସ ଆରମ୍ଭ କରିଛି । ଘଟଣାସ୍ଥଳ ଏବଂ ଆଖପାଖ ଅଞ୍ଚଳରୁ ସିସିଟିଭି ଫୁଟେଜ୍ ସ୍କାନ କରାଯାଉଛି । ମାମଲାର ତଦନ୍ତ ପାଇଁ ପନ୍ଦରଟି ସ୍ୱତନ୍ତ୍ର ପୋଲିସ ଦଳ ମଧ୍ୟ ଗଠନ କରାଯାଇଛି ।

**ଡାହୁକ**



ମା ଭଉଣୀଙ୍କ ସୁରକ୍ଷା ଢିଲା
ସୁରକ୍ଷା ନଦେଇ ନେତା ଇସାରାରେ
ଅନେକ ପୋଲିସି ଲାଗାନ୍ତି ପାଲା
ଏବେ ଖାଲି ହୋ ହାଲା
କଂସ ମାମୁଁ ଭାବି ତଡିଗଲେ ଯେଞ୍ଜି
ସମ୍ଭାଳି ପାରିଲେ ହେଲା

-ବିଧୁ








# ନୂତନ ପୂଜା ମଣ୍ଡପ ଟିକ୍ରାପଡାର ବଲାଙ୍ଗିର ବିଧାୟକଙ୍କ ଦ୍ୱାରା ଉଦଘାଟନ



ବଲାଙ୍ଗିର,୧୮।୧୦ :(ମନ୍ଥନ) ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗିର ର ପୁରାତନ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଗାନ୍ଧି ପାଠାଗାର (ପୂଜା ମଣ୍ଡପ ) ର ନବ ନିର୍ମିତ ପୂଜା ମଣ୍ଡପ ର ଉଦଘାଟନ କରିଛନ୍ତି । ଗାନ୍ଧୀ ପାଠାଗାର ସଭାପତି ପ୍ରକାଶ କୁମାର ନେପାକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଘାଟନ ଉତ୍ସବ ରେ ମାନ୍ୟବର ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥି, ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ସମ୍ମାନିତ ଅତିଥି, ପାଠାଗାର ଉପସଭାପତି ସନ୍ତକ ବହିଦାର, ଅଭ୍ୟର୍ଥନା କମିଟି ଅଧକ୍ଷ ଭଗବାନ ବଗର୍ତି, ସମ୍ପାଦକ ପ୍ରଦୀପ ସାହୁ, କାଉନସିଲର ମହେନ୍ଦ୍ର ବାଗ ମଂଚାସୀନ ଥିଲେ । ସଭା ସଂଯୋଜନା ବରିଷ୍ଠ ସଭ୍ୟ ମଧୁ ନାଏକ କରିଥିଲେ । ମୁଖ୍ୟ ଅତିଥି କଳିକେଶ ନାରାୟଣ ସିଂଦେଓ ଏହି ପାଠାଗାର କୁ ଅନୁଦାନ ଦେବା ସହ ଇ ଲାଇବ୍ରାରୀ କରାଯାଇ ବରିଷ୍ଠ ନାଗରିକ, ସାଧାରଣ ଜନତା, ଯୁବ ଛାତ୍ର ଛାତ୍ରୀ ତଥା ବିଭିନ୍ନ ପରୀକ୍ଷାର୍ଥୀ ଙ୍କୁ ସମର୍ପିତ କରାଯିବ ବୋଲି ଘୋଷଣା କରିଥିଲେ । ଉକ୍ତ ଉତ୍ସବରେ ବଲାଙ୍ଗିର ପୌରପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଗାନ୍ଧି ପାଠାଗାର ର ସମାଜ ପ୍ରତି ବିଭିନ୍ନ ଅବଦାନ ପାଇଁ ଭୂୟସୀ ପ୍ରଂଶସା କରିଥିଲେ ଏବଂ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଉତ୍ସବରେ ଭଗବାନ ବଗର୍ତି ସ୍ୱାଗତ ଭାଷଣ ଦେବ । ସହ ବର୍ଷୀୟାନ ନେତା ଅନଙ୍ଗ ଉଦୟ ସିଂଦେଓ ଙ୍କ ପ୍ରତିଶୃତି କ୍ରମେ ଏହି ନୂତନ ପାଠାଗାର ନିର୍ମାଣ ପାଇଁ ଅନୁଦାନ ମିଳି ପାରିଛି ବୋଲି ଉଲ୍ଲେଖ କରିଥିଲେ । ସମ୍ପାଦକ ପ୍ରଦୀପ ସାହୁ ନୂତନ ମଣ୍ଡପ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ କଳିକେଶ ନାରାୟଣ ସିଂଦେଓ ଏବଂ ପୌରାଧକ୍ଷକ୍ଷ ଲିକା ସାହୁ ଙ୍କ ଉଦ୍ୟମରେ ଆର୍ଥିକ ସହାୟତା ଦିଅକ୍ଷ ଯାଇ ନୂତନ ମଣ୍ଡପ ନିର୍ମାଣ କାର୍ଯ୍ୟ କରାଯାଇଛି ବୋଲି ସମ୍ପାଦକ ପ୍ରଦୀପ ସାହୁ ତାଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଏହି ପାଠାଗାର କୁ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ କାଯ୍ୟକ୍ରମ ଆୟୋଜନ ପାଇଁ ଆଉ କିଛି ଅନୁଦାନ ଦେବାକୁ ଅନୁରୋଧ କରିଛନ୍ତି ।ପାଠାଗାର ଉପସଭାପତି ସନ୍ତକ ବହିଦାର ଦୀର୍ଘ ୬୦ ବର୍ଷ ଧରି ଏହି ଅନୁଷ୍ଠାନ ସାମାଜିକ, ସାଂସ୍କୃତିକ, ଧାର୍ମିକ କାର୍ଯ୍ୟ ଆୟୋଜନ କରି ସମାଜ ରେ ପରିଚୟ ବଜାୟ ରଖିଛି ଏବଂ ଏହି କାର୍ଯ୍ୟକ୍ରମ ମାନଙ୍କରେ ସଂଶ୍ଲିଷ୍ଟ ଥିବା ପରଲୋକଗତ ସଭ୍ୟ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାଉନସିଲର ମହେନ୍ଦ୍ର ବାଗ ଏହି ପାଠାଗାର କୁ ଆହୁରି ଉନ୍ନତ ତଥା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜରିଆରେ ଆଗେଇ ନେବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଙ୍କୁ ଅନୁରୋଧ କରିଥିଲେ । ପାଠାଗାର ସଭାପତି ପ୍ରକାଶ କୁମାର ନେପାକ ଏହି ଉତ୍ସବରେ କଳିକେଶ ନାରାୟଣ ସିଂଦେଓ ତଥା ଲିକା ସାହୁଙ୍କ ଏହି ପୂଜା ମଣ୍ଡପ ନିର୍ମାଣ ପାଇଁ ଆନ୍ତରିକତା ଯୋଗୁଁ ସମ୍ଭବ ହୋଇପାରିଛି ଏବଂ ବିଧାୟକ ଙ୍କ ଇ-ଲାଇବ୍ରାରୀ କରାଯିବାର ଦୁରଦୃଷ୍ଟି ସମ୍ପନ୍ନ ପ୍ରସ୍ତାବ ପାଇଁ କୃତଂଜ୍ଞତା ଜ୍ଞାପନ କରିଛନ୍ତି । ସମସ୍ତ ସଭ୍ୟ ସଭ୍ୟା ତଥା ପଡ଼ାବାସୀ ଙ୍କ ଆର୍ଥିକ ସାହାଯ୍ୟ ତଥା ସହଯୋଗ ପାଇଁ କୃତଂଜ୍ଞତା ଜ୍ଞାପନ କରିଛନ୍ତି । ଉପସ୍ଥିତ ଅତିଥି ତଥା କାଉନସିଲର ମାନଙ୍କୁ ଉପଢୌକନ ଦେଇ ବରିଷ୍ଠ ସଭ୍ୟ ରାଜେନ୍ଦ୍ର ପାଣି, କୋଷାଧକ୍ଷ ଜିତେନ୍ଦ୍ର ନାଗ,ମହିଳା କମିଟି ସଭାପତି ବିଳାସିନୀ ବେହେରା, ସମ୍ପାଦକ ଲିନା ମହାନ୍ତି, ସବିତା ବେହେରା, ବରିଷ୍ଠ ସଭ୍ୟ ସୂର୍ଯ୍ୟ ପୁରୋହିତ, ମୋହିନୀ ମିଶ୍ର ପ୍ରମୁଖ ସମ୍ମାନିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଦୁର୍ଗା ସାହୁ, ଦାଶରଥି ସାହୁ, ଶିବେନ୍ଦ୍ର ସାହୁ, ରାଜେନ୍ଦ୍ର ମିଶ୍ର, କୁନୁ ପାତ୍ର,ହୃଦରଞ୍ଜନ ସାହୁ, ଅଜିତ ପଣ୍ଡା, ପିଙ୍କୁ ପଣ୍ଡା,ସଭ୍ୟ ମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଜୀବ ସାହୁ ଙ୍କ ସହଯୋଗରେ ମୃଦୁ ରେଖା ଡାନ୍ସ ଏଣ୍ଡ ଆର୍ଟ ଏକାଡେମୀ ଅନୁଷ୍ଠାନ ଆନୁକୂଲ୍ୟରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଓଡିଶା ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇ ମୃଦୁ ରେଖା ଡାନ୍ସ ଏଣ୍ଡ ଆର୍ଟ ଏକାଡେମୀ ଅନୁଷ୍ଠାନ ର ଗୁରୁ ଚିତ୍ତରଞ୍ଜନ ପ୍ରଧାନ, ନିତିନ ଭରଦ୍ୱାଜ ଏବଂ ଅଂଶ ଗ୍ରହଣ କରିଥିବା ସମସ୍ତ ନୃତ୍ୟଙ୍ଗନା ମାନଙ୍କୁ ସମ୍ମାନିତ କରାଯାଇଥିଲା । ପାଠାଗାର ର ସଭ୍ୟ ସ୍ୱସ୍ତିକ ସାଗର ସାହୁ ଆଜିର କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୌରାଧକ୍ଷକ୍ଷ ଲିକା ସାହୁ, ସମସ୍ତ କାଉନସିଲର,ସମସ୍ତ ଅନୁଷ୍ଠାନ, ପୂଜା ମଣ୍ଡପ, ମହିଳା କମିଟି ଏବଂ ସମସ୍ତ ପଡ଼ାବାସୀ ଜନସାଧାରଣ ଯୋଗଦାନ କରି ଏହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ଦିବା ୧୦ ଘଣ୍ଟା ସମୟରେ ପ୍ରତିଷ୍ଠା ପୂଜାରେ ପାଠାଗାର ସଭାପତି ପ୍ରକାଶ ନେପାକ ଏବଂ ସହଧର୍ମିଣୀ ଭାରତୀ ନେପାକ ତଥା ଉପସଭାପତି ସନ୍ତକ ବହିଦାର ଏବଂ ସହଧର୍ମିଣୀ ମମତାମୟୀ ଦାସ କର୍ତ୍ତା ଓ ଉପକର୍ତ୍ତା ର ଦାଇତ୍ୱ ସମାପନ କରିଥିଲେ। ଚଳିତ ବର୍ଷ ଦୁର୍ଗା ପୂଜା ଆୟୋଜନ ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯାଇଛି ।



# ନିଜ ପଦ ପର୍ଯ୍ୟାଦା ର ଗାରିମା ରଖନ୍ତୁ ନବ ନିଯୁକ୍ତ ରାଜ୍ୟପାଳ ନଚେତ ଇସ୍ତାଫା ଦିଅନ୍ତୁ - ନରସିଂହ

ବଲାଙ୍ଗିର,୧୮।୧୦ :(ମନ୍ଥନ) ରାଜ୍ୟପାଳ ପଦବୀ ଏକ ସାମ୍ବିଧାନିକ ପଦବୀ । ଏହି ପଦବୀର ମର୍ଯ୍ୟାଦା, ଗାରିମା କ୍ଷୁର୍ଣ୍ଣ କତା ହେବା ନୁହେଁ କିନ୍ତୁ ନବ ନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ତାଙ୍କ ନାମ ଘୋଷଣା ହେବା ପରେ ଗଣମାଧମ କୁ ଦେଇଥିବା ପ୍ରତିକ୍ରିୟା ଅତି ନିନ୍ଦନୀୟ ଓ ଅସମ୍ବିଧାନିକ । ଗଣମାଧମରେ ଯାହା ଜଣା ପଡୁଛି ଯେ ସେ ଓଡିଶାକୁ ଆସି ଭାରତୀୟ ଜନତା ପାର୍ଟି ପାଇଁ ଭୋଟ ଯୋଗାଡ କରି ଦଳକୁ ଆହୁରି ବଳସାଳି କରିବେ ବୋଲି କହିଛନ୍ତି । ଏହା ରାଜ୍ୟପାଳ ଭଳିଆ ଏକ ସାମ୍ବିଧାନିକ ଗାରିମାମୟ ପଦବୀ ର ବ୍ୟକ୍ତି ଙ୍କ ମୁହଁ ରୁ ଏପରି ବକ୍ତବ୍ୟ ବାହାରିବା ସମ୍ବିଧାନ ବିରୋଧି ଅଟେ । ଏଣୁ ସେ ଏହି ପଦବୀ ପାଇଁ ଉପଯୁକ୍ତ ନୁହେଁ । ସେ ସମ୍ବିଧାନକୁ ସମ୍ମାନ ଜଣାଇ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧମରେ ଦାବି କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟପାଳ ଙ୍କ ନିରପେକ୍ଷତାକୁ ନେଇ ଓଡିଶା ରାଜ୍ୟବାସୀ ଙ୍କ ମନରେ ଆଶଂକା ଦେଖା ଦେଲାଣି । ତାଙ୍କର ବକ୍ତବ୍ୟ ଲୋକଙ୍କ ସ୍ୱାର୍ଥ ବିରୋଧ ରେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଶ୍ରୀ ମିଶ୍ର ଏହା ମଧ ଉଲ୍ଲେଖ କରିଛନ୍ତି ଯେ ଓଡିଶାର ପୂର୍ବତନ ରାଜ୍ୟପାଳ ଶ୍ରୀଗଣେଷିଲାଲ ଜଣେ ବାଗ୍ମି ପୁରୁଷ ଥିଲେ । ତାଙ୍କର ଅନେକ ବିଷୟରେ ପାଣ୍ଡିତ୍ୟ ଥିଲା । ତାଙ୍କର ନିରପେକ୍ଷତା ଓ ଶାସନ ପରିଚଳନା ଦକ୍ଷତା ରାଜ୍ୟର ସମସ୍ତ ରାଜନୈତିକ ଦଳ, ଆବାଳ ବୃଦ୍ଧ ବନିତା ଙ୍କ ଆଗରେ ଗ୍ରହଣିୟ ଥିଲା । ତେଣୁ ବର୍ତ୍ତମାନର ରାଜ୍ୟପାଳ ତାଙ୍କ ଠାରୁ ବହୁତ କିଛି ଶିଖିବାର ଅଛି ବୋଲି ଶ୍ରୀ ମିଶ୍ର କହିଛନ୍ତି । ବର୍ତ୍ତମାନର ରାଜ୍ୟପାଳ ଦଳିଅ ଅଭିମୁଖ୍ୟକୁ ପରିହାର କରନ୍ତୁ ରାଜନୀତି ରୁ ଉର୍ଦ୍ଧ୍ୱରେ ରହନ୍ତୁ ଏବଂ ଲୋକଙ୍କ ସେବା କରନ୍ତୁ ଆଜି ଯଦି ଦଳିୟ କାମ କରିବାର ଅଛି ତେବେ ରାଜ୍ୟପାଳ ଭଳିଆ ଏକ ଗାରିମାମୟ ଏକ ପଦବି ରୁ ଇସ୍ତଫା ଦେଇ ଦଳିୟ ରାଜନୀତି କରନ୍ତୁ ବୋଲି ଶ୍ରୀ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧମରେ ଜଣାଛନ୍ତି ।

# ସେଲୁଟ ବଲାଙ୍ଗିର ତରଫରୁ ଅନ୍ନପ୍ରସାଦ ବଣ୍ଟନ

ବଲାଙ୍ଗିର, ୧୮।୧୦ :(ମନ୍ଥନ)ସେଲୁଟ ବଲାଙ୍ଗିର ଆନୁକୁଲ୍ୟରେ ସାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବଲାଙ୍ଗିର ମାଁ ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ 'ସେଲୁଟ' ବଲାଙ୍ଗିର ତରଫରୁ ଅନ୍ନପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାୟ




୧୭୦୦ ଲୋକଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସେଲୁଟ ବଲାଙ୍ଗିର ସଭାପତି ଡା. ଦେବଦତ୍ତ ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଂପାଦକ ନୂତନ ସେଠ, କୋଷାଧକ୍ଷ ସମୀର କୁମ୍ଭାର, ଅରୁଣ ବେହେରା, ବାବୁଲି ବିଶୋଇ ଅଶୋକ ନନ୍ଦ, ରାଜୀବ ଦାଶ, ଅଶୋକ ମିଶ୍ର, ଦିଲିପ ସାହୁ, ଡା. ରାଧାକାନ୍ତ ସେଠ, ବିପ୍ଳବ ସାହୁ, ରବି ଖମାରୀ, କିଶୋର ଦଣ୍ଡସେନା, ବଳରାମ ନାଏକ, ରଂଜନ ନାଏକ, ଖିରୋଦ୍ର ସାହୁ, ଅଜିତ ସାହୁ, ଶମ୍ଭୁ ଚୋପଦାର, ରାମ ନାଏକ, ରଂଜନ ମହାରଣା, ଅର୍ଜନ ନାଗ, ପ୍ରମୋଦ ବେହେରା, ଅନୁରାଗ ତାଣ୍ଡି, ସୁନିଲ ବେହେରା, ଜିତୁ ନାଏକ, ଦେବରାଜ ଅମାତ, ଟିକଲ ପୁଟେଲ, ଖିରୋଦ୍ର ନାଗ ଆଦି ସହଯୋଗ କରିଥିଲେ ।

# କାର ଓ ବାଇକ୍ ମୁହାଁମୁହିଁ ଧକ୍କା , ଦମ୍ପତି ଗୁରୁତର

ବୁଗୁଡା,୧୮।୧୦ :(ମନ୍ଥନ)ବୁଗୁଡ଼ା ସହର ମୁଖ୍ୟ ସଡକରେ କାର ଓ ବାଇକ୍ ଗାଡି ମୁହାଁମୁହିଁ ଧକ୍କାରେ ବାଇକ୍ ଆରୋହୀ ଦମ୍ପତି ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଦୁର୍ଘଟଣାରେ ଗୁରୁତର ଥିବା ଦମ୍ପତି ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡିଆ ପଞ୍ଚାୟତ ଚାଙ୍ଗୁଡିଆପଦର ଗ୍ରାମର ବସନ୍ତ ସାହୁ (୫୦) ଓ ଚୁମୁକି ସାହୁ(୪୦)। ଘଟଣାରୁ ପ୍ରକାଶ ଯେ, ବୁଗୁଡା ଏନ୍ଏସି ଅନ୍ତର୍ଗତ ଗୋଲାମୁଣ୍ଡୁଳା ଗାଁରେ ଭଡାଘରେ ରହି ବେପାର କରୁଥିବା ବସନ୍ତ ତାଙ୍କର ସ୍ତ୍ରୀ ଚୁମୁକି ଓ ପୁଅ ଜଗା ଆଜି ଶନିବାର ପୂର୍ବାହ୍ନରେ ବାଇକରେ ବୁଗୁଡାରୁ ଗୋଲାମୁଣ୍ଡୁଳା ଗାଁକୁ ଫେରୁଥିଲେ। ଏହି ସମୟରେ ଆସ୍କାରୁ ନୟାଗଡ ଅଭିମୁଖେ ମୁଖ୍ୟ ସଡକରେ ଆସୁଥିବା ଏକ କାର ସହ ସ୍ଥାନୀୟ ଏଚଡ଼ିଏଫସି ବ୍ୟାଙ୍କ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। କାରଟି ବାଇକ୍ ସହ ଧକ୍କାହେବା ପରେ ପୁଣି ଏକ ଡାଲା ଅଟୋ ସହ ଧକ୍କା ହୋଇଥିଲା । ଦୁର୍ଘଟଣାରେ ବାଇକ ଆରୋହୀ ତିନିହେଁ ଆହତ




ହୋଇଥିଲେ। ଏ ନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ଦୁର୍ଘଟଣାରେ ବସନ୍ତଙ୍କ ଡାହାଣ ଗୋଡ ଭାଙ୍ଗିବା ସହ ମୁହଁରେ ଆଘାତ ଲାଗିଥିଲା ବେଳେ ଚୁମୁକିଙ୍କ ବାମ ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ପୁଅ ଜଗାର ମୁହଁରେ ଆଘାତ ଲାଗିଥିଲା। ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଦମ୍ପତିଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ କାର ମଧ୍ୟରେ ଥିବା ଚାଳକ ଆଶିଷ କୁମାର ଦାଶ ଓ ତାଙ୍କର ଭଉଣୀ ଆହତ ହୋଇନଥିବା ବେଳେ ଭଣଜା ଶ୍ରେୟାଂଶ ଶତପଥୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ତେବେ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର (ନଂ - ଓଡି ୦୨ ଏବି - ୬୪୧୯), ବାଇକ୍ (ନଂ-ଓଡି ୦୭ ଏଏକ୍ସ-୭୫୬୪) ଓ ନମ୍ବର ବିହୀନ ନୂଆଁ ଡାଲା ଅଟୋଟିକୁ ଉଦ୍ଧାର କରି ଥାନାକୁ ଆଣିଥିବା ଜଣାଯାଇଛି।

# ବିଶ୍ୱ ହାତଧୁଆ ଦିବସ-୨୦୨୬ ପାଳିତ

ଗୋପ,୧୮।୧୦ :(ମନ୍ଥନ) ପୁରୀ ଜିଲ୍ଲା ଗୋପ ବ୍ଲକ କୋଣାର୍କ ନିକଟସ୍ଥ ଅନସରା ଗ୍ରାମର ରୁଦ୍ରାୟଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ଓ ଲିଭପିଓର ଫାଉଣ୍ଡେସନଙ୍କ ମିଳିତ ସହଯୋଗରେ ବିଶ୍ୱ ହାତଧୂଆ ଦିବସ ପାଳନ କରାଯାଇଅଛି । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ହାତଧୁଆ ଦିବସର ଗୁରୁତ୍ୱ ଉପରେ ସଚେତନତା ରାଲି ଅନସରା ଗ୍ରାମ ପରିକ୍ରମା କରିଥିଲା । ପରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭାର ଆୟୋଜନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାନାମ୍ବର ବେହେରାଙ୍କ ଅଧକ୍ଷତାରେ ଆୟୋଜନ କରାଯାଇଥିଲା ଏହି ସଭାରେ ସୋଲାର ଅନୁଷ୍ଠାନର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ପ୍ରକଳ୍ପ ଅଧିକାରୀ ଚିତରଞ୍ଜନ ପରିଡା, ଏମ.ଇ. କନସୁଲଟାଂଟ ପୂର୍ଣ୍ଣଚନ୍ଦ୍ର ମହନ୍ତ, କ୍ଷେତ୍ର କର୍ମୀ ପ୍ରୀତିମଞ୍ଜରୀ ଦାଶ, ପ୍ରେମାନନ୍ଦ ସାମନ୍ତରାୟ, ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ, କାହ୍ନୁରାମ ହଂସଦା, ସୁପ୍ରିୟା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଯୋଗଦେଇ ହାତଧୂଆ ଦିବସର ତାତ୍ପର୍ଯ୍ୟ, ଗୁରୁତ୍ୱ ଓ



ଛାତ୍ରଛାତ୍ରୀମାନେ ନିପରି ସର୍ବଦା ଏହାର ଅଭ୍ୟାସ ରଖିବେ ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କ୍ଷେତ୍ର କର୍ମୀ ପ୍ରୀତିମଞ୍ଜରୀ ଦାଶ ହାତଧୂଆର ଛଅ ଗୋଟି କୌଶଳ ଅଭ୍ୟାସର ପ୍ରଦର୍ଶନ କରିବା ସହିତ ଛାତ୍ରଛାତ୍ରୀ ତ୍ରୀମାନଙ୍କୁ ତାହାର ଅଭ୍ୟାସ କରାଇଥିଲେ । ସୋଲାର ସମ୍ପାଦକ ତଥା ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ କମିଟିର ର ଆବାହକ ହରିଶ୍ଚନ୍ଦ୍ର ଦାଶ ଏହି ଅଭ୍ୟସକୁ ଜନସାଧାରଣମାନଙ୍କ ପାଖରେ ପଚାରିତ ଓ ପ୍ରସାରିତ କରିବା ପାଇଁ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ବାରେ ସୋଲାର ଅନୁଷ୍ଠାନର କ୍ଷେତ୍ର କର୍ମୀ ଅକ୍ଷୟ କୁମାର ସ୍ୱାଇଁ ଓ ରସାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବୁଗୁଡ଼ା ବ୍ଲକରେରେ 'ସେବା ସେତୁ' ଶିବିର କାର୍ଯ୍ୟକ୍ରମ

ବୁଗୁଡ଼ା,୧୮।୧୦ :(ମନ୍ଥନ)ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ 'ସେବା ସେତୁ' ଶିବିରଅନୁଷ୍ଠିତ ହୋଇଯାଇଛି । ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ




ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏବିଡିଓ ଧର୍ମରାଜ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହିଥିଲେ । ଏ ଅବସରରେ ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଅନୁମୋଦିତ ବିଭିନ୍ନ ବାଣିଜ୍ୟିକ ପ୍ରକଳ୍ପର ରିହାତି ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏଥି ସହ ଛେଳି ପାଳନ ଯୋଜନାରେ ହିତାଧିକାରୀ ଚୟନ ସାଙ୍ଗକୁ କୃଷି ଯୋଜନାରେ ବିହନ ପାଇଁ ରିହାତି ଅର୍ଥରାଶିର ଅନୁମୋଦନ କରାଯାଇଥିଲା ବେଳେ ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ଦଶଟି ସ୍ୱଂୟ ସହାୟକ ଗୋଷ୍ଠୀକୁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

# ଛାତ୍ର ଆଇନ ସାକ୍ଷରତା କ୍ଲବରେ ଆଇନ ସାକ୍ଷରତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୮।୧୦ :(ମନ୍ଥନ)ଜଗତସିଂହପୁର ବ୍ଲକ ଅନ୍ତର୍ଗତ କାଦୁଅପଡାସ୍ଥିତ ଗାଦିବ୍ରମ୍ହ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଛାତ୍ର ଆଇନ ସାକ୍ଷରତା କ୍ଲବରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକର ତରଫରୁ ଆଇନ ସାକ୍ଷରତା କ୍ଲବ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣର ଆଇନ ସେବା ପ୍ରାଧିକରଣ ମାଧମରେ ବିପର୍ଯ୍ୟୟ ପୀଡ଼ିତଙ୍କୁ ଆଇନଗତ ସେବା ଯୋଜନା, ୨୦୧୦ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ




ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ । ଏହା ପରେ ଆଇନ ସେବା ପ୍ରାଧିକରଣ ସଚିବ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ବିଦ୍ୟାଳୟରେ ଆଇନ ସାକ୍ଷରତା କ୍ଲବ କିପରି କାର୍ଯ୍ୟ କରିଥାଏ ଏବଂ ବିଦ୍ୟାର୍ଥୀଙ୍କ ଜରିଆରେ ତୃଣ ମୂଳ ସ୍ତରରେ କିପରି ଆଇନ ସାକ୍ଷରତା ସୃଷ୍ଟି କରିହେବ ଏହି ବିଷୟରେ ଆଲୋଚନା କରିବା ସହ ପ୍ରାକୃତିକ ବିପର୍ଜୟର ଶିକାର ହେଉଥିବା ବ୍ୟକ୍ତିଙ୍କୁ କିପରି ଆଇନ ସେବା ଦିଆଯାଇପାରିବ ଏହି ବିଷୟରେ ସଚିବ ବିସ୍ତୃତ ଭାବେ ସଚେତନ କରାଇଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରା ମଦ ଜବତ,୭ଗିରଫ

କେନ୍ଦ୍ରାପଡ଼ା,୧୮।୧୦ :(ମନ୍ଥନ) ପାର୍ବଣ ଋତୁକୁ ଆଖି ଆଗରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରାମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, ମାର୍ଶାଘାଇ, ଡେରାବିଶ ଓ ତାଳଚୁଆ ସାମୁଦ୍ରିକ ଥାନା ଅଧିନ ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଅମରାବତୀ ଗ୍ରାମର ପ୍ରଦୀପ ପଣ୍ଡା (୩୪)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ, ଶୀଳାପୋଖରୀ ଗ୍ରାମର ଲକ୍ଷ୍ମୀ ମଣ୍ଡଳ(୩୬)ଙ୍କ ନିକଟରୁ ୩୪ ଲିଟର ଚୋରା ବିଦେଶୀ ମଦ, ବାଲିଶୁଆଁ ଗ୍ରାମର ଗଗନ ସ୍ୱାଇଁ (୪୯)ଙ୍କ ନିକଟରୁ ୨୫



ଲିଟର ଚୋରା ଦେଶୀ ମଦ, ଗୋବର୍ଦ୍ଧନପୁର ଗ୍ରାମର ସବିତା ରାଉତ(୩୬)ଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ, ସୁବଳ ଗ୍ରାମର ଦିଲୀପ କୁମାର ସ୍ୱାଇଁ(୪୪)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ ଏବଂ ଡେରାଡିଅ ଗ୍ରାମର ସୁବାଶ ସାହୁ(୫୫)ଙ୍କ ନିକଟରୁ ୨୪ ଲିଟର ଚୋରା ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁ(୪୬)ଙ୍କ ନିକଟରୁ ୩୨ ଲିଟର ବିଦେଶୀ ମଦ ଜବତ ହୋଇଥିଲା। ଏହି ଚଢ଼ାଉରେ ମୋଟ ୧୯୧ ଲିଟର ଚୋରା ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିବାବେଳେ ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି ।

# ଶ୍ରୀବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୧୮।୧୦ :(ମନ୍ଥନ)କେନ୍ଦ୍ରାପଡ଼ାର ଶ୍ରୀ ସିଦ୍ଧ ବଳଦେବଜୀଉ ପାଲା ମଣ୍ଡଳ ପକ୍ଷରୁ ଗାୟକ ଭୂଷଣ ସ୍ୱର୍ଗତ ଗୋପବନ୍ଧୁ ନାଥଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଦୁହୁରିଆ ଯଜ୍ଞେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଦେଷ୍ଟା ଗାୟକ ଚିନ୍ମୟ ଦାଶ ସଭାପତିତ୍ୱ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ଗାୟକ ଶୁଶାନ୍ତ କୁମାର ମଲ୍ଲିକ, ଗାୟକ ସୁବାଷ ଚନ୍ଦ୍ର ଶତପଥି,ଗାୟକ ପ୍ରକୃତିବନ୍ଧୁ ଗଗନ ବିହାରୀ ସିଂହ, ଗାୟକ ଆକାଶବାଣୀ ଶିଳ୍ପୀ କ୍ଷୀରୋଦ କୁମାର ନାଥ, ଗାୟକ ଦଶରଥ ରାଉତ, ବାୟକ ବାନାମ୍ବର ଦାସ, ସୁଦର୍ଶନ ମଲ୍ଲିକ, ସଂଗୀତ ଶାରଦା ପ୍ରସନ ନାଥ, ଗଙ୍ଗାଧର ବାରିକ, କୁଳମଣି ନାୟକ, ଅକ୍ଷୟ କୁମାର ସ୍ୱାଇଁ, ଶଙ୍କର ନାଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାଥଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାୟକ ରମାକାନ୍ତ ପଣ୍ଡା ବେଦପାଠ କରିଥିଲେ। ଏହାପରେ ଗାୟକ ଭୂଷଣଙ୍କ ସ୍ୱ ଲିଖିତ ପୁସ୍ତକ ରୁ ସଂଗୀତ ପରିବେଷଣ କରାଯାଇଥିଲା।

ଆଞ୍ଚଳିକ ମନ୍ଥନ

ସୋମବାର,୧୯ ଅକ୍ଟୋବର ୨୦୨୬, ଭୁବନେଶ୍ୱର Monday,19 October 2026, Bhubaneswar





## ବାଉଁଶ ବୋଝେଇ ଗାଡ଼ି ପାଲଟିଛି ମରଣଯନ୍ତା

# ଶୁଳିଆପଦା ଓ ଚାନ୍ଦୁଆ ଅଞ୍ଚଳରେ ବିପଦରେ ପଥଚାରୀ



ମୋରଡ଼ା,୧୮।୧୦ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲାରେ ବାଉଁଶ ପରିବହନକୁ ନେଇ ଦେଖାଦେଇଛି ଗମ୍ଭୀର ସୁରକ୍ଷା ସମସ୍ୟା। ଶୁଳିଆପଦା ଥାନା ଓ ଚାନ୍ଦୁଆ ଥାନା ଅଞ୍ଚଳର ବିଭିନ୍ନ ପ୍ରମୁଖ ରାସ୍ତାରେ ଓଭରଲୋଡିଂ ବାଉଁଶ ବୋଝେଇ ଟ୍ରାକ୍ଟର ଏବଂ ବଡ଼ ବଡ଼ ଟ୍ରକ୍ ଚଳାଚଳ କରୁଥିବା ଅଭିଯୋଗ ହେଉଛି। ଗାଡ଼ିରେ ବୋଝେଇ ହୋଇଥିବା ବାଉଁଶଗୁଡ଼ିକ ଡାଲାରୁ ଅତ୍ୟଧିକ ଲମ୍ବା ହୋଇ ବାହାରକୁ ବାହାରି ରହୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଓ ଅନ୍ୟ ଯାନବାହନ ଚାଳକଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ସାମାନ୍ୟ ଅସାବଧାନତା ଯୋଗୁଁ ଘଟିପାରେ ବଡ଼ ଦୁର୍ଘଟଣା। ରାସ୍ତାରେ ଯାଉଥିବା ଦୁଇଚକିଆ ଯାନ ଚାଳକ, ସାଇକେଲ ଆରୋହୀ ଏବଂ ପଥଚାରୀମାନେ ଏହି ବାଉଁଶ ବୋଝେଇ ଗାଡ଼ିଗୁଡ଼ିକୁ ଅତିକ୍ରମ କରିବା ସମୟରେ ବିପଦର ସମ୍ମୁଖୀନ ହେଉଥିବା ଆଶଙ୍କା ପ୍ରକାଶ ପାଇଛି। ବିଶେଷକରି ରାସ୍ତାର ବାଙ୍କ ଓ ସଂକୀର୍ଣ୍ଣ ସ୍ଥାନଗୁଡ଼ିକରେ ଏଭଳି ଲମ୍ବା ବାଉଁଶ ବୋଝେଇ ଗାଡ଼ି ଯାତାୟାତ କଲେ ଅନ୍ୟ ଗାଡ଼ି ଚାଳକଙ୍କ ପାଇଁ ରାସ୍ତା ଅତିକ୍ରମ କରିବା କଷ୍ଟକର ହୋଇପଡୁଛି। କେବଳ ଦୁର୍ଘଟଣା ଆଶଙ୍କା ନୁହେଁ, ଗାଡ଼ିରୁ ବାହାରକୁ ଅତ୍ୟଧିକ ଲମ୍ବା ହୋଇ ରହୁଥିବା ବାଉଁଶ ରାସ୍ତାରେ ଘଷି ହେବା ଯୋଗୁଁ ରାସ୍ତା ନଷ୍ଟ ହେବାର ମଧ୍ୟ ଆଶଙ୍କା ରହୁଛି। ଏଭଳି ପରିବହନ ବ୍ୟବସ୍ଥା ଯଦି ନିୟନ୍ତ୍ରଣ ବାହାରେ ରହେ, ତେବେ ରାସ୍ତାର ସ୍ଥାୟିତ୍ୱ ଓ ସାଧାରଣ ଲୋକଙ୍କ ଯାତାୟାତ ଉପରେ ଏହାର କୁପ୍ରଭାବ ପଡ଼ିପାରେ।ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ସନ୍ଧ୍ୟା ଓ ରାତ୍ରି ସମୟରେ ଏହି ବାଉଁଶ ବୋଝେଇ ଗାଡ଼ିଗୁଡ଼ିକର ଚଳାଚଳ। ଗାଡ଼ିର ଡାଲାରୁ ବାହାରକୁ ଲମ୍ବି ରହୁଥିବା ବାଉଁଶର ଶେଷ ଭାଗରେ ଯଥାଯଥ ଆଲୋକ ବା ଦୂରରୁ ଦେଖାଯାଉଥିବା ସତର୍କତା ଚିହ୍ନ ନଥିଲେ, ପଛରୁ ଆସୁଥିବା ଯାନବାହନ ଚାଳକମାନେ ଏହାକୁ ସହଜରେ ଚିହ୍ନଟ କରିପାରିବେ ନାହିଁ। ଫଳରେ ବାଉଁଶରେ ଗାଡ଼ି ପିଟି ହେବା କିମ୍ବା ଅନ୍ୟ ଦୁର୍ଘଟଣା ଘଟିବାର ଆଶଙ୍କା ବଢ଼ିଯାଉଛି। ପାର୍ବଣର ସମୟ ଦୁର୍ଗାପୂଜା ସମୟରେ ଯାତାୟାତ ସୁରକ୍ଷାକୁ ନେଇ ଏଭଳି ସ୍ଥିତି ସାଧାରଣ ଲୋକଙ୍କ ମନରେ ଚିନ୍ତା ବଢ଼ାଇଛି। ତେଣୁ ଶୁଳିଆପଦା ଓ ଚାନ୍ଦୁଆ ଥାନା ଅଞ୍ଚଳରେ ପୋଲିସ ପ୍ରଶାସନ ସହ ପରିବହନ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ଓ କଡ଼ା ନଜର ରଖିବାକୁ ଦାବି ଉଠୁଛି। ବିଶେଷକରି ରାତ୍ରିକାଳୀନ ଯାଞ୍ଚକୁ ଗୁରୁତ୍ୱ ଦେବା ସହ ଓଭରଲୋଡିଂ ଓ ଅସୁରକ୍ଷିତ ଭାବେ ବାଉଁଶ ପରିବହନ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ୮ ନଂ ୱାର୍ଡରେ ଶାନ୍ତି ଓ ଯୋଗ ମଣ୍ଡପ ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୧୦ :(ମନ୍ଥନ) ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୮ ନମ୍ବର ୱାର୍ଡର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ଦୁର୍ଗା ପଡିଆ ଠାରେ ଶାନ୍ତି ମଣ୍ଡପ ଓ ଯୋଗ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଯୁବନେତା ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଦୁଇଟି ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କର୍ପୋରେଟର ଲାଲ ମୋହନ ଟୁଡୁ, ବରିଷ୍ଠ ନାଗରିକ ସଂଘ ସଭାପତି ଡ. ମଧୁମାଧବ ଜେନା, ଦୁର୍ଗାପୂଜା କମିଟି ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ସନ୍ତୋଷ ମହାନ୍ତି, ସମାଜସେବୀ ଡ. ଭଗବାନ ଦାଶ, ବ୍ୟବସାୟୀ ସଂଘ ସଭାପତି, ସମ୍ପାଦକ ଓ ବିଭିନ୍ନ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଲୋନୀର ବହୁ ଜନସାଧାରଣ ଯୋଗଦାନ କରି ମନୋଜ ସାହୁଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ସଚେତନା ଶିବିର




ବଲାଙ୍ଗିର,୧୮।୧୦ :(ମନ୍ଥନ) ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ସଚେତନା ଶିବିର ସ୍ଥାନୀୟ ଶାନ୍ତିପଡା ଠାରେ ସଭାପତି ପ୍ରଭାକର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଂଚର ପ୍ରାୟ ୫୭ଜଣ ସଦସ୍ୟ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଉପସଭାପତି ଅଶୋକ ଚନ୍ଦ ଏବଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଓ ଅନ୍ୟମାନଙ୍କ ମଧ୍ୟରେ ମଂଚାସିନ ଥିଲେ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀ, ଉପ ସଭାପତି ଇଂ. ହରେକୃଷ୍ଣ ମେହେର, ସାଧାରଣ ସଂପାଦକ କପିଳେଶ୍ୱର ଖମାରୀ, କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା। ମୁଖ୍ୟ ଅତିଥିଙ୍କୁ ଉପଢୌକନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ ବରିଷ୍ଠ ଉପଦେଷ୍ଟା ଦୁର୍ଗା ପ୍ରସାଦ ହୋତା ଓ ସାଧାରଣ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ସମାଜରେ ଅବହେଳିତ ଜନସାଧାରଣଙ୍କର ଅସୁବିଧା ଯଦି ବରିଷ୍ଠ ନାଗରିକମାନଙ୍କର ଦୃଷ୍ଟିଗୋଚର ହୁଏ ତାହା ହେଲେ ସେ ବାବଦରେ ଆମ ବିଭାଗକୁ ଜଣାଇବେ ଓ ଆମ ବିଭାଗ ତରଫରୁ ଯେତେ ଶିଘ୍ର ହେବ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ। ଏତତବ୍ୟତିତ ଆଗାମୀ ଦିନରେ ଏକ ବୃହତ ବରିଷ୍ଠ ନାଗରିକ ସଚେତନା ଶିବିର ଆୟୋଜନ କରାଯିବ ଯେଉଁଥିରେ ଆଇନ ପରାମର୍ଶଦାତା, ଜିଲ୍ଲା ଓ ପୋଲିସ ପ୍ରଶାସନ ଅଧିକାରୀ, ବ୍ୟାଙ୍କ ଅଧିକାରୀମାନଙ୍କୁ ଆମନ୍ତ୍ରଣ କରାଯାଇ ସାଇବର କ୍ରାଇମ ଉପରେ ପରାମର୍ଶ ଦିଆଯିବ। ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲା ବରିଷ୍ଠ ନାଗରିକ ମଂଚର କଲ୍ୟାଣ ପାଇଁ ଅନୁଦାନ ରାଶି ୫୦ହଜାର ଟଙ୍କା ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଦାନ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବରିଷ୍ଠ ଉପଦେଷ୍ଟା, ଧନଞ୍ଜନ ମିଶ୍ର ଓ ଅଶୋକ କୁମାର ମିଶ୍ର, ଯୁଗ୍ମ ସଂପାଦକ ଗୌର ଚନ୍ଦ୍ର ପୁରୋହିତ ଓ ପୂର୍ଣ୍ଣଚନ୍ଦ୍ର ମେହେର, ସଂଗଠନ ସଂପାଦକ ବିନୟ ମିଶ୍ର, କାର୍ଯ୍ୟାଳୟ ସଂପାଦକ ଗଣେଷ ଚନ୍ଦ୍ର ପାଢି ଓ ସଦସ୍ୟ ଅଭିରାମ ପ୍ରଧାନ। ଏହି ଶିବିରକୁ ଆୟୋଜନ କରିଥିଲେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସହଯୋଗରେ ଜିଲ୍ଲା ବରିଷ୍ଠ ନାଗରିକ ମଂଚ। ଶେଷରେ ଧନ୍ୟବାଦ ଦେଇଥିଲେ ସୁନିଲ ଚନ୍ଦ୍ର ବିଶ୍ୱାଲ।

## ଗଞ୍ଜାମ କଲେଜ ଛାତ୍ର ସଂସଦ ନିର୍ବାଚନ ଅନିୟମିତତା ଅଭିଯୋଗ କରି ଉପ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଆଣିଲେ ଛାତ୍ର ନେତା

ଗଞ୍ଜାମ, ୧୮।୧୦ :(ମନ୍ଥନ)ଗଞ୍ଜାମ କଲେଜ ଛାତ୍ର ସଂସଦ ନିର୍ବାଚନ ରେ ଅନିୟମିତତା ନେଇ ବି ସିଜେଡି ଛାତ୍ର ମାନେ ନିର୍ବାଚନ କାଉଁଟିଂ ପରେ



କଲେଜ ଫାଟକ ରେ ଦୁଇଦିନ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଛତ୍ରପୁର ଉପଜିଲ୍ଲାପାଳ ତଥା ଗଞ୍ଜାମ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ଼ଃ ଶିବାଶିଷ ବରାଳ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଜୈନେକ କଲେଜ କର୍ମଚାରୀ ହିଁ ନିର୍ବାଚନ ହସ୍ତକ୍ଷେପ କରି ବିଭ୍ରାନ୍ତ କରିଥିବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି ଛାତ୍ର ନେତା । କାଉଁଟିଂ ସମୟରେ କାଉଁଟିଂ ଏଜେଣ୍ଟ ମାନଙ୍କୁ ଧମକ ଦେଇ ବାହାରକୁ ତଡ଼ିଦେବା ଏବଂ ସେହି ସମୟ ମଧ୍ୟରେ ବାଲାଟ ପେପର ବିପକ୍ଷ ଦଳ ର ଭୋଟ ବ୍ୟବଧାନ କୁ ବୃଦ୍ଧି କରିଥିବା ନେଇ ଅଭିଯୋଗ କରାଯାଇଛି। ଏପରିକି କଲେଜ ଛାତ୍ର ଛାତ୍ରୀ ଙ୍କୁ ବିସିଜେଡି ପାର୍ଥି ଙ୍କୁ ସମର୍ଥନ କଲେ ସମସ୍ୟା ଭୋଗିବ ବୋଲି ଧମକ ଦିଆଯାଇଛି । ଯାହାକୁନେଇ ସି ସି ଟିଭି ଫୁଟେଜ ସାର୍ବଜନୀନ କରାଯିବା ସହ ପୁନଃ ବ୍ୟାଲେଟ ପେପର ତର୍ଜମା କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବୀ କରାଯାଇଛି ।

# ବଲାଙ୍ଗିର ରେଳ ଷ୍ଟେସନରେ ଅତ୍ୟଧିକ ପାର୍କିଂ ଫି ଆଦାୟକୁ ବିରୋଧ

ବଲାଙ୍ଗିର, ୧୮।୧୦ :(ମନ୍ଥନ) ବଲାଙ୍ଗିର ରେଳ ଷ୍ଟେସନ ଯାନବାହନ ପାର୍କିଂ ପାଇଁ ଅତ୍ୟଧିକ ଫି ଆଦାୟକୁ ବିରୋଧ କରି ଆଜି ବିଭିନ୍ନ ସାମାଜିକ ସଂଗଠନ, ଶ୍ରମିକ ଓ ଋଷୀ ସଂଗଠନ, ସମାଜସେବୀ ଏବଂ ରାଜନୈତିକ ଦଳ ର ନେତୃବୃନ୍ଦ ବିଭୁଦତ୍ତ ମିଶ୍ରଙ୍କର ନେତୃତ୍ୱରେ ଏକତ୍ରିତ ହୋଇ ପ୍ରତିବାଦ ଜଣାଇଛନ୍ତି ।ଏହି ଅବସରରେ ରଳେବାଇର ଡିଭିଜିନାଲ ରେଳ ପ୍ରବନ୍ଧକ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଲାଙ୍ଗିର ରେଳ ଷ୍ଟେସନ ସିନିୟର ଷ୍ଟେସନ ମ୍ୟାନେଜର ଙ୍କୁ ପ୍ରଦାନ କରାଯାଇଥିଲା। ପ୍ରତିବାଦକାରୀଙ୍କ ଅଭିଯୋଗ ଅନୁଯାୟୀ, ବଲାଙ୍ଗିର ରେଳ ଷ୍ଟେସନର ପାର୍କିଂ ସ୍ଥଳରେ ଯାତ୍ରୀ ଓ ସେମାନଙ୍କୁ ଛାଡିବାକୁ ଆସୁଥିବା ଲୋକଙ୍କ ପାଇଁ ଆବଶ୍ୟକୀୟ ମୌଳିକ ସୁବିଧାର ଅଭାବ ରହିଛି। ପାର୍କିଂ ସ୍ଥାନ ରେ ଉପଯୁକ୍ତ ଛାତ କିମ୍ବା ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ନ ଥିବା ସତ୍ତ୍ୱେ ପାର୍କିଂ ଫି ଅତ୍ୟଧିକ ରହିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରେଳ ଷ୍ଟେସନ ହେଉଛି ସାଧାରଣ ଜନତାଙ୍କ ଯାତାୟାତର ଏକ ପ୍ରମୁଖ ମାଧ୍ୟମ। ପ୍ରତିଦିନ ଅନେକ ଯାତ୍ରୀ ନିଜ ପରିବାର ସଦସ୍ୟଙ୍କୁ ଟ୍ରେନରେ ଛାଡିବା କିମ୍ବା ଷ୍ଟେସନରୁ ନେବା ପାଇଂ ଆସିଥାନ୍ତି। ଏପରି ସ୍ଥିତିରେ ପାର୍କିଂ ଫି ସାଧାରଣ ଲୋକଙ୍କ ଆର୍ଥିକ ବୋଝ ବଢାଉଥିବା ବେଳେ ଆବଶ୍ୟକୀୟ ସୁବିଧାର ଅଭାବ ଏହି ସମସ୍ୟାକୁ ଆହୁରି ବଢାଇଛି। ଯେଉଁ ଠାରେ ଯାତ୍ରୀଙ୍କୁ ଆବଶ୍ୟକୀୟ ମୌଳିକ ସୁବିଧା ମିଳୁନାହିଁ, ସେଠାରୁ ଏତେ ଅଧିକ ପାର୍କିଂ ଫି, ଆଦାୟ କରିବା କେତେ ଯୁକ୍ତିସଙ୍ଗତ। ଜନସାଧାରଣଙ୍କ ଉପରେ ଅଯଥା ଆର୍ଥିକ ବୋଝ ଲଦିବା ପରିବର୍ତ୍ତେ, ଉପଯୁକ୍ତ ସୁବିଧା ସହ ନ୍ୟାୟ ସଙ୍ଗତ ପାର୍କିଂ ବ୍ୟବସ୍ଥା କରିବା ରେଳବାଇର ଦାୟିତ୍ୱ। ଜନସ୍ୱାର୍ଥ ଏହି ପ୍ରସଙ୍ଗରେ ରେଳବାଇ କର୍ତ୍ତୃପକ୍ଷ ଶିଘ୍ର ସକରାତ୍ମକ ପଦକ୍ଷେପ ନେବେ



ଏହି ପ୍ରତିବାଦ କେବଳ ପାର୍କିଂ ଫି ବିରୋଧରେ ନୁହେଁ, ବରଂ ଯାତ୍ରୀଙ୍କ ଅଧିକାର, ସ୍ୱଚ୍ଛତା, ମୌଳିକ ସୁବିଧା ଏବଂ ଜନସାଧାରଣଙ୍କ ପ୍ରତି ରେଳବାଇର ଦାୟିତ୍ୱବୋଧ ସହ ଜଡିତ ଏକ ଜନସ୍ୱାର୍ଥର ପ୍ରସଙ୍ଗ। ବଲାଙ୍ଗିରବାସୀଙ୍କ ନ୍ୟାୟ ସଙ୍ଗତ ଦାବିକୁ ଗୁରୁତ୍ୱ ଦେଇ ରେଳବାଇ ର ଉଚ୍ଚ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗ ରେ ତୁରନ୍ତ ହସ୍ତକ୍ଷେପ କରିବା ସହ ପାର୍କିଂ ଫି ର ଯୁକ୍ତି ସଙ୍ଗତତା ଯାଞ୍ଚ କରି ଅବଶ୍ୟ ସଂଶୋଧନ କରନ୍ତୁ ବୋଲି ପ୍ରତିବାଦକାରୀମାନେ ଦାବି କରିଛନ୍ତି। ବୋଲି ଆନ୍ଦୋଳନକାରୀମାନେ ଆଶ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳି ରେ ଆମ ଆଦମି ପାର୍ଟିର ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ର ସଭ୍ୟ ଆଶିଷ ପାଣ୍ଡେ, ପଶ୍ଚିମ ଓଡିଶା ସେବା ସଂଘର ସଭାପତି ରାଜେଶ ବଗର୍ତି, ଆବାହକ ଦେଓଗାଁ ଟିନିକଲ ସଂଘର୍ଷ ସମିତି, ଶଙ୍କର ପ୍ରସାଦ ପାଣିଗ୍ରାହୀ ଜିଲ୍ଲା ସମ୍ପାଦକ ଓଡିଶା ସୂଚନା ଅଧିକାର ଅଭିଯାନ, ପ୍ରଦ୍ୟୁମ୍ନ କୁମାର ବାବୁ ସମ୍ପାଦକ କୃଷକ ସଂଘର୍ଷ ସମିତି, ପରମେଶ୍ୱର ବାବୁ, ପିଣ୍ଟୁ ସାହୁ ଦେଓଗାଁ ଟିନିକଲ ସଂଘର୍ଷ ସମିତି ଓ ଆକାଶ କୁମାର ସାହୁ ଆଦି ପ୍ରମୁଖ ଯୋଗ ଦେଇ ଦାବିପତ୍ର ପ୍ରଦାନ କରିଥିଲେ।

## କାକଟପୁର ବ୍ରାଞ୍ଚ କେନାଲରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

ଫୁଲନଖରା,୧୮।୧୦ :(ମନ୍ଥନ)କଟକ ସଦର ଥାନା ଅନ୍ତର୍ଗତ ଉରାଳି ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକା ଶ୍ରିୟା ଭୋଇଙ୍କ ମୃତଦେହ କାକଟପୁର ବ୍ରାଞ୍ଚ କେନାଲର ତରଣପଡ଼ା ନିକଟରୁ ଉଦ୍ଧାର ହେବା ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ନାବାଳିକାଙ୍କ ମୃତ୍ୟୁକୁ ନେଇ ପରିବାରବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ନ୍ୟାୟ ଦାବିରେ ସେମାନେ ସଦର ଥାନା ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଘଟଣାରେ ପରିବାରବର୍ଗଙ୍କ ଅଭିଯୋଗ ପରେ ପୋଲିସ ସୁଶାନ୍ତ ଭୋଇ ନାମକ ଜଣେ ଯୁବକଙ୍କୁ ହେପାଜତକୁ ନେଇଛି।ସୂଚନା ଅନୁଯାୟୀ, ଶ୍ରିୟା ଗତ ଶୁକ୍ରବାର ଦିନ ପ୍ରାୟ ୧୨ଟାରୁ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ଫେରି ନଥିବାରୁ ପରିବାରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତଥାପି ତାଙ୍କର କୌଣସି ସନ୍ଧାନ ନମିଳିବାରୁ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ କଟକ ସଦର ଥାନାରେ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ।ତେବେ ଶନିବାର ସକାଳ ପ୍ରାୟ ୧୦ଟା ସମୟରେ ତରଣପଡ଼ା ନିକଟସ୍ଥ କାକଟପୁର ବ୍ରାଞ୍ଚ କେନାଲରେ ଜଣେ ନାବାଳିକାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଉଦ୍ଧାର ହୋଇଥିବା ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଜଣାପଡ଼ିଥିବାରୁ ଘଟଣାକୁ ନେଇ ସନ୍ଦେହ ଆହୁରି ଘନୀଭୂତ ହୋଇଥିଲା।ମୃତଦେହଟି ଉରାଳି ଗ୍ରାମର ନିଖୋଜ ନାବାଳିକା ଶ୍ରିୟା ଭୋଇଙ୍କର ବୋଲି ଚିହ୍ନଟ ହେବା ପରେ ପରିବାରବର୍ଗ ଭାଙ୍ଗିପଡ଼ିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହ ଫେରାଇ ଅଣାଯିବା ସମୟରେ ପରିବାରଲୋକେ ଏହି ଘଟଣାରେ ନ୍ୟାୟ ଦାବି କରି ସଦର ଥାନାର ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ କରିଥିଲେ। ଫଳରେ ଥାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।ମୃତ ଶ୍ରିୟାଙ୍କ ପରିବାରବର୍ଗ ତାଙ୍କ ପୁରୁଷ ବନ୍ଧୁ ସୁଶାନ୍ତ ଭୋଇ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ ପ୍ରକାଶ କରିବା ସହ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ସୁଶାନ୍ତଙ୍କ ଘର କଟକ ସଦର ଥାନା ଅନ୍ତର୍ଗତ ସୁମାଣ୍ଡି ଗ୍ରାମରେ ବୋଲି ଜଣାପଡ଼ିଛି। ପରିବାରବର୍ଗଙ୍କ ଦାବି ପରେ ପୋଲିସ ତାଙ୍କୁ ହେପାଜତକୁ ନେଇ ଅଟକ ରଖିବା ପରେ ଥାନା ସମ୍ମୁଖରେ ଦେଖାଦେଇଥିବା ଉତ୍ତେଜନା କିଛି ମାତ୍ରାରେ ହ୍ରାସ ପାଇଥିଲା।ତେବେ ଜଣେ ନାବାଳିକାଙ୍କ ମୃତ୍ୟୁକୁ ନେଇ ଉଠିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଏବେ ପୋଲିସ ତଦନ୍ତ ଉପରେ ନିର୍ଭର କରୁଛି।

# ଓଡ଼ିଶାରେ କୋରେକ୍ସ ଚୋରା କାରବାରର ବଡ଼ ନେଟୱର୍କ ଠାବ, ଖୋରଧାରେ ୧୦ ଗିରଫ



ଖୋରଧା, ୧୮।୧୦ :(ମନ୍ଥନ)ନିଶା କାରବାର ବିରୋଧରେ ଖୋରଧା ପୁଲିସର ବଡ଼ ଧରଣର ଚଢ଼ଉ। ଆନ୍ତଃରାଜ୍ୟ କୋରେକ୍ସ କଫ୍ ସିରପ୍ ଚୋରା ଯୋଗାଣ ନେଟୱର୍କର ପର୍ଦ୍ଦାଫାସ କରି ପୁଲିସ ୧୦ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୫,୫୨୦ ବୋତଲ କୋଡିନ୍ ଯୁକ୍ତ କଫ୍ ସିରପ୍ ? ଜବତ ହୋଇଛି। ଜବତ ସିରପ୍ର ପରିମାଣ ପ୍ରାୟ ୫୫୨ ଲିଟର। ଏହି କାରବାରର ମୁଖ୍ୟ ଯୋଗାଣକାରୀ ଭାବେ ବିହାର ମୂଳନିବାସୀ ଗୋପୀନାଥ ଯାଦବ ଓରଫ୍ ଗୋପୀ ଯାଦବଙ୍କୁ ପୁଲିସ ଚିହ୍ନଟ କରିଛି।ପୁଲିସ ପ୍ରେସ୍ ରିଲିଜ୍ ଅନୁଯାୟୀ, ଅକ୍ଟୋବର ୧୮ ତାରିଖ ଭୋର୍ ପ୍ରାୟ ୪ଟା ୫୦ ମିନିଟ୍‌ରେ ଖୋରଧା-ନୟାଗଡ଼ ନୂଆ ବାଇପାସ୍ ରାସ୍ତାର ନୂଆଗାଁ ନିକଟରେ ଏହି ଚଢ଼ଉ ହୋଇଥିଲା। କଟକ ପଟୁ ଖୋରଧା ଓ ନୟାଗଡ଼ ଅଞ୍ଚଳକୁ ବିପୁଳ ପରିମାଣର କଫସିରପ୍ ଚାଲାଣ ହେଉଥିବା ସୂଚନା ପାଇ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଥାନା ପୁଲିସ ଏହି ଅଭିଯାନ ଆରମ୍ଭ କରିଥିଲା। ଖୋରଧା ଏସ୍‌ପି ପରମାର ସ୍ମିତ ପର୍ଶଉମଦାସଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସ୍ୱାଗତିକା ଦାସଙ୍କ ନେତୃତ୍ୱରେ ଗଠିତ ଟିମ୍ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।ତଦନ୍ତ ସମୟରେ କୋରେକ୍ସ ଯୋଗାଣର ସୂତ୍ର କୋଲକାତା, ହରିୟାଣା ଓ ଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଥିବା ପୁଲିସ ଦାବି କରିଛି। ଏହି ନେଟୱର୍କରେ ମୁଖ୍ୟ ଯୋଗାଣକାରୀଙ୍କ ସହ ପରିବହନକାରୀ, ମହଜୁଦକାରୀ ଓ ସ୍ଥାନୀୟ ବିତରକମାନେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଗୋଟିଏ ଚାଲାଣକୁ ଧରିବାରେ ସୀମିତ ନ ରହି ସମ୍ପୂର୍ଣ୍ଣ ଯୋଗାଣ ଶୃଙ୍ଖଳର ଖୋଳତାଡ଼ କରୁଛି ପୁଲିସ।ଏହି ମାମଲାରେ ଗୋପୀ ଯାଦବଙ୍କ ବ୍ୟତୀତ ଦିବ୍ୟରଞ୍ଜନ ଶ୍ରୀଚନ୍ଦନ, ସୌମ୍ୟରଞ୍ଜନ ସାହୁ, ଜ୍ୟୋତିରଞ୍ଜନ ସାହୁ, ଶମ୍ଭୁନାଥ ବାରିକ, ବିଷ୍ଣୁପ୍ରସାଦ ସେନାପତି, ରବୀନ୍ଦ୍ର ସୁନ୍ଦରାୟ, ସନ୍ତୋଷ ଗଜେନ୍ଦ୍ର, ଦୀପକ ବାରିକ ଓ ଶେଖ୍ ସଲାବତଙ୍କୁ ଗିରଫ କରାଯାଇଛି। ହରପ୍ରସାଦ ସେନାପତି ଓରଫ୍ ଟୁଲୁଙ୍କ ସମେତ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୁଲିସ ସୂଚନା ଦେଇଛି। ଫେରାର ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ କୋରେକ୍ସ ଯୋଗାଣକାରୀଙ୍କ ମ୍ୟାନେଜର ବୋଲି ଜଣାପଡ଼ିଛି।ଚଢ଼ାଉରେ ୫,୫୨୦ ବୋତଲ କଫ୍ ସିରପ୍ ସହ ଦୁଇଟି କାର୍, ଗୋଟିଏ ପିଆଜିଓ ଟ୍ରଲି ଅଟୋରିକ୍ସା, ଗୋଟିଏ ହୋଣ୍ଡା ସାଇନ୍ ମୋଟରସାଇକେଲ୍, ଗୋଟିଏ ଟିଭିଏସ୍ ଜୁପିଟର ସ୍କୁଟର, ୧୧ଟି ମୋବାଇଲ୍ ଫୋନ୍ ଓ ୩୦ ହଜାର ଟଙ୍କା ନଗଦ ଜବତ ହୋଇଛି।ଏନେଇ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଥାନାରେ କେସ୍ ନଂ ୩୩୭, ତାରିଖ ୧୮.୧୦.୨୦୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୧(ସି)/୨୯ ଅନୁଯାୟୀ ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତ ଏସ୍‌ଆଇ ଅଶୋକ କୁମାର ମହାନ୍ତି କରୁଛନ୍ତି।ପୁଲିସ ପକ୍ଷରୁ ଫେରାର ଅଭିଯୁକ୍ତଙ୍କୁ ଧରିବା, କଫ୍ ସିରପ୍ ରଖାଯାଉଥିବା ଗୋଦାମ ଠାବ କରିବା, ଆନ୍ତଃରାଜ୍ୟ ଯୋଗାଣକାରୀଙ୍କୁ ଚିହ୍ନଟ କରିବା ଓ ଆର୍ଥିକ କାରବାରର ତଦନ୍ତ ଜାରି ରହିଛି। ନିଶାଦ୍ରବ୍ୟର ବେଆଇନ କାରବାର ବିରୋଧରେ ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଖୋରଧା ପୁଲିସ କହିଛି। ବେଆଇନ ନିଶା କାରବାର ସମ୍ପର୍କରେ ସୂଚନା ଥିଲେ ନିକଟସ୍ଥ ଥାନା, ୧୧୨ କିମ୍ବା ଜାତୀୟ ନାର୍କୋଟିକ୍ସ ହେଲ୍ପଲାଇନ୍ ୧୯୩୩ରେ ଜଣାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ବାଲିଯାତ୍ରା ପାଇଁ ବଟେଶ୍ୱର ମନ୍ଦିରରେ ପ୍ରସ୍ତୁତ ବୈଠକ



ଗଞ୍ଜାମ,୧୮।୧୦ :(ମନ୍ଥନ)ଗଂଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ର କଣ୍ଟିଆଗଡ ନିକଟସ୍ଥ ପ୍ରସିଦ୍ଧ ବଟେଶ୍ୱର ମନ୍ଦିର ପରିସର ରେ ଶନିବାର ପୁଲିସ ପ୍ରଶାସନ ସହ ମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ବଟେଶ୍ୱର୍ ମନ୍ଦିର ସଭାପତି ପୀତାମ୍ବର ସ୍ୱାଇଁ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ କୁ ପରିଚାଳନା କରିଥିଲେ ପୂର୍ବତନ ସରପଂଚ ଦିଲୀପ ଛୋଟରାୟ । ଆସନ୍ତା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ରେ ବାଲିଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ପ୍ରତ୍ୟେକ ସୋମବାର ପ୍ରବଳ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ କୁ ଦୃଷ୍ଟିରେ ରଖି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥି ସହ ଟ୍ରାଫିକ ସମସ୍ୟା ,ଦୋକାନୀ ମାନଙ୍କ ସୁ ବ୍ୟବସ୍ଥା ଏବଂ ରାସ୍ତା ଜାମ୍ ହେବା ଓ ପାଣି ସମସ୍ୟା ସହ ୪ ଟି ସୋମବାର ରେ ସିସିଟିଭି ରେ ନଜର ଏବଂ ସମୁଦ୍ର ବେଳାଭୂମି ଉପରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ। ଏହି ବୈଠକରେ ଛତ୍ରପୁର ଏସଡ଼ିପିଓ ଚନ୍ଦନ ଘଡେଇ,ଅତିରିକ୍ତ ରମ୍ଭା ଥାନା ଅଧିକାରୀ ତୁଳାରାମ ମହାନନ୍ଦା, ହୁମ୍ମା ଫାଣ୍ଡି ଅଧିକାରୀ ବିନୟ ଦାଶ, ସୂଚନା ଲୋକ ସଂପର୍କ ଅଧିକାରୀ ସୌରଭ ପ୍ରଧାନ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ରଞ୍ଜିତ ପଲାଇ ପ୍ରମୁଖ ମଞ୍ଚସିନ ହେବା ସହ ବିଭିନ୍ନ ସମସ୍ୟା ଗୁଡିକର କିପରି ସମାଧାନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷକରି ଦୁଇବର୍ଷ ହେଲା ହୁମ୍ମା ବାଇପାସ ଠାରୁ ଶୈବପୀଠ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଠିକାଦାର ଙ୍କ ମନମାନି ଯୋଗୁଁ ସମ୍ପୂର୍ଣ୍ଣ ହୋଇନଥିବା ଯୋଗୁଁ ବୈଠକରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା ।ଶେଷରେ ମନ୍ଦିର ପରିଚାଳନା କମିଟି ଉପ ସଭାପତି ଶବର ତାରାଇ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ କଣ୍ଟିଆଗଡ଼, ନୀଳାଦ୍ରିପୁର, ଗୋଖରକୁଦା, ଖଟୁଆକୁଦା, ମୟୁରପଦା, ପୋଡ଼ମପେଟା ପ୍ରମୁଖ ୬ ଖଣ୍ଡ ଗ୍ରାମର ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ ।

ସୋମବାର ୧୯ ଅକ୍ଟୋବର, ୨୦୨୬, ଭୁବନେଶ୍ୱର

Monday 19 October, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶାରଦୀୟ ଦୁର୍ଗାପୂଜା

ଶାରଦୀୟ ଦୁର୍ଗାପୂଜାର ପବିତ୍ର ଅବସରରେ ସମଗ୍ର ଓଡ଼ିଶାବାସୀଙ୍କୁ ଅନ୍ତରର ଅସୀମ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ଶୁଭେଚ୍ଛା । ମାଆ ଦୁର୍ଗାଙ୍କ ଆଗମନ କେବଳ ଏକ ଧାର୍ମିକ ଉତ୍ସବର ଆରମ୍ଭ ନୁହେଁ, ଏହା ମଣିଷ ଜୀବନରେ ଆଶାର ନବୋଦୟ, ଅନ୍ଧକାର ଉପରେ ଆଲୋକର ବିଜୟ, ଅହଂକାର ଉପରେ ବିନୟର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ଚିରନ୍ତନ ପ୍ରତିଷ୍ଠାର ମହାନ ସନ୍ଦେଶ । ଶରତ ଋତୁର ନିର୍ମଳ ଆକାଶ, କାଶତଣ୍ଡୀର ଶୁଭ୍ର ହସ, ଶିଶିରସ୍ନାତ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ ଏବଂ ଢାକ, ଘଣ୍ଟ, ଶଙ୍ଖଧ୍ୱନିରେ ମୁଖରିତ ପରିବେଶ ଆମକୁ ସ୍ମରଣ କରାଏ ଯେ ଜୀବନ ଯେତେ ଦୁଃଖେ, ସଂଘର୍ଷ ଓ ଅନିଶ୍ଚିତତାରେ ପରିପୂର୍ଣ୍ଣ ହେଉନା କାହିଁକି, ଆଶାର ଦୀପ କେବେ ଲିଭିଯିବା ଉଚିତ ନୁହେଁ । ମାଆ ଦୁର୍ଗା ହେଉଛନ୍ତି ଆଦ୍ୟାଶକ୍ତି, ଜଗତ୍ଜନନୀ, ଅଭୟଦାୟିନୀ ଓ ଦୁର୍ଗତିନାଶିନୀ । ସେ କେବଳ ମନ୍ଦିରର ସିଂହାସନରେ ବିରାଜମାନ ଦେବୀ ନୁହନ୍ତି, ସେ ମଣିଷର ହୃଦୟରେ ଜାଗ୍ରତ ସାହସ, ବିବେକ, କରୁଣା, ଆତ୍ମବିଶ୍ୱାସ ଓ ଅନ୍ୟାୟ ବିରୋଧରେ ଦଣ୍ଡାୟମାନ ହେବାର ଅଦମ୍ୟ ଶକ୍ତିର ପ୍ରତୀକ । ଦେବୀ ଦୁର୍ଗାଙ୍କ ମହିଷାସୁରମର୍ଦ୍ଦିନୀ ରୂପ ଆମକୁ ଗଭୀର ଆଧ୍ୟାତ୍ମିକ ସତ୍ୟ ଶିଖାଏ । ମହିଷାସୁର କେବଳ ପୌରାଣିକ ଅସୁର ନୁହେଁ; ମଣିଷର ଅନ୍ତରରେ ଥିବା କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଅହଂକାର ଓ ଅବିବେକ ମଧ୍ୟ ତାହାର ପ୍ରତୀକ ଭାବେ ବୁଝାଯାଇପାରେ । ବାହାର ଜଗତକୁ ଜୟ କରିବା ପୂର୍ବରୁ ମଣିଷକୁ ନିଜ ଭିତରର ଏହି ଅସୁରମାନଙ୍କୁ ପରାସ୍ତ କରିବାକୁ ହୁଏ । ଅନ୍ୟକୁ ହରାଇବାରେ ବୀରତ୍ୱ ଥାଇପାରେ, କିନ୍ତୁ ନିଜର ଦୁର୍ବଳତାକୁ ଜୟ କରିବାରେ ରହିଛି ପ୍ରକୃତ ମହତ୍ତ୍ୱ । ଯେଉଁ ମଣିଷ ନିଜ କ୍ରୋଧକୁ ନିୟନ୍ତ୍ରଣ କରିପାରେ, ଲୋଭ ପରିବର୍ତ୍ତେ ? ସନ୍ତୋଷକୁ ଆପଣାଇପାରେ, ପ୍ରତିଶୋଧ ପରିବର୍ତ୍ତେ ? କ୍ଷମାକୁ ବାଛିପାରେ ଏବଂ ସ୍ୱାର୍ଥ ପରିବର୍ତ୍ତେ ? ପରୋପକାରକୁ ଜୀବନର ଧର୍ମ କରିପାରେ, ସେ ହିଁ ମାଆଙ୍କ ଆଶୀର୍ବାଦର ପ୍ରକୃତ ଅଧିକାରୀ । ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଜୀବନରେ ଦୁର୍ଗାପୂଜାର ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର । ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ଓଡ଼ିଶାରେ ଶାକ୍ତ, ଶୈବ ଓ ବୈଷ୍ଣବ ପରମ୍ପରାର ଅପୂର୍ବ ସମନ୍ୱୟ ଆମ ସଂସ୍କୃତିକୁ ଅନନ୍ୟ କରିଛି । ଏଠାରେ ଦେବୀ କେବଳ ପୂଜାର ଆରାଧ୍ୟା ନୁହନ୍ତି, ସେ ଘରର ଝିଅ, ପରିବାରର ମାଆ, ଗାଁର ରକ୍ଷାକର୍ତ୍ତ୍ରୀ ଏବଂ ସମାଜର ଶକ୍ତିସ୍ୱରୂପିଣୀ । କଟକର ଐତିହାସିକ ଦୁର୍ଗାପୂଜା, ଭୁବନେଶ୍ୱରର ମଣ୍ଡପମାଳା, ବ୍ରହ୍ମପୁରର ଭକ୍ତିମୟ ପରିବେଶ, ସମ୍ବଲପୁରର ଆଞ୍ଚଳିକ ଆସ୍ଥା ଏବଂ ଓଡ଼ିଶାର ଗାଁଗହଳିରେ ପାରମ୍ପରିକ ରୀତିନୀତି ଆମକୁ ନିଜ ମୂଳ ସହିତ ଯୋଡ଼ି ରଖେ । ଏହି ପର୍ବ ଆମକୁ କହେ ଯେ ଆଧୁନିକତାକୁ ଆପଣାଇବା ପାଇଁ ନିଜ ସଂସ୍କୃତିକୁ ତ୍ୟାଗ କରିବା ଆବଶ୍ୟକ ନୁହେଁ; ବରଂ ନିଜ ପରମ୍ପରାର ମୂଲ୍ୟବୋଧକୁ ଆଧୁନିକ ଜୀବନରେ ଜୀବନ୍ତ ରଖିବା ହିଁ ପ୍ରକୃତ ପ୍ରଗତି । ଆମ ଶାସ୍ତ୍ରରେ ଦେବୀଙ୍କୁ ସମସ୍ତ ଜୀବଙ୍କ ମଧ୍ୟରେ ଶକ୍ତି, ବୁଦ୍ଧି, ଦୟା ଓ ଚେତନାର ରୂପରେ ଦର୍ଶନ କରାଯାଇଛି । ତେଣୁ ଦେବୀଙ୍କୁ ପୂଜା କରିବାର ଅର୍ଥ କେବଳ ଫୁଲ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରିବା ନୁହେଁ; ନିଜ ଆଚରଣରେ ତାଙ୍କ ଦିବ୍ୟ ଗୁଣଗୁଡ଼ିକୁ ଧାରଣ କରିବା ମଧ୍ୟ । ଯଦି ଆମେ ମାଆଙ୍କ ସମ୍ମୁଖରେ ମଥା ନୁଆଁଇ ଘରକୁ ଫେରିବା ପରେ ଅସହାୟଙ୍କୁ ଅବହେଳା କରୁ, ନାରୀଙ୍କୁ ଅସମ୍ମାନ କରୁ, ଦୁର୍ବଳଙ୍କ ଅଧିକାର ଛଡ଼ାଇ ନେଉ, ତେବେ ଆମର ପୂଜାର ଆଧ୍ୟାତ୍ମିକ ଅର୍ଥ ଅପୂର୍ଣ୍ଣ ରହିଯାଏ । ଦେବୀଙ୍କ ଆରାଧନା ସେତେବେଳେ ସାର୍ଥକ ହୁଏ, ଯେତେବେଳେ ଆମ ହୃଦୟରେ ମାନବିକତା ଜାଗ୍ରତ ହୁଏ ଏବଂ ଆମ ହାତ ଅନ୍ୟର ଲୁହ ପୋଛିବାକୁ ଆଗେଇ ଆସେ । ଆଜିର ଜୀବନ ଦୌଡ଼, ପ୍ରତିଯୋଗିତା, ଅର୍ଥଚିନ୍ତା, ସାମାଜିକ ଚାପ ଓ ମାନସିକ ଅସ୍ଥିରତାରେ ପରିପୂର୍ଣ୍ଣ । ଅନେକ ଯୁବକ ଯୁବତୀ ଭବିଷ୍ୟତକୁ ନେଇ ଚିନ୍ତିତ, ଅନେକ ଛାତ୍ରଛାତ୍ରୀ ପରୀକ୍ଷା ଓ ଆଶାର ଚାପରେ ଅସ୍ଥିର, ଅନେକ ପରିବାର ଜୀବିକା ଓ ଦାୟିତ୍ୱର ଭାରରେ କ୍ଳାନ୍ତ, ଆଉ ଅନେକ ବୃଦ୍ଧବୃଦ୍ଧା ଏକାକୀପଣର ନିରବ ଯନ୍ତ୍ରଣା ବୋହି ଚାଲିଛନ୍ତି । ଏପରି ସମୟରେ ମାଆ ଦୁର୍ଗାଙ୍କ ଆରାଧନା ଆମକୁ ମନେ ପକାଏ ଯେ ଦୁର୍ବଳ ଅନୁଭବ କରିବା ପରାଜୟ ନୁହେଁ, କିନ୍ତୁ ନିରାଶାରେ ନିଜ ଶକ୍ତିକୁ ଭୁଲିଯିବା ଆମର କ୍ଷତି । ଜୀବନର ପ୍ରତ୍ୟେକ ସଂଘର୍ଷ ଆମକୁ ନିଜକୁ ନୂଆ ଭାବେ ଚିହ୍ନିବାର ସୁଯୋଗ ଦିଏ । ମାଆଙ୍କ ଦଶଭୁଜା ରୂପ ଆମକୁ ଶିଖାଏ ଯେ ଜୀବନର ଅନେକ ଦାୟିତ୍ୱକୁ ସାହସ, ସଂଯମ ଓ ବିବେକର ସହିତ ସମ୍ଭାଳିବାକୁ ହୁଏ । ତାଙ୍କ ହସ୍ତରେ ଥିବା ଅସ୍ତ୍ରଗୁଡ଼ିକ କେବଳ ଯୁଦ୍ଧର ପ୍ରତୀକ ନୁହେଁ; ସେଗୁଡ଼ିକ ଅନ୍ୟାୟ ବିରୋଧରେ ସାହସ, ଅଜ୍ଞାନ ବିରୋଧରେ ଜ୍ଞାନ, ଅଧର୍ମ ବିରୋଧରେ ନ୍ୟାୟ ଏବଂ ନିରାଶା ବିରୋଧରେ ଆଶାର ରୂପକ ଭାବେ ଆମକୁ ପ୍ରେରଣା ଦିଏ । ମାଆଙ୍କ ସିଂହ ନିର୍ଭୀକତାର ସନ୍ଦେଶ ଦିଏ, ତାଙ୍କ ଶାନ୍ତ ମୁଖମଣ୍ଡଳ ଶିଖାଏ ଯେ ଶକ୍ତି ସହିତ ଶାନ୍ତି ଓ କରୁଣାର ସମନ୍ୱୟ ରହିବା ଆବଶ୍ୟକ । କେବଳ ଶକ୍ତିଶାଳୀ ହେବା ମହତ୍ତ୍ୱ ନୁହେଁ, ନିଜ ଶକ୍ତିକୁ ଠିକ୍ କାର୍ଯ୍ୟରେ ବ୍ୟବହାର କରିବା ହିଁ ପ୍ରକୃତ ଧର୍ମ । ଏହି ପବିତ୍ର ପର୍ବ ନାରୀଶକ୍ତିର ମହତ୍ତ୍ୱକୁ ମଧ୍ୟ ନୂଆ ଭାବେ ଅନୁଭବ କରାଏ । ଯେଉଁ ସମାଜ ଦୁର୍ଗାଙ୍କୁ ଜଗତ୍ଜନନୀ ଭାବେ ପୂଜା କରେ, ସେହି ସମାଜରେ ପ୍ରତ୍ୟେକ ନାରୀଙ୍କୁ ସମ୍ମାନ, ସୁରକ୍ଷା, ସମାନ ସୁଯୋଗ ଓ ସ୍ୱାଧୀନ ଭାବେ ଆଗକୁ ବଢ଼ିବାର ପରିବେଶ ମିଳିବା ଉଚିତ । ମାଆଙ୍କ ପୂଜାମଣ୍ଡପରେ ନାରୀଶକ୍ତିର ଜୟଗାନ କରିବା ସହିତ ଘରେ, ଶିକ୍ଷାନୁଷ୍ଠାନରେ, କର୍ମକ୍ଷେତ୍ରରେ ଓ ସାର୍ବଜନୀନ ଜୀବନରେ ନାରୀଙ୍କ ମର୍ଯ୍ୟାଦା ରକ୍ଷା କରିବା ଆମର ଦାୟିତ୍ୱ । ଝିଅକୁ ଶିକ୍ଷା, ଆତ୍ମବିଶ୍ୱାସ ଓ ନିଜ ଜୀବନର ନିଷ୍ପତ୍ତି ନେବାର ସୁଯୋଗ ଦେବା ହେଉଛି ଦେବୀ ଆରାଧନାର ଏକ ଜୀବନ୍ତ ରୂପ । ନାରୀଙ୍କୁ ଦୁର୍ବଳ ଭାବିବା ନୁହେଁ, ତାଙ୍କ ଭିତରେ ଥିବା ଅସୀମ ସାମର୍ଥ୍ୟକୁ ଚିହ୍ନିବା ହିଁ ଦୁର୍ଗାପୂଜାର ପ୍ରକୃତ ଶିକ୍ଷା । ମାଆ ଦୁର୍ଗା ଆମକୁ ପରିବାରର ମହତ୍ତ୍ୱ ମଧ୍ୟ ବୁଝାନ୍ତି । ପରିବାର କେବଳ ଗୋଟିଏ ଘରେ ରହୁଥିବା ଲୋକମାନଙ୍କ ସମୂହ ନୁହେଁ, ଏହା ହେଉଛି ଭଲପାଇବା, ବିଶ୍ୱାସ, ତ୍ୟାଗ ଓ ପରସ୍ପର ପ୍ରତି ଦାୟିତ୍ୱର ଏକ ପବିତ୍ର ବନ୍ଧନ । ପର୍ବରେ ନୂଆ ପୋଷାକ କିଣିବା, ଘର ସଜାଇବା, ଆତ୍ମୀୟସ୍ୱଜନଙ୍କ ସହ ମିଳିବା ଓ ଆନନ୍ଦ ବାଣ୍ଟିବାର ମହତ୍ତ୍ୱ ଅଛି; କିନ୍ତୁ ତାଠାରୁ ଅଧିକ ମୂଲ୍ୟବାନ ହେଉଛି ପରସ୍ପରର ମନକୁ ବୁଝିବା, ଅଭିମାନ ଦୂର କରିବା ଓ ଭାଙ୍ଗିଯାଇଥିବା ସମ୍ପର୍କକୁ ପୁଣି ଯୋଡ଼ିବା । ଅନେକ ସମୟରେ ଗୋଟିଏ ସ୍ନେହଭରା କଥା, ଗୋଟିଏ କ୍ଷମାପ୍ରାର୍ଥନା କିମ୍ବା ଗୋଟିଏ ଆଲିଙ୍ଗନ ମଣିଷର ହୃଦୟରେ ନୂଆ ଆଶା ଜନ୍ମ ଦେଇପାରେ । ଏହି ଶାରଦୀୟ ଅବସରରେ ଆସନ୍ତୁ, ଆମେ ନିଜ ପରିବାରରେ ଶାନ୍ତି, ସମାଜରେ ସହଯୋଗ ଓ ଜୀବନରେ ସତ୍ୟନିଷ୍ଠାର ଦୀପ ପ୍ରଜ୍ୱଳିତ କରିବା । ଦୁର୍ଗାପୂଜା ଆମକୁ ଦାନ ଓ ସେବାର ପବିତ୍ରତା ମଧ୍ୟ ଶିଖାଏ । ପୂଜାମଣ୍ଡପର ଆଲୋକ ମଧ୍ୟରେ ଆମେ ଯଦି ଅନ୍ଧାରରେ ଥିବା ଗରିବ ପରିବାରକୁ ଭୁଲିଯାଉ, ତେବେ ଆମର ଆନନ୍ଦ ଅଧୁରା ରହିଯିବ । ଯେଉଁ ଶିଶୁଟି ନୂଆ ପୋଷାକ କିଣିବାର ସାମର୍ଥ୍ୟ ରଖେ ନାହିଁ, ଯେଉଁ ବୃଦ୍ଧ ଜଣକ ଔଷଧ ପାଇଁ ଅର୍ଥ ଯୋଗାଡ଼ କରିପାରୁନାହାନ୍ତି, ଯେଉଁ ଶ୍ରମିକ ପରିବାରଠାରୁ ଦୂରରେ ରହି ପର୍ବରେ ମଧ୍ୟ କାମ କରୁଛନ୍ତି, ଯେଉଁ ଅନାଥ ଶିଶୁଟି ସ୍ନେହର ଅଭାବ ଅନୁଭବ କରୁଛି, ସେମାନଙ୍କ ମୁହଁରେ ହସ ଫୁଟାଇବା ହେଉଛି ମାଆଙ୍କ ପାଦପଦ୍ମରେ ଅର୍ପିତ ଏକ ଅମୂଲ୍ୟ ଅର୍ଘ୍ୟ । ଧନର ପରିମାଣ ନୁହେଁ, ହୃଦୟର ଉଦାରତା ହିଁ ଦାନର ପ୍ରକୃତ ମାପକାଠି । ଅଳ୍ପ ସାମର୍ଥ୍ୟ ଥିଲେ ମଧ୍ୟ ଆମେ ଜଣେ ଭୋକିଲାଙ୍କୁ ଖାଦ୍ୟ, ଜଣେ ଛାତ୍ରଙ୍କୁ ପୁସ୍ତକ, ଜଣେ ଅସହାୟଙ୍କୁ ସାହାଯ୍ୟ କିମ୍ବା ଜଣେ ନିରାଶ ମଣିଷଙ୍କୁ ସାନ୍ତ୍ୱନା ଦେଇପାରିବା । ମଣିଷର ଲୁହ ପୋଛିବାରେ ଯେଉଁ ଆତ୍ମିକ ଶାନ୍ତି ମିଳେ, ତାହା କେବଳ ବାହ୍ୟ ଆଡ଼ମ୍ବରରେ ମିଳିପାରେ ନାହିଁ । ଆଜିର ପରିବେଶରେ ଦୁର୍ଗାପୂଜାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ହେଉଛି ପ୍ରକୃତି ପ୍ରତି ସମ୍ମାନ । ପ୍ରକୃତି ହେଉଛି ଜୀବନର ଆଧାର, ଆଉ ପ୍ରକୃତିର ସନ୍ତୁଳନ ନଷ୍ଟ ହେଲେ ମଣିଷର ଅସ୍ତିତ୍ୱ ମଧ୍ୟ ସଙ୍କଟରେ ପଡ଼େ ? । ପୂଜାର ଆନନ୍ଦ ପାଳନ କରିବା ସମୟରେ ଆମେ ପରିବେଶର ସୁରକ୍ଷା, ଶବ୍ଦ ପ୍ରଦୂଷଣର ନିୟନ୍ତ୍ରଣ, ଜଳସମ୍ପଦର ସଂରକ୍ଷଣ ଓ ପରିମଳ ପ୍ରତି ଯତ୍ନବାନ ହେବା ଆବଶ୍ୟକ । ଭକ୍ତିର ନାମରେ ପ୍ରକୃତିକୁ କ୍ଷତି ପହଞ୍ଚାଇବା ଆମ ଧାର୍ମିକ ମୂଲ୍ୟବୋଧ ସହ ସମଞ୍ଜସ ନୁହେଁ । ପରିବେଶ ଅନୁକୂଳ ପୂଜା, ଅନାବଶ୍ୟକ ଅପଚୟର ପରିହାର, ସ୍ୱଚ୍ଛତା ରକ୍ଷା ଓ ବୃକ୍ଷରୋପଣ ଭଳି କାର୍ଯ୍ୟ ମାଆଙ୍କ ପ୍ରତି ଆମର ଶ୍ରଦ୍ଧାକୁ କର୍ମରେ ପରିଣତ କରିପାରିବ । ଆମେ ଭୁଲିବା ଉଚିତ ନୁହେଁ ଯେ ମାଟି, ଜଳ, ବାୟୁ, ବୃକ୍ଷଲତା ଓ ସମସ୍ତ ଜୀବଜଗତର ସୁରକ୍ଷା ହେଉଛି ଆଗାମୀ ପିଢ଼ି ପ୍ରତି ଆମର ପବିତ୍ର ଦାୟିତ୍ୱ । ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଏହି ପର୍ବ ଏକ ବିଶେଷ ପ୍ରେରଣାର ଉତ୍ସ ହେବା ଉଚିତ । ଯୁବାବସ୍ଥା ହେଉଛି ସ୍ୱପ୍ନ ଦେଖିବା, ନିଜକୁ ଗଢ଼ିବା ଓ ସମାଜ ପାଇଁ କିଛି କରିବାର ସମୟ ।

# ମା' ଦ୍ୱିଭୁଜା କ୍ଷେତ୍ରାଧିଶ୍ୱରୀ ବିରଜାଙ୍କ ପୀଠ; ଯାଜପୁର/ ଯଜ୍ଞନଗ୍ର

### ସୁଶ୍ରୀ କଳ୍ପନା ପଣ୍ଡା

ଶ୍ୟାମାଂ ବର୍ହିକଳା ପ୍ରଶେଖର ଯୁତା ମାବଦ୍ଧ ପର୍ଣ୍ଣାଂ ଶୁକାଂ
ଗୁଞ୍ଜାହାର ଲସତ ପୟୋଧରନତାଂ ମଷ୍ଟାହିପାନ୍ ବିଭ୍ରତାଂ
ତାଡ଼କାଙ୍ଗଦ ମେଖଳା ଗୁଡ଼ାରଥ ନ୍ନଞ୍ଜାରତାଂ ପ୍ରାପ୍ତିତାନ୍
କୈରାତିଂ ବରଦା ଭୟୋଦ୍ୟତକରାଂ ଦେବୀଂ ତ୍ରିନେତ୍ରାଂ ଭଜେ ।।

ଓଡ଼ିଶାର ପଞ୍ଚକ୍ଷେତ୍ର ମଧ୍ୟରେ ଅନ୍ୟତମ ଯାଜପୁର ବା ବିରଜା କ୍ଷେତ୍ର । ମା' ବିରଜାଙ୍କ ମହିମା ଅପାର ଓ ଅନନ୍ୟ । ପୁରାଣ ଅନୁସାରେ ଏହା ଏକ ପବିତ୍ର ଶକ୍ତିପୀଠ । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ଦ୍ୱିଭୁଜା ମା' ବିରଜାଙ୍କର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ଅନ୍ୟ ଦେବୀପୀଠ ପରି ଏକ ପ୍ରକାର ଉପାସନାରେ ସୀମିତ ନୁହେଁ । ବିଭିନ୍ନ ପୁରାଣ ଓ ତନ୍ତ୍ରଶାସ୍ତ୍ରାଦିରେ ସେ ଭିନ୍ନ ରୂପରେ ନାନା ମନ୍ତ୍ରରେ ଆରାଧିତା । ଆଲୋକ ରୂପ ସାମାନ୍ୟା ମା' ବିରଜାଙ୍କର ବୈଶିଷ୍ଟ୍ୟ ପ୍ରାଚୀନଗ୍ରନ୍ଥ ମହାଭାରତର 'ବନପର୍ବ'ର ୧୧୪ତମ ଅଧ୍ୟାୟରେ ସୂଚନା ରହିଛି । 'ବିରଜା କ୍ଷେତ୍ରମାସାଧ, ବିରାଜତେ ଯଥା ଶଶି' । ପୂର୍ବେ ବିରଜା ତୀର୍ଥ ଭାରତର ବ୍ରାହ୍ମଣ୍ୟଧର୍ମର ପ୍ରମୁଖ ତୀର୍ଥ ବା ପୀଠ ଭାବରେ ବିଦିତ ରହିଥିଲା । ବିରଜା ତୀର୍ଥ ଓ ବୈତରଣୀ ନଦୀର ପବିତ୍ରତା ସଂପର୍କରେ ମହର୍ଷି ପୁଲସ୍ତ୍ୟ ପାଣ୍ଡବମାନଙ୍କୁ ବୁଝାଇଛନ୍ତି । ଋକ୍‌ବେଦରେ ମଧ୍ୟ ଶାକ୍ତ ପରମ୍ପରାର ନିଦର୍ଶନ ରହିଛି । ଯଜୁର୍ବେଦରେ ଯଜ୍ଞଜା ବିରଜା ଏବଂ ସାମବେଦରେ



ଗାୟତ୍ରୀ ମନ୍ତ୍ରରେ ବିରଜା ହେଉଛନ୍ତି ଚିନ୍ମୟୀ ଓ ସତ୍ତ୍ୱମୟୀ । ଯଜ୍ଞର ଉଦ୍‌ଗାତା ବ୍ରହ୍ମା ଅର୍ଥବ ବେଦରେ ମା' ବିରଜାଙ୍କୁ ଯଜ୍ଞ ସଂସ୍କାରଦ୍ୱାରା ଆର୍ଯ୍ୟଦେବୀ ରୂପେ ବିଭୂଷିତ କରିଛନ୍ତି । ପୁରାଣ ପ୍ରସଙ୍ଗରୁ ସୂଚନା ମିଳେ ଯେ ମହର୍ଷି ଅଗସ୍ତ୍ୟ ପତ୍ନୀ ଲୋପାମୁଦ୍ରାଙ୍କ ସହିତ ପ୍ରଥମେ ଏଠାରେ ବିନ୍ଧ୍ୟପର୍ବତ ଅତିକ୍ରମ କରି ଆର୍ଯ୍ୟାୟନ ପ୍ରସାର ନିମିତ୍ତ ଯାତ୍ରା ଆରମ୍ଭ କରିଥିଲେ । ଦେବୀ ଭାଗବତର ବର୍ଣ୍ଣନା ଅନୁଯାୟୀ ପ୍ରାକ୍- ଆର୍ଯ୍ୟ ସମ୍ପ୍ରଦାୟ ଦ୍ୱାରା ବିନ୍ଧ୍ୟଗିରୀବାସିନୀ ମା' ବିରଜା ରୂପେ ପୂଜିତ ହେଉଥିଲେ । 'ପଦ୍ମପୁରାଣ'ରେ ବିଷ୍ଣୁଙ୍କ ଭଗ୍ନୀ ବିନ୍ଧ୍ୟବାସିନୀ ଏବଂ ବରାହମିହିରଙ୍କ 'ବୃହତ୍‌ସଂହିତା'ରେ ଦ୍ୱିଭୁଜାର ବର୍ଣ୍ଣନା ମିଳେ । 'ସ୍କନ୍ଦପୁରାଣ'ର ବର୍ଣ୍ଣନା ଅନୁଯାୟୀ ମା' ବିରଜାଙ୍କୁ ଏକନଂସା ଅର୍ଥାତ୍ ମା' ପାର୍ବତୀଙ୍କର ଅଂଶ ସମ୍ଭୂତା ବୋଲି କୁହାଯାଇଛି । ଏଣୁ ପଣ୍ଡିତମାନେ ପ୍ରଭୁ ଜଗନ୍ନାଥ, ବଳଭଦ୍ରଙ୍କ ମଧ୍ୟରେ ମା' ସୁଭଦ୍ରାଙ୍କୁ ଏକନଂସାଙ୍କ ଅବତାର ବୋଲି ଗ୍ରହଣ କରିଥାନ୍ତି । ତେଣୁ ସୁଭଦ୍ରାଙ୍କୁ ମଧ୍ୟ ମା'ଦୁର୍ଗାଙ୍କ ଅବତାର ବୋଲି ମାନାଯାଏ । ମା'ବିରଜାଙ୍କ ପ୍ରଭାବରେ ଓଡ଼ିଶାରେ ଶକ୍ତିପୀଠ ଓ ତନ୍ତ୍ରପୀଠଗୁଡ଼ିକର ଅଭ୍ୟୁଦୟ ହୋଇଥିଲା । ଶୂଦ୍ରମୁନୀ ସାରଳା ଦାସଙ୍କ 'ଚଣ୍ଡିପୁରାଣ'ରେ ଅଷ୍ଟକୀଳା ଶକ୍ତି ଦେବୀ ଭାବରେ ଝଙ୍କଡ଼ର ଶାରଳା, ବାଙ୍କୀର ଚର୍ଚ୍ଚିକା, ଶ୍ରୀକ୍ଷେତ୍ରର ବିମଳା, କାକଟପୁରର ମଙ୍ଗଳା, କୋଣାର୍କର ରାମଚଣ୍ଡୀ, ଭୁବନେଶ୍ୱରର ଗୌରୀ ଓ ଯାଜପୁରର ବିରଜାଙ୍କ ମାଧ୍ୟମରେ ଓଡ଼ିଶାର ଶକ୍ତି ପରମ୍ପରା କ୍ରମଶଃ ବିକଶିତ ହୋଇଥିବାର ସୂଚନା ରହିଛି ।

ଐତିହ୍ୟ ଓ ପରମ୍ପରାର ମୂକସାକ୍ଷୀ ଦେବୀ ଦ୍ୱିଭୂଜାଙ୍କର ଏକ ହାତରେ ଶୂଳ ଓ ଅନ୍ୟ ହାତରେ ମହିଷାସୁର ଲାଙ୍ଗୁଡ଼ ଶୋଭାପାଏ । ମହିଷାସୁର ମଇଁଷି ରୂପରେ ଏଠାରେ ବିଦିତ, ଯାହା ଭାରତର ଅନ୍ୟ କୌଣସି ଦେବୀ ପୀଠମାନଙ୍କରେ ଦେଖିବାକୁ ମିଳେ ନାହିଁ । କୁହାଯାଏ ସୃଷ୍ଟିକର୍ତ୍ତା ବ୍ରହ୍ମା ଯେତେବେଳେ ଯାଜପୁରର ଏହି ପବିତ୍ର ଭୂମିରେ ଯଜ୍ଞ କରିଥିଲେ, ସେହି ଯଜ୍ଞକୁଣ୍ଡରୁ ଆଦ୍ୟାଶକ୍ତି ମା' ବିରଜା ରୂପରେ ପ୍ରକଟ ହୋଇଥିଲେ । ମା'ଙ୍କ ମୁକୁଟରେ ଗଣପତି, ଶିବଲିଙ୍ଗ, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଶୋଭା ପାଇଥାଏ । ଯାହା ଶକ୍ତି, ଶୈବ, ଗାଣପତ୍ୟ ଧର୍ମର ସମନ୍ୱୟ ରକ୍ଷା କରେ । ବିରଜା କ୍ଷେତ୍ରରେ ଭିନ୍ନଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ରଥଟଣା ମଧ୍ୟ ଏକ ଅନନ୍ୟ ପର୍ବ ଅଟେ । ଆଶ୍ୱିନ କୃଷ୍ଣ ପ୍ରତିପଦା ଦିନ ରଥ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ରଥର ନାମ 'ସିଂହଧ୍ୱଜା' । ରଥକୁ କୃଷ୍ଣ, ଲୋହିତ ଓ ଶ୍ୱେତ ବର୍ଣ୍ଣର କପଡ଼ା ଆବରଣରେ ସୁସଜ୍ଜିତ କରାଯାଇଥାଏ । ରଥର ଉଚ୍ଚତା ୪୫ ହାତ, ୧୨ ଆଙ୍ଗୁଳି । ରଥରେ ଚତୁର୍ମୁଖ ଦେବ 'ବ୍ରହ୍ମା' ସାରଥି ଭାବରେ ବିରାଜିତ ଥାନ୍ତି । ରଥ ରଜ୍ଜୁର ନାମ 'ସ୍ୱର୍ଣ୍ଣଚୂଡ଼' ଓ 'ଶଙ୍ଖଚୂଡ଼' । ରଥରେ ଦୁଇଟି ଅଶ୍ୱ ମଧ୍ୟ ଯୋଖା ଯାଇଥାଏ । ମହାପାର୍ବଣରେ ରଥରେ ମାଆଙ୍କୁ ନବଦିନ ପରିକ୍ରମଣ କରାଯାଇଥାଏ । ଓଡ଼ିଶାରେ ଜଗନ୍ନାଥଙ୍କ ବ୍ୟତୀତ କେବଳ ମା' ବିରଜାଙ୍କର ହିଁ ରଥଯାତ୍ରା ପରମ୍ପରା ରହିଛି । ମା'ଙ୍କର ନାମରେ ଏକ ପଞ୍ଜିକା 'ବିରଜା ପଞ୍ଜିକା' ଫଗୁ ପୂର୍ଣ୍ଣିମାରେ ମନ୍ଦିରର ଦୋଳମଣ୍ଡପରେ ପାଠ କରାଯାଇଥାଏ ।

ଅଡ଼ଷଠି ତୀର୍ଥର ଅଧୀଶ୍ୱରୀ ଦେବୀ ରୂପେ ମା' ବିରଜାଙ୍କୁ ମାନାଯାଇଥାଏ । ଅଡ଼ଷଠି ଗୋଟି ତୀର୍ଥସ୍ଥାନଗୁଡ଼ିକ କୌଣସି ନଦୀ ତଟରେ ବା ପୁଷ୍କରଣୀ କୂଳରେ ଥିବାର ଚିହ୍ନଟ କରାଯାଇଅଛି । ସେଥିମଧ୍ୟରୁ ବୈତରଣୀ ନଦୀ ଶ୍ରେଷ୍ଠ ନଦୀ ଅଟେ । ଏହାର ବହୁ ଶାଖା ନଦୀ ଯଥାକ୍ରମେ- ତ୍ରିଜଟା, ଭୋଗବତୀ ଗଙ୍ଗା (ଏବେର ବେଙ୍ଗା), ମନ୍ଦାକିନୀ, କୁଶଭଦ୍ରା, ଗେଙ୍ଗୁଟି, ଖରସ୍ରୋତା ଓ ଅସଂଖ୍ୟ ପୁଷ୍କରଣୀର ବର୍ଣ୍ଣନା ରହିଛି । ଧର୍ମପରାୟଣା ହିନ୍ଦୁମାନଙ୍କ ପାଇଁ ଏଇ ଜଳସ୍ରୋତ ଗୁଡ଼ିକ ଅତ୍ୟନ୍ତ ପବିତ୍ର ଓ ପାପ ବିମୋଚନୀ ରୂପେ ବ୍ୟବହାର ହୋଇ ଯଥାବିଧି ରୂପେ ପାଳନ କରାଯାଇଥାଏ ।

ପୁରାଣ ପ୍ରସଙ୍ଗ ଅନୁଯାୟୀ ଦକ୍ଷ ଯଜ୍ଞ ଧ୍ୱଂସ ପ୍ରକରଣରୁ ଜଣାଯାଏ ଯେ, ଯଜ୍ଞକୁଣ୍ଡରେ ସତୀଙ୍କ ଦେହ ଦାହ ହେବାପରେ ଦେବ ଦେବ ମହାଦେବ ଦେବୀଙ୍କ ଶରୀର କାନ୍ଧରେ ପକାଇ ସେଠାରୁ ପ୍ରସ୍ଥାନ କରିଥିଲେ । ଏହି ସମୟରେ ସତୀଙ୍କ ଶରୀରର ଭିନ୍ନଭିନ୍ନ ଅଂଶ ଯେଉଁ ସ୍ଥାନରେ ପଡ଼ିଥିଲା ସେହି ସ୍ଥାନ ଏକ ଶକ୍ତିକ୍ଷେତ୍ର ନାମରେ ନାମିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିରଜା କ୍ଷେତ୍ରରେ ସତୀଙ୍କ ନାଭି ପଡ଼ିଥିବାରୁ ଏହାକୁ ନାଭିକ୍ଷେତ୍ର ରୂପେ ପରିଗଣିତ କରାଯାଇଥିଲା । ତେଣୁ ତନ୍ତ୍ର ସାଧକ ଓ ଶାକ୍ତମାନେ ଏହାକୁ ନିଜର ସାଧନ କେନ୍ଦ୍ର ଭାବରେ ଗ୍ରହଣ କରିଥାନ୍ତି । ନାଭି କ୍ଷେତ୍ରରେ ପିତୃପୁରୁଷଙ୍କୁ ତର୍ପଣ ବାଢ଼ିଲେ ସ୍ୱର୍ଗତ ଆତ୍ମାଙ୍କୁ ପୁଣ୍ୟଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ଏହାକୁ ମଧ୍ୟ ଗଦାକ୍ଷେତ୍ର ନାମରେ ଅଭିହିତ କରାଯାଇଅଛି । ବହୁ ଯଜ୍ଞର କ୍ଷେତ୍ରସ୍ଥଳ ଭାବରେ ଏହାକୁ ଯଜ୍ଞନଗର ବୋଲି ମଧ୍ୟ ଅଭିହିତ କରାଯାଇଅଛି ।

ଯଯାତିଙ୍କ ଯଜ୍ଞ ଅନଳରୁ ସମ୍ଭୁତା ମା' ଦ୍ୱିଭୂଜା ବିରଜା ବହୁମତ, ବିଭିନ୍ନ ସଂପ୍ରଦାୟ, ବିବିଧ ମନ୍ତ୍ରରେ ପୂଜିତା । ମହାଶକ୍ତି, ମାହେଶ୍ୱରୀ, ମହାବିଦ୍ୟା, ମହାମାୟା, ବିଶ୍ୱକଲ୍ୟାଣ ପ୍ରଦାୟିନୀ, ଦୁଷ୍ଟଦଳନକାରିଣୀ, ରକ୍ଷାକାରିଣୀ, ଆଦିଶକ୍ତି ରୂପେ ପୂଜିତା, ଯାହାଙ୍କ କଳ୍ପନା ବା ମାୟାରେ ଏ ଜଗତ ସୃଷ୍ଟି ସେ ହେଉଛନ୍ତି ଜଗତ୍‌ଜନନୀ । ସଂସାରର ସକଳ ଜୀବ ତାଙ୍କର ସନ୍ତାନ । ତାଙ୍କରି ସହାୟତାରେ ପରମପିତା ନିରାକାର ବ୍ରହ୍ମ ସୃଷ୍ଟି ରଚନା କରିଥିଲେ । ଜଗତମାତାଙ୍କର ଅନେକ ରୂପ, ଅନେକ ନାମ । ତାଙ୍କୁ ଯିଏ ଯେଉଁ ନାମରେ ବା ରୂପରେ ଆରାଧନା କଲେ ବି ସେ ସନ୍ତାନର ଆକୁଳ ନିବେଦନ ଶୁଣି କରୁଣାବାରି ବରଷି ଥାଆନ୍ତି ।

କେଶରୀ ବଂଶର କୀର୍ତ୍ତିରାଜିକୁ ନେଇ ଅତୀତରେ ଯେଉଁ ଇତିହାସ ସୃଷ୍ଟି ହୋଇଥିଲା, ତାହା ଆଜି ବି ଅମଳିନ ହୋଇ ରହିଛି । ତାଙ୍କ ନିର୍ଦ୍ଦେଶରେ କାନ୍ୟକୁବ୍ଜରୁ ଦଶସହସ୍ର ବେଦବିତ୍ ବ୍ରାହ୍ମଣ ଅଣାଯାଇ ସେମାନଙ୍କ ଦ୍ୱାରା କରାଯାଇଥିବା ଯାଗଯଜ୍ଞରେ ଘୃତାହୂତୀ ପ୍ରଦାନବେଳେ ପବିତ୍ର ବେଦମନ୍ତ୍ରର ଧ୍ୱନୀରେ ଚତୁର୍ଦ୍ଦିଗର ଗଗନପବନ ପ୍ରତିଧ୍ୱନିତ ହୋଇଉଠିଥିଲା ଓ ସେହି ଯଜ୍ଞକୁଣ୍ଡର ଆକାଶଚୁମ୍ବୀ ଲେଲୀହାନ ଅନଳଶିଖାରୁ ଯେଉଁ ଦ୍ୱିଭୂଜା ଦେବୀଶକ୍ତି ଆବିର୍ଭୂତ ହୋଇଥିଲେ; ସେଇ ଅପୂର୍ବ ଶକ୍ତିମୟୀ ଦେବୀ ହିଁ ପଞ୍ଚକୋଶୀ ପରିସୀମାରେ ବସବାସ କରୁଥିବା ଅଞ୍ଚଳବାସୀଙ୍କ ତ୍ରାଣକର୍ତ୍ତ୍ରୀ, ଜ୍ଞାନଦାତ୍ରୀ, ଅସାଧାରଣ ଶକ୍ତିସ୍ୱରୂପିଣୀ, ଅଭୟବରଦାୟିନୀ ମାଆ 'ବିରଜା' । ପୁରାଣପୁରୁଷମାନଙ୍କ ମତରେ ଜଣାଯାଏ କି ବିରଜାକ୍ଷେତ୍ରରେ କୋଟିଏ ଦେବତାରୁ ଗୋଟିଏ ଊଣା ହୋଇଥିବାରୁ ସେହି କ୍ଷେତ୍ର 'ଶ୍ରୀକ୍ଷେତ୍ର'ର ମାନ୍ୟତା ପାଇପାରିନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ବହୁତୀର୍ଥର ସମାହାରରେ ଗୌରାବାନ୍ୱିତ ହୋଇଉଠିଥିଲା । ଜ୍ଞାନୀମାନେ କହିଛନ୍ତି ତୀର୍ଥ ପର୍ଯ୍ୟଟନକାରୀମାନେ ଭାରତର ସବୁ ତୀର୍ଥ ଭ୍ରମଣ କଲାପରେ ଯଦି ବିରଜା ମାଆଙ୍କ ଦର୍ଶନ ନକରନ୍ତି ତେବେ ତୀର୍ଥ ପର୍ଯ୍ୟଟନର ସୁଫଳ ମିଳେ ନାହିଁ ।

ପୁରୁଖାଲୋକମାନଙ୍କ କହିବାନୁଯାୟୀ ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁ ବିରଜାକ୍ଷେତ୍ରରୁ ମା'ଙ୍କ ଦର୍ଶନସାରି ଶ୍ରୀକ୍ଷେତ୍ରକୁ ଫେରୁଥିଲେ ବାଟରେ ବରୁଆଁ ବାଲିଚନ୍ଦ୍ରପୁର ରାସ୍ତାରେ ଗଲାବେଳେ ଦହିଖାଇ ବିଶ୍ରାମ ନେଇଥିଲେ । ମଠଟି ସେହି କାଳରୁ 'ଦହିଖିଆ ମଠ' ଭାବରେ ଏଠାରେ ପ୍ରସିଦ୍ଧିଲାଭ କରିଛି । ଏହି ଶକ୍ତିମୟୀ ଦେବୀଙ୍କୁ ଆରାଧନା କରି ତାର ଚତୁଃପାର୍ଶ୍ୱରେ କେତେ ଯେ ସାରସ୍ୱତ ସାଧକ, ସଂଗୀତ ସାଧକ, ଗାୟକ, ନାଟ୍ୟକାର ମାଆଙ୍କ କୃପା ଓ କରୁଣା ଲାଭକରି ଯଶସ୍ୱୀ ହୋଇପାରିଛନ୍ତି ତାହା ଅବର୍ଣ୍ଣନୀୟ ।

ନମସ୍ତେଽସ୍ତୁ ମହାରୌଦ୍ରି ମହାଶକ୍ତି ସ୍ୱରୂପିଣି
ବୈତରଣୀ ତଟସ୍ଥେତ୍ୱଂ ବିରଜେବାସିନୀ ପ୍ରଭୋ ।
ମହିଷାସୁର ମର୍ଦ୍ଦିନ୍ୟୈ ନମୋ ନମଃ ସୁରେଶ୍ୱରୀ
ଦ୍ୱିଭୂଜା ବରଦାଂ ଦେବୀଂ ବିରଜାଂ ପ୍ରଣମାମ୍ୟହମ୍ ।।

ମହାରୌଦ୍ରି ଓ ମହାଶକ୍ତି ମା'ଙ୍କୁ ପ୍ରଳୟକାରୀ ରୌଦ୍ରରୂପ ଓ ସମସ୍ତ ଶକ୍ତିର ଆଧାର ଭାବେ ସମ୍ବୋଧନ କରାଯାଇଛି । ପବିତ୍ର ବୈତରଣୀ ନଦୀ କୂଳରେ ଯାଜପୁର କ୍ଷେତ୍ରରେ (ନାଭିଗୟା) ବିରାଜମାନ କରୁଥିବା ମା'ଙ୍କୁ ପ୍ରଣାମ । ମା' ବିରଜା ହେଉଛନ୍ତି ଅଧର୍ମର ବିନାଶକାରିଣୀ । ସେହି ପରମକରୁଣାମୟୀ ମା' ବିରଜାଙ୍କ କୃପାରୁ ଆପଣଙ୍କ ଜୀବନ ମଂଗଳମୟ ହେଉ । ଜୟ ମାଆ କ୍ଷେତ୍ରାଧୀଶ୍ୱରୀ 'ବିରଜା'

କଚେରୀ ଗାଁ, କବୀରପୁର, ଯାଜପୁର
ମୋ-୯୩୪୮୯୭୭୨୦୧

# ମହାପ୍ରଭୁଙ୍କ ରାଜାଧିରାଜ ବେଶ ଓ ମା'ବିମଳା

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟପାବନ ଧାମ ଶ୍ରୀକ୍ଷେତ୍ରରେ ମା'ବିମଳାଙ୍କ ପୂଜା, ନୀତିକାନ୍ତି ଓ ଉପାସନା କେବଳ ଧର୍ମ ବ୍ୟବସ୍ଥା ବା ପରମ୍ପରା ନୁହେ ବରଂ ଏଥିରେ ଉଭୟ ବୈଷ୍ଣବ ଓ ଶୈବଧର୍ମ ସହ ଶାକ୍ତ ଧର୍ମର ଅପୂର୍ବ ସମନ୍ୱୟ ଘଟିଛି । ବିଶେଷକରି ଶାରଦୀୟ ନବରାତ୍ର ସମୟରେ ମା'ବିମଳାଙ୍କ ତ୍ରି ଦିବସୀୟ ପୂଜାନୀତି ସ୍ୱତନ୍ତ୍ର ଓ ମହାଷ୍ଟମୀରେ ଏହାର ମହତ୍ତ୍ୱ ଅତୀବ ଗରିମାମୟ । ମା'ବିମଳା ହେଉଛନ୍ତି ପରମ ବୈଷ୍ଣବୀ । ସେ ଷଷ୍ଠ ଚଣ୍ଡୀ ମଧ୍ୟରୁ ଅନ୍ୟତମ ବୋଲି 'ସ୍କନ୍ଦ ପୁରାଣ'ରେ ବର୍ଣ୍ଣିତ । ଅନେକ ହୁଏତ ଜାଣି ନଥିବେ ମା'ବିମଳାଙ୍କ ପାଖରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଅର୍ପଣ ହେବାପରେ ଏହା ବିଧିବଦ୍ଧ ଭାବେ ମହାପ୍ରସାଦ ଭାବେ ବିବେଚିତ ହୋଇଥାଏ । ପବିତ୍ର ଦଶହରାରେ ଶ୍ରୀମନ୍ଦିରରେ ମହାପ୍ରଭୁ ରାଜାଧିରାଜ ସୁନା ବେଶ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି । ଏଥି ସହ ଭୋଗମଣ୍ଡପ ଉଠିଲା ପରେ ଭଣ୍ଡାର ଦୁଆରେ ଆୟୁଧ ପୂଜା ଅନୁଷ୍ଠିତ ହୋଇଥାଏ । ଅପରାହ୍ନରେ ଆୟୁଧଙ୍କ ମହାସ୍ନାନ କରଯାଇ ବରୁଣ ପୂଜା ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ନୀତି ବଢ଼ିଥାଏ । ଘଣ୍ଟା, ଛତା କାହାଳୀର ପଟୁଆରରେ ଛଅଜଣ ମେକାପ ତିନିଟି ରୁପା ଥାଳିରେ ଆୟୁଧଙ୍କୁ ନେଇ ମନ୍ଦିର ବେଢ଼ାକୁ ତିନିଥର ଭ୍ରମଣ କରନ୍ତି । ବେଢ଼ା ପରେ ଆୟୁଧଙ୍କୁ ରତ୍ନସିଂହାସନରେ ବିଜେ କରାଯାଇ ଠାକୁରଙ୍କୁ ଲାଗି କରାଯାଇଥାଏ । ଦଶହରାର ସ୍ୱତନ୍ତ୍ର ନୀତି କ୍ରମେ ମଦନମୋହନ ଓ ରାମକୃଷ୍ଣ ବୀରବେଶ ହୁଅନ୍ତି । ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରାପ୍ତ ପରେ ମହାଜନମାନେ ପାଲିଙ୍କିରେ ରାମକୃଷ୍ଣଙ୍କୁ ବିମାନରେ ମଦନମୋହନ ଓ ରଥରେ ଦୁର୍ଗାମାଧବ ଆଦି ପାଞ୍ଚ ଦେବଦେବୀଙ୍କୁ ନେଇ ପଟୁଆରରେ ବାହାରି ଦଶହରା ପଡ଼ା ତଥା ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରନ୍ତି । ବିମାନବଡୁମାନେ ଦିଅଁଙ୍କୁ ମହାଖଳା ପଦାଠାରେ ବିଜେ କରାଇଥାନ୍ତି । ଠାକୁରଙ୍କୁ ପ୍ରସାଦ ଲଗଗି ଶୀତଳ ଭୋଗ ଓ ବନ୍ଦାପନ ସାରି ଦେବଦେବୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ଶାରଦୀୟ ଦୁର୍ଗାପୂଜାରେ ମା'ବିମଳାଙ୍କ ପୀଠରେ ଷୋଳ ଦିନ ଧରି ପୂଜାନୀତି ଅନୁଷ୍ଠିତ ହୋଇଥାଏ । ଶ୍ରୀକ୍ଷେତ୍ରରେ ମା'ବିମଳାଙ୍କ ପୀଠରେ ଏହି ପୂଜା ଅନନ୍ୟ ତଥା ସ୍ୱତନ୍ତ୍ର । ଏହାର ଆରମ୍ଭ ହୋଇଥାଏ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ । ଶ୍ରୀବିଗ୍ରହଙ୍କ ରୀତି ନୀତି ସହ ମା' ବିମଳାଙ୍କ ପୂଜା ବିଧି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମା' ବିମଳାଙ୍କୁ ଜଗନ୍ନାଥଙ୍କ ମାୟାଶକ୍ତି, ବଳଭଦ୍ରଙ୍କ କ୍ରିୟାଶକ୍ତି ଓ ସୁଭଦ୍ରାଙ୍କ ଇଚ୍ଛାଶକ୍ତି ବୋଲି ବର୍ଣ୍ଣନା କରାଯାଏ । କୁହାଯାଏ ବିମଳା ଭୈରବୀ ଯତ୍ର, ଜଗନ୍ନାଥଙ୍କୁ ଭୈରବ । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମା ବିମଳାଙ୍କୁ ସମର୍ପଣ ପରେ ହିଁ ମହାପ୍ରସାଦ ହୁଏ । ଏଥିରେ ମା' ବିମଳା ପୀଠର ମହତ୍ତ୍ୱ ସହଜରେ ଅନୁମେୟ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧରମାଳା ଓ ପଦକ ଇତ୍ୟାଦି ମହାଲକ୍ଷ୍ମୀଙ୍କୁ ଲାଗି ହେଉଥିବାବେଳେ ଶ୍ରୀବଳଭଦ୍ରଙ୍କର ପୁଷ୍ପ ଅଳଙ୍କାର ଗୁଡ଼ିକ ମା' ବିମଳାଙ୍କୁ ଲାଗି ହୁଏ । ମା'ଙ୍କର ଉର୍ଦ୍ଧ୍ୱ ଦୁଇ ହସ୍ତରେ ନାମ ଓ ଜୀବରୁପି ମଣିଷ, ନିମ୍ନ ହସ୍ତରେ ସୁଧାପାତ୍ର ଓ ମାଳା ଶୋଭା ପାଉଛି । ସେ ଜୀବମୃତ ପ୍ରଦାୟିନୀ ଓ ଜ୍ଞାନରୂପା । ବିରଜା କ୍ଷେତ୍ରରେ ସତୀଙ୍କର ନାଭି ପଡ଼ିଥିବାବେଳେ ଏଠାରେ ପାଦ ପଡ଼ିଛି ବୋଲି ଶାସ୍ତ୍ରକାରଙ୍କ ମତ । ରାଜା ଇନ୍ଦ୍ରରଥ ଜଗନନ୍ନାଥ ମନ୍ଦିରନିକଟରେ ରାଣୀ ବିମଳା ମହାଦେବଙ୍କ ଅନୁରୋଧ କ୍ରମେ ଏକ ଦେବୀ ମନ୍ଦିର ପ୍ରତିଷ୍ଠା କରିଥିଲେ । ରାଣୀଙ୍କ ନାମାନୁସାରେ ବିମଳା ଠାକୁରାଣୀ ମନ୍ଦିର ନାମରେ ପରିଚି । ବିମଳା ମନ୍ଦିର ପୁରୁଷୋତ୍ତମ କ୍ଷେତ୍ରରେ ପ୍ରଥମ ଦେବୀ ମନ୍ଦିର । ଅତଃ ମା' ବିମଳା ଏହି କ୍ଷେତ୍ରର ଆଦିଶକ୍ତି, ପୀଠେଶ୍ୱରୀ, କ୍ଷେତ୍ରାଧିଶ୍ୱରୀ ତଥା ଓଡ୍ରେଶ୍ୱରୀ ରୂପେ ପ୍ରଖ୍ୟାତ ।

ନୀତିକାନ୍ତି ଓ ଆବହମାନ ସମୟର ପରମ୍ପରା ଅନୁଯାୟୀ ମା'ବିମଳାଙ୍କ ଷୋଳଦିନ ବ୍ୟାପୀ ପୂଜା ଭିତରେ ତ୍ରିକାଳ ପୂଜା ଓ ଚଣ୍ଡୀପାଠ ହୋଇଥାଏ । ସେ ବନଦୁର୍ଗା, ନାରାୟଣୀ, ଉଗ୍ରତାରା, ଜୟଦୁର୍ଗା, ଭୁବନେଶ୍ୱରୀ, ଦଶଭୁଜା, ସିଂହବାହିନୀ, ମାତଙ୍ଗିନୀ ଓ ରାଜରାଜେଶ୍ୱରୀ ଏହିପରି ବିଭିନ୍ନ ରୂପରେ ସେ ଦର୍ଶନ ଦେଇଥାନ୍ତି । ମା'ବିମଳାଙ୍କ ନବରାତ୍ରର ଗୁରୁତ୍ୱପୂର୍ଣ୍ଣ ପୂଜାନୀତି ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ରୋଷଘର ବ୍ୟତୀତ ପୃଥକ ଭାବରେ ଏହି ତିନିଦିନ ନିମିତ୍ତ ବର୍ଷରେ ଥରେ ଶ୍ରୀମନ୍ଦିର ପରିସରରେ ଏକ ଅସ୍ଥାୟୀ ରୋଷଘର ତିଆରି ହୁଏ । ମା'ଙ୍କ ପାଖରେ ଆମିଷ ବର୍ଷ ତମାମ ନିଷେଧ ହୋଇଥିବାବେଳେ ଏହି ତିନିଦିନ ସମୟ ଅବଧି ଭିତରେ ତାଙ୍କୁ ମାଛ ଭୋଗ ଅର୍ପଣ କରାଯାଏ । ମହିଳାମାନେ ଏହି ଷୋଳ ଦିନ ଧରି ବିମଳା ମନ୍ଦିର ପ୍ରବେଶକୁ ନିଷେଧ ହୋଇଥାଏ । ଏହାର କାରଣ ମଧ୍ୟ ରହିଛି । ଶାସ୍ତ୍ରରେ ଉଲ୍ଲେଖ ରହିଛି ଅତି ଉଗ୍ର ରୂପେ ମା ଚଣ୍ଡିକା ପୂଜିତ ହୋଇଥିବାରୁ ସମ୍ପୂର୍ଣ୍ଣ ଶୁଦ୍ଧପୂତ ଭାବେ ତାଙ୍କର ତନ୍ତ୍ର ପୂଜା ହେଉଥିବାରୁ ପୂଜାର ନିଷ୍ଠା ପବିତ୍ରତା ଓ ଧାର୍ମିକ ବିଚାର ରକ୍ଷା ନିମିତ୍ତ ମାଙ୍କ ଭୟଙ୍କର ରୂପ ଦର୍ଶନରୁ ମହିଳାମାନଙ୍କୁ ଦୂରେଇ ରଖାଯାଇଥାଏ । ଭାରତୀୟ ପୃଷ୍ଠଭୂମିରେ ଶକ୍ତି ଆରାଧନା ବିଶେଷକରି ମା' ବିମଳାଙ୍କ ପୂଜାର୍ଚ୍ଚନା ଓ ନବରାତ୍ରୀର ଆରାଧନା ସ୍ୱତନ୍ତ୍ର ଓ ଅନନ୍ୟ ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ମାଆ ଶାରଳା ଓ ନବରାତ୍ରୀ ପୂଜା

### ଡକ୍ଟର ତପନ କୁମାର ପାଲ

ଓଡ଼ିଶାର ପ୍ରାଚୀନ ଶକ୍ତିପୀଠ ମଧ୍ୟରେ ଝଙ୍କଡ଼ର ଶାରଳା ଅନ୍ୟତମ । ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ମା' ଠାକୁରାଣୀଙ୍କର ଏହି ଶାରଦୀୟ ପାର୍ବଣ ପୂଜା ଅନନ୍ୟ ଓ ଅସାଧାରଣ । ସପ୍ତସତୀ ଚଣ୍ଡୀରେ ଯେଉଁ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀଙ୍କର ବର୍ଣ୍ଣନା କରାଯାଇଛି, ଏହି ତ୍ରିଶକ୍ତିର ଏକ ଅପୂର୍ବ ସମାହାର ଓ ସମନ୍ୱୟ ହେଉଛନ୍ତି ଝଙ୍କଡ଼ର ଅଧିଷ୍ଠାତ୍ରୀ ମା' ଶାରଳା ଠାକୁରାଣୀ । ମାଆ ଶାରଳାଙ୍କ ପୂଜା ଉପାସନାରେ ଏକ ସମୟରେ ତୁଳସୀ ଓ ବେଲପତ୍ର ଲାଗିଥାଏ । ମାଆ ଏକାଧାରରେ ପରମ ବୈଷ୍ଣବୀ ଓ ନିତ୍ୟ ଚଣ୍ଡୀ ଅଟନ୍ତି ।

ମା' ଶାରଳାଙ୍କ ସହିତ ଶୈବ ଧର୍ମ ଓ ବୈଷ୍ଣବ ଧର୍ମର ସଂପୃକ୍ତି ବହୁ କାଳରୁ ରହିଆସିଛି । ମା'ଶାରଳାଙ୍କର ପ୍ରତ୍ୟହ ମାର୍ଜନା ପରେ ସର୍ବ ପ୍ରଥମେ ମାଆଙ୍କୁ ଶୁଖିଲା ମହାପ୍ରସାଦ ଭୋଗ ଅର୍ପଣ କରାଯାଇଥାଏ । ପ୍ରତ୍ୟେକ କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସନ୍ଧ୍ୟାରେ ମାଆଙ୍କୁ ଶ୍ରୀଜଗନ୍ନାଥଙ୍କ ବେଶରେ ସଜ୍ଜିତ କରାଯାଇଥାଏ । ଏଠାରେ ଚନ୍ଦନଯାତ୍ରା, ଦୋଳଯାତ୍ରା, ଝୁଲଣ ଯାତ୍ରା, ମହାବିଷୁବ ସଂକ୍ରାନ୍ତି ଓ ପାର୍ବଣ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ପ୍ରାଚୀନ କାଳରୁ ମାଆ ଶାରଳାଙ୍କୁ ତନ୍ତ୍ର ସାଧନାର ଆରାଧ୍ୟ ଦେବୀ ଭାବରେ ଗ୍ରହଣ କରାଯାଇଛି । ଝଙ୍କଡ଼ର ଅଧିଷ୍ଠାତ୍ରୀ ମାଆ ଶାରଳା ଠାକୁରାଣୀଙ୍କୁ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀ ଭାବେ ଗ୍ରହଣ କରାଯାଏ । ଏହି ମାଟିରେ ଜନ୍ମ ଗ୍ରହଣ କରି ପଞ୍ଚଦଶ ଶତାବ୍ଦୀର ମୂର୍ଖ ସିଦ୍ଧେଶ୍ୱର ପରିଡ଼ା ଦେବୀ ଶାରଳାଙ୍କ ଅପାର କରୁଣା ଲାଭ କରି ଓଡ଼ିଆ ଜାତିର ଜୀବନ୍ତ ଇତିହାସ ମହାଭାରତ ରଚନା କରିଥିଲେ । ସେ ଶୁଦ୍ରମୁନି ସାରଳା ଦାସ ଭାବେ ଖ୍ୟାତ ।

ଓଡ଼ିଶାର ପ୍ରସିଦ୍ଧ ତଥା ପ୍ରାଚୀନ ଶକ୍ତିପୀଠ ଝଙ୍କଡ଼ ସାରଳା ପୀଠରେ ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥାଏ । ଯାହା ମହାଷ୍ଟମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ପରମ୍ପରା ମୁତାବକ ପ୍ରତିଦିନ ପ୍ରାତଃ ସମୟରେ ମଙ୍ଗଳ ଆଳତି, ମଧୁସ୍ନାନ, ଦଶଦିଗପାଳ ପୂଜା, ପାର୍ଶ୍ୱ ଦେବାଦେବୀ ପୂଜା, ପଞ୍ଚାମୃତ ମାର୍ଜନା ପରେ ଅପୂର୍ବ ମନୋରମ ବେଶରେ ମାଆଙ୍କୁ ସଜ୍ଜିତ କରାଯାଇଥାଏ । ଦୈନିକ ପାଞ୍ଜିପାଠ, ସୂର୍ଯ୍ୟପୂଜା, ଚଣ୍ଡୀପୀଠ, ପ୍ରଥମ ପ୍ରହର ଧୂପ, ବଡ଼ସିଂହାର, ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିବା ବେଳେ, ସନ୍ଧ୍ୟାଆରତୀ ବେଶ ଦର୍ଶନ ପରେ ନାଟ ମଣ୍ଡପରେ ପୁରାଣ ପଣ୍ଡାଙ୍କ ଦ୍ୱାରା ଶୁଦ୍ରମୁନି ଆଦିକବି ସାରଳା ଦାସଙ୍କ ବିରଚିତ ଚଣ୍ଡୀ ପୁରାଣ ପାଠ କରାଯାଏ । ପ୍ରତ୍ୟହ ରାତି ୧୦ଟାରେ ସମ୍ପୂର୍ଣ୍ଣ ସୁନାବେଶ ଦର୍ଶନ ଆଦି ନୀତିକାନ୍ତି, ରୀତିନୀତିରେ ସମାହିତ ହୋଇଥାଏ । ଆବହମାନ ପରମ୍ପରା ଓ ନୀତିକାନ୍ତି ଅନୁଯାୟୀ ନବରାତ୍ର ଉପଲକ୍ଷେ ମା'ଙ୍କର ଚଳନ୍ତି ପ୍ରତିନିଧି ବିଜେ ପ୍ରତିମାଙ୍କୁ ଏକ ସୁସଜ୍ଜିତ ମଣିମୟ ବିମାନ ଆରୋହଣ କରାଯାଇ ନଗର ପରିକ୍ରମା ବା ଦାଣ୍ଡଯାତ୍ରାରେ ବିଜେ କରାଯାଏ ।

ପ୍ରଥମ ଦିନ ପାଚେରିକଣ ବାଟ, ଦ୍ୱିତୀୟ ଦିନ ଗୋବିନ୍ଦଜିଉଙ୍କ ମଠ, ତୃତୀୟ ଦିନ ଗୋପାଳମାନଙ୍କ ଗୋଠ, ଚତୁର୍ଥ ଦିନ ସାରଳା ପର୍ଶୁରାମ ଭେଟ, ପଞ୍ଚମ ଦିନ ଗୁପ୍ତ ଚନ୍ଦ୍ରଭାଗା ନଦୀର ବିଶ୍ୱମ୍ଭର ଘାଟ ଓ ଷଷ୍ଠ ଦିବସରୁ ଦଶହରା ପର୍ଯ୍ୟନ୍ତବଡ଼ଶାରୋଳ ଗ୍ରାମର ଲଣ୍ଡାଦେଉଳସ୍ଥିତ ପ୍ରାଚୀନ ପୀଠସ୍ଥଳୀକୁ ଯାତ୍ରା କରି ପୁନଶ୍ଚ ସ୍ୱୀପଠକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ପରେ ଅର୍ଥାତ୍ ଷଷ୍ଠୀ, ସପ୍ତମୀ ଓ ମହାଷ୍ଟମୀ ଦିନ ସଂଧ୍ୟାରେ ଅପୂର୍ବ ମହିଷାମର୍ଦ୍ଦିନୀ ବେଶରେ ମା'ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି ଓ ରାତିରେ କାଳିକା ନୃତ୍ୟ ପରିବେଷଣ କରାଯାଏ । ମହାଷ୍ଟମୀ ଦିନ ମା' ପ୍ରାଚୀନ ପୀଠ ଲଣ୍ଡାଦେଉଳରୁ ଫେରିବା ପରେ ମନ୍ଦିର ସୌଧ କରାଯାଇ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯିବା ପରେ ସନ୍ଧିପୂଜା ହୁଏ । ପୂର୍ବରୁ ଏହି ପୂଜାରେ ମଇଁଷି ବଳି ଦିଆଯାଉଥିଲା । ମାତ୍ର ୧୯୪୬ ମସିହାରେ ବଳିପ୍ରଥାର ଉଚ୍ଛେଦ ଘଟିଛି । ତେବେ ଏହି ବଳି ପରିବର୍ତ୍ତେ ସନ୍ଧିପୂଜାରେ ୧୦୮ ପ୍ରକାର ଭୋଗ ସହିତ ଏକ ବଳିପଣା ହାଣ୍ଡି ମା'ଙ୍କୁ ଅର୍ପଣ କରାଯାଇଥାଏ । ଏହି ପାର୍ବଣ ପୂଜାରେ ମଣ୍ଡାଭୋଗ ଏକ ସ୍ୱତନ୍ତ୍ର ନୀତି କରାଯାଇଥିବାବେଳେ ଭକ୍ତମାନେ ନୂଆଧାନରୁ ଚୁଡ଼ାଘଷା ଭୋଗ ପ୍ରସ୍ତୁତ କରି ମା'ଙ୍କୁ ଭୋଗ ଲାଗି କରିଥାନ୍ତି । ମନ୍ଦିରର ମୁଖ୍ୟଦ୍ୱାର ଓ ଯଜ୍ଞଶାଳାରେ ବସିଥିବା ସମାର୍ଜନୀ କଳସକୁ ଚନ୍ଦନ ପୁଷ୍କରିଣୀରେ ବିସର୍ଜନ କରିବା ପରେ ହିଁ ଏହି ଶାରଦୀୟ ପୂଜାର ପରିସମାପ୍ତି ହୋଇଥାଏ ।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩



## ବାଂଲାଦେଶରେ ଭୟଙ୍କର ଅଗ୍ନିକାଣ୍ଡ, ୧୦ ମୃତ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):** ବାଂଲାଦେଶର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କକ୍ସ ବଜାରରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ । ଏକ ସମୁଦ୍ରକୂଳ ରିସୋର୍ଟରେ ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ଶନିବାର ଭୋର ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ତିନିମହଲା ବିଶିଷ୍ଟ ରିସୋର୍ଟଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ସୂଚନା ଅନୁଯାୟୀ, ମେରାଇନ୍ ଡ୍ରାଇଭ୍ ନିକଟସ୍ଥ ପାଟୁଆରଟେକ୍ ବେଳାଭୂମି ପାଖରେ ଥିବା 'ଟୁପ୍ଟୁପ୍ ରେଷ୍ଟୋ ଆଣ୍ଡ ରିସୋର୍ଟ'ରେ ସକାଳ ପ୍ରାୟ ୬ଟା ୩୦ ମିନିଟ୍‌ରେ ନିଆଁ ଲାଗିଥିଲା । ବାଉଁଶ ଓ କାଠରେ ନିର୍ମିତ ଏହି ରିସୋର୍ଟରେ ନିଆଁ ଦ୍ରୁତଗତିରେ ବ୍ୟାପିଯିବାରୁ ଭିତରେ ଥିବା ଲୋକଙ୍କୁ ବାହାର କରିବା କଷ୍ଟକର ହୋଇପଡ଼ିଥିଲା ।ଘଟଣା ସମୟରେ ରିସୋର୍ଟରେ ପ୍ରାୟ ୩୦ ଜଣ ପର୍ଯ୍ୟଟକ ଓ କର୍ମଚାରୀ ରହିଥିଲେ । ସେମାନଙ୍କ ମଧ୍ୟରୁ ମାତ୍ର ୪ରୁ ୫ ଜଣ ସୁରକ୍ଷିତ ଭାବେ ବାହାରି ପାରିଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ । କକ୍ସ ବଜାରର ଡେପୁଟି କମିଶନର ଏ. ମନ୍ନାନଙ୍କ ସୂଚନା ଅନୁସାରେ, ଉଦ୍ଧାରକାର୍ଯ୍ୟ ଜାରି ରହିଛି । ମୃତଦେହଗୁଡ଼ିକୁ ଚିହ୍ନଟ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ଡିଏନଏ ନମୁନା ସଂଗ୍ରହ କରାଯାଉଛି ।ଅନ୍ୟପଟେ, ଗୁରୁତର ଆହତମାନଙ୍କୁ କକ୍ସ ବଜାର ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ ଅନେକଙ୍କ ଶରୀର ଗୁରୁତର ଭାବେ ପୋଡ଼ିଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି । ଏହି ଭୟାବହ ଅଗ୍ନିକାଣ୍ଡ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପୁଣି କମ୍ପିବ ଦିଲ୍ଲୀ, ଅଭିଜିତ୍ ଦୀପକେଙ୍କୁ ମିଳିଲା ଜାମିନ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):** କକ୍ରୋଚ ଜନତା ପାର୍ଟିର ସଂସ୍ଥାପକ ଅଭିଜିତ ଦୀପକେଙ୍କୁ ଜାମିନ୍ ମିଳିଛି। ଦିଲ୍ଲୀର ସ୍ପେଶାଲ୍ ଏକ୍ସିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍ କୋର୍ଟ କିଛି ସର୍ତ୍ତ ସହ ତାଙ୍କୁ ମୁକ୍ତ କରିବାକୁ ଆଦେଶ ଦେଇଛନ୍ତି ।ଗତକାଲି ଦିଲ୍ଲୀରେ ତିରଙ୍ଗା ମାର୍ଚ୍ଚ ବାହାର କରୁଥିବା ସମୟରେ ଦିଲ୍ଲୀ ପୁଲିସ ଅଭିଜିତ ଦୀପକେଙ୍କୁ ହିରାସତରେ ନେଇଥିଲା। ନେହା ବୋରାଙ୍କୁ ଦେରରାତିରେ ମୁକ୍ତ କରାଯାଇଥିଲା, କିନ୍ତୁ ଦୀପକେଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ SEM କୋର୍ଟରେ ହାଜର କରାଯାଇଥିଲା। ସେଠାରୁ କୋର୍ଟ ତାଙ୍କ ମୁକ୍ତି ପାଇଁ ଆଦେଶ ଦେଇଥିଲେ ।ତେବେ ଦୀପକେଙ୍କୁ କିଛି ସର୍ତ୍ତ ପାଳନ କରିବାକୁ ପଡ଼ିବ। ମିଳିଥିବା ସୂଚନା ଅନୁସାରେ, ଶାନ୍ତି ଓ ଶୃଙ୍ଖଳା ଭଙ୍ଗ ନକରିବା ପାଇଁ ତାଙ୍କୁ ଏକ 'ପିସ୍ ବଣ୍ଡ'ରେ



ସହି କରିବାକୁ କୁହାଯାଇଛି। ଆଉ କେଉଁ କେଉଁ ସର୍ତ୍ତରେ ତାଙ୍କୁ ଜାମିନ୍ ମିଳିଛି, ସେନେଇ ବିସ୍ତୃତ ତଥ୍ୟ ଅପେକ୍ଷାରେ ରହିଛି ।କକରୋଚ ଜନତା ପାର୍ଟିର ଆଇନଗତ କାର୍ଯ୍ୟକଳାପ ଦେଖୁଥିବା ରନ୍ନା ସିଂହ ମଧ୍ୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'X'ରେ ପୋଷ୍ଟ କରି ଅଭିଜିତ ଦୀପକେଙ୍କ ମୁକ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ, "ଅଭିଜିତ ଦୀପକେଙ୍କୁ ମୁକ୍ତ କରାଯାଇଛି। ପିସ୍ ବଣ୍ଡ ଭରିବା ପରେ ତାଙ୍କୁ ରିଲିଜ୍ କରାଯିବ।" ଏଥିରୁ ସ୍ପଷ୍ଟ ଯେ, ଦୀପକେଙ୍କୁ ନ୍ୟାୟିକ ହିରାସତକୁ ପଠାଯିବ ନାହିଁ। ୫୦ ହଜାର ଟଙ୍କାର ମୁଚଲକାରେ ତାଙ୍କୁ ମୁକ୍ତ କରାଯାଇଛି।

## ଦିଲ୍ଲୀରେ ଡିଟିସି ବସ୍ ଧକ୍କାରେ ଜଣେ ମୃତ, ୫ ଆହତ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):**ଦିଲ୍ଲୀର ଆନନ୍ଦ ପର୍ବତ ଅଞ୍ଚଳରେ ଶନିବାର ଏକ ଡିଟିସି ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଲୋକ ଆହତ ହୋଇଛନ୍ତି। ଡିବିଜି ରୋଡ୍‌ରେ ଘଟିଥିବା ଏହି ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଜଣେ ମହିଳା ବସ୍ ଚଳାଉଥିଲେ। ବସ୍‌ଟି ଏକ ସ୍କୁଟିକୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇଥିଲା। ସ୍କୁଟିରେ ଥିବା ଦୁଇଜଣ ଲୋକ ଆହତ ହୋଇଥିଲେ। ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଚାରି ଲୋକ ମଧ୍ୟ ବସ୍ ଧକ୍କାରେ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ସ୍କୁଟିଟି ବସ୍ ତଳେ ଫସି ଯାଇଥିଲା ।ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବସ୍ ଉପରକୁ ପଥର ମାଡ଼ କରିଥିଲେ। ଏଥିରେ ବସ୍‌ର କାଚ ଭାଙ୍ଗିଯାଇଥିଲା। ପୁଲିସ ପହଞ୍ଚିବା ପୂର୍ବରୁ ଏହି ଘଟଣା ଘଟିଥିଲା। ବସ୍ ଚାଳିକା ଦୁର୍ଘଟଣା ପରେ ଫେରାର୍ ହୋଇଯାଇଥିଲେ। ତାଙ୍କୁ ଠାବ କରିବାକୁ ଉଦ୍ୟମ ଚାଲିଛି। ଦୁର୍ଘଟଣାର କାରଣ ଓ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି।

## ଭାରତରେ ଭୂମିକମ୍ପ ହେବାର ୬ ଘଣ୍ଟା ପରେ ଥରିଲା ପାକିସ୍ତାନ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):**ଭାରତ ପରେ ପାକିସ୍ତାନରେ ମଧ୍ୟ ଜୋରଦାର୍ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି। ବଲୁଚିସ୍ତାନ ପ୍ରଦେଶର ଖୁଜଦାରରେ ଶକ୍ତିଶାଳୀ ଭୂମିକମ୍ପ ହୋଇଥିବା ରିପୋର୍ଟ ମିଳିଛି। ଶନିବାର ଭାରତୀୟ ସମୟ ପୂର୍ବାହ୍ନ ୧୦ଟା ୩୭ ସମୟରେ ପାକିସ୍ତାନରେ ୫.୮ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି ଅନୁସାରେ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମିଠାରୁ ପ୍ରାୟ ୧୫ କିଲୋମିଟର ଗଭୀରତାରେ ୨୭.୯୪୪ ଉତ୍ତର ଅକ୍ଷାଂଶ ଏବଂ ୬୬.୫୩୨ ପୂର୍ବ ଦ୍ରାଘିମାରେ ରେକର୍ଡ କରାଯାଇଛି। ଭାରତରେ ଭୂମିକମ୍ପ ହେବାର ୬ ଘଣ୍ଟା ପରେ ପାକିସ୍ତାନରେ ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତି କିମ୍ବା ମୃତାହତଙ୍କ ବିଷୟରେ ବିସ୍ତୃତ ସୂଚନା ମିଳିନାହିଁ ।ଶନିବାର ଭୋର ୪ଟା ୩୬ ସମୟରେ ହିମାଚଳ ପ୍ରଦେଶର ସିମଲାରେ ୪.୧ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଥିଲା। ଘରେ ଶୋଇଥିବା ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପର କେନ୍ଦ୍ର ଭୂମିଠାରୁ ୧୦ କିଲୋମିଟର ତଳେ ଥିଲା ଏବଂ କିଛି ସେକେଣ୍ଡ ପାଇଁ ଭୂମିକମ୍ପ ଅନୁଭୂତ ହୋଇଥିଲା।

### ଶିଶୁଙ୍କ ଇଣ୍ଟରନେଟ୍ ଉପରେ କଟକଣା ନୁହେଁ

## ଅଶ୍ଳୀଳ କଣ୍ଟେଣ୍ଟ ରୋକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):**ଶିଶୁଙ୍କ ଇଣ୍ଟରନେଟ୍ ବ୍ୟବହାରକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି । ଶିଶୁଙ୍କ ସୁରକ୍ଷା ନାଁରେ ସେମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ବଦଳରେ ଅନଲାଇନ୍‌ରେ ଥିବା ଅଶ୍ଳୀଳ ଓ ଶିଶୁ ଯୌନ ଶୋଷଣ ସମ୍ବନ୍ଧୀୟ ବିଷୟବସ୍ତୁକୁ ରୋକିବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ଜଷ୍ଟିସ୍ ଜେ. ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ କେ. ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ 'ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡରେନ୍ ଆଲାଏନ୍ସ' ପକ୍ଷରୁ ଦାଖଲ ଆବେଦନର ଶୁଣାଣି ସମୟରେ ଏହି ପ୍ରସଙ୍ଗ ଉଠିଥିଲା । ସୋସିଆଲ୍ ମିଡିଆ ଓ ଅନ୍ୟ ଅନଲାଇନ୍ ପ୍ଲାଟଫର୍ମରେ ଶିଶୁ ଯୌନ ଶୋଷଣ ସମ୍ବନ୍ଧୀୟ ଆପତ୍ତିଜନକ ଭିଡିଓ ପ୍ରସାରିତ ହେଉଥିବା ନେଇ ଆବେଦନରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା ।କୋର୍ଟଙ୍କ ମତରେ, ଶିଶୁଙ୍କ ସୁରକ୍ଷା ଓ ସେମାନଙ୍କ ସ୍ୱାଧୀନତା ପରସ୍ପରର ପରିପନ୍ଥୀ ନୁହେଁ । ଶିଶୁମାନଙ୍କୁ ସୁରକ୍ଷିତ ଡିଜିଟାଲ୍ ପରିବେଶ ଯୋଗାଇଦେବା ସହ ଇଣ୍ଟରନେଟ୍‌ରୁ ମିଳୁଥିବା ଶିକ୍ଷା, ସୂଚନା ଓ



ଜ୍ଞାନ ଆହରଣର ସୁଯୋଗ ମଧ୍ୟ ଦେବା ଆବଶ୍ୟକ । ଏଥିପାଇଁ କେବଳ ବୟସ ଆଧାରରେ ଇଣ୍ଟରନେଟ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପରିବର୍ତ୍ତେ ଅଧିକ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ପିତାମାତାଙ୍କ ନିୟନ୍ତ୍ରଣ ବ୍ୟବସ୍ଥା, ଚାଇଲ୍ଡ ମୋଡ୍ ଏବଂ ଆପତ୍ତିଜନକ ବିଷୟବସ୍ତୁକୁ ତୁରନ୍ତ ହଟାଇବା ଭଳି ପଦକ୍ଷେପ ସାମିଲ ରହିଛି ।ଏହାସହ ଶିଶୁ ଯୌନ ଶୋଷଣ ସମ୍ବନ୍ଧୀୟ ଭିଡିଓ ଓ ଲିଙ୍କ୍‌ଗୁଡ଼ିକୁ ଚିହ୍ନଟ କରି ରୋକିବା ପାଇଁ ଜାତୀୟ ଡିଜିଟାଲ୍ ଡାଟାବେସ୍ ଏବଂ ନିର୍ଦ୍ଦିଷ୍ଟ ମାନକ ପ୍ରକ୍ରିୟା (ଏସ୍‌ଓପି) ପ୍ରସ୍ତୁତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏ କ୍ଷେତ୍ରରେ ସୋସିଆଲ୍ ମିଡିଆ କମ୍ପାନୀଗୁଡ଼ିକର ଦାୟିତ୍ୱ ଅଧିକ ରହିବ ।ସର୍ବୋଚ୍ଚ ଅଦାଲତଙ୍କ ଏହି ଆଭିମୁଖ୍ୟର ମୂଳ ଲକ୍ଷ୍ୟ ହେଉଛି, ଶିଶୁଙ୍କୁ ଇଣ୍ଟରନେଟ୍‌ର ସକାରାତ୍ମକ ଦିଗରୁ ବଞ୍ଚିତ ନକରି ସେମାନଙ୍କୁ ଅନଲାଇନ୍ ବିପଦରୁ ସୁରକ୍ଷା ଦେବା । ଶିଶୁ ଶୋଷଣ ସମ୍ବନ୍ଧୀୟ ବିଷୟବସ୍ତୁ ପ୍ରସାର ପାଇଁ ଡିଜିଟାଲ୍ ପ୍ଲାଟଫର୍ମରେ କୌଣସି ସ୍ଥାନ ରହିବା ଉଚିତ ନୁହେଁ ବୋଲି ଏହି ମାମଲା ପୁଣିଥରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛି ।

## ରାଜନାଥ ସିଂହଙ୍କ ଶାସନ ପରିବର୍ତ୍ତନ ଅଭିଯୋଗ ଉପରେ କପିଲ ସିବଲଙ୍କ ପାଲଟା ଜବାବ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):**ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବିରୋଧୀ ଦଳ ଏବଂ ଇଣ୍ଡିଆ ଆଲାଏନ୍ସକୁ କଡ଼ା ସମାଲୋଚନା କରି ଅଭିଯୋଗ କରିଥିଲେ ଯେ, ସେମାନଙ୍କର ଲକ୍ଷ୍ୟ ନିର୍ବାଚନୀ ସଂସ୍କାର ନୁହେଁ, ବରଂ ଦେଶରେ ଅରାଜକତା ବିସ୍ତାର କରି କ୍ଷମତା ହାସଲ କରିବା। ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ସେ କହିଥିଲେ, ଅରାଜକତାରେ ଯୁବପିଢ଼ିଙ୍କୁ ମୋହରା ଭାବରେ ବ୍ୟବହାର କରାଯାଉଛି ଏବଂ କିଛି ଲୋକ ବାଂଲାଦେଶ ପରି ଭାରତରେ କ୍ଷମତା ପରିବର୍ତ୍ତନ ଚାହୁଁଛନ୍ତି। ରାଜନାଥ ସିଂହଙ୍କ ମନ୍ତବ୍ୟର ପାଲଟା ଜବାବ ଦେଇଛନ୍ତି ବରିଷ୍ଠ ଆଇନଜୀବୀ ଏବଂ ରାଜ୍ୟସଭା ସାଂସଦ କପିଲ ସିବଲ ।ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କପିଲ ସିବଲ



କହିଛନ୍ତି, ରାଜନାଥ ସିଂହ, ଆପଣ ଅଭିଯୋଗ କରୁଛନ୍ତି ଯେ, କଂଗ୍ରେସ ବାଂଲାଦେଶ ପରି ସରକାର ପରିବର୍ତ୍ତନ ଚାହୁଁଛି। ଏହା ସତ୍ୟ ନୁହେଁ। ଜନତା ସରକାର ପରିବର୍ତ୍ତନ ଚାହୁଁଛନ୍ତି। ଦୁର୍ନୀତି ବିରୋଧରେ ଭାରତ ସ୍ଲୋଗାନ ଦେଇ ପ୍ରତିବାଦ ଆପଣଙ୍କୁ କ୍ଷମତାକୁ ଆଣିଥିଲା। କିନ୍ତୁ କଣ ହେଲା ଆପଣ ଦୁର୍ନୀତି ଆପଣେଇଲେ। ସରକାରୀ ସଂସ୍ଥାକୁ ନିଜ ନିୟନ୍ତ୍ରଣକୁ ନେଇ ଭୋଟର ତାଲିକାରେ ହେରଫେର୍ କଲେ। ଏବେ ଯିବାର ସମୟ ଆସିଗଲା।

## ଅନୁପ୍ରବେଶ ଉଦ୍ୟମ ପଣ୍ଡ, ୨ ଆତଙ୍କବାଦୀଙ୍କ ଏନକାଉଣ୍ଟର

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):** ଜମ୍ମୁ ଏବଂ କାଶ୍ମୀରରେ ଶୀତ ଋତୁରେ ସୀମାପାର ଆତଙ୍କବାଦୀ ଅନୁପ୍ରବେଶ ଘଟଣା ବୃଦ୍ଧି ପାଇଥାଏ। ତେବେ ସୁରକ୍ଷା ବାହିନୀର କଡ଼ା ସତର୍କତା ଯୋଗୁଁ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହେଉଛି। ଉତ୍ତର କାଶ୍ମୀରର କୁପୱାରା ଜିଲ୍ଲାରେ ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ଏକ ସର୍ଚ୍ଚ ଅପରେସନ ସମୟରେ ଶନିବାର ଦୁଇ ଜଣ ଆତଙ୍କବାଦୀଙ୍କୁ ଏନକାଉଣ୍ଟର କରାଯାଇଛି। ସୂତ୍ର ଅନୁଯାୟୀ, କେରାନ ସେକ୍ଟରର ଜୁମାଗୁଣ୍ଡ ଅଞ୍ଚଳରେ ଯବାନମାନେ କିଛି ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଭାରତୀୟ ଯବାନଙ୍କ ଉପରକୁ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ଜବାବରେ ଯବାନମାନେ ପାଲଟା ଆକ୍ରମଣ ଆରମ୍ଭ କରିଥିଲେ। ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ କହିଛନ୍ତି,ଭୋର ପ୍ରାୟ ସାଢେ ୩ଟା ସମୟରେ ଏନକାଉଣ୍ଟରରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଅଧିକ ଆତଙ୍କବାଦୀ ଲୁଚି ରହିଥିବାର ଆଶଙ୍କା ଥିବାରୁ ସର୍ଚ୍ଚ ଅପରେସନ ଜାରି ରହିଛି ।ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ପାକିସ୍ତାନ ପଟୁ ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରିବା ଷଡ଼ଯନ୍ତ୍ର କରୁଥିବା ଆଶଙ୍କା ରହିଛି। ଗୁଇନ୍ଦା ସୂଚନା ଅନୁଯାୟୀ ପାକ୍ ଅଧିକୃତ କାଶ୍ମୀର(ପିଓକେ)ରେ ପ୍ରାୟ ୫୦୦ ଆତଙ୍କବାଦୀ ଲଞ୍ଚପ୍ୟାଡରେ ସୁଯୋଗକୁ ଉଣ୍ଡି ବସିଛନ୍ତି। ତୁଷାରପାତ ଯୋଗୁଁ ପାର୍ବତ୍ୟ ପଥ ବନ୍ଦ ହେବା ପୂର୍ବରୁ ଭାରତୀୟ ସୀମାରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରାଯାଉଥିବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଯବାନ ସଜାଗ ରହିଛନ୍ତି ।ରିପୋର୍ଟ ଅନୁଯାୟୀ, ପାକିସ୍ତାନ ନିୟନ୍ତ୍ରଣ ରେଖା ନିକଟରେ ଥିବା ଲଞ୍ଚପ୍ୟାଡ୍ ବ୍ୟବହାର କରି ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରିପାରେ। ଶୀତଦିନେ ଉଚ୍ଚା ପାହାଡ଼ିଆ ଅଞ୍ଚଳରେ ପ୍ରବଳ ତୁଷାରପାତ ପାରମ୍ପରିକ ଅନୁପ୍ରବେଶ ପଥଗୁଡ଼ିକୁ ବନ୍ଦ କରିଦିଏ। ତେଣୁ, ତୁଷାରପାତ ପୂର୍ବରୁ ଆତଙ୍କବାଦୀମାନଙ୍କୁ ଭାରତୀୟ ସୀମା ଭିତରକୁ ପଠାଇବା ପାଇଁ ପ୍ରୟାସ ଚାଲିଛି ।ଅନ୍ତର୍ଜାତୀୟ ସୀମାରେ ପ୍ରଥମ ପ୍ରତିରକ୍ଷା ଲାଇନ୍ ଭାବରେ ବିବେଚିତ ସୀମା ସୁରକ୍ଷା ବାହିନୀ (ବିଏସଏଫ)କୁ ଅନୁପ୍ରବେଶ ବିରୋଧୀ ଅଭିଯାନ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଓକେରେ ୫୦୦ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା ସୂଚନା ମିଳିବା ପରେ ଭାରତୀୟ ସେନାକୁ ହାଇ ଆଲର୍ଟରେ ରଖାଯାଇଛି।

## ଚେନ୍ନାଇରେ ଡିଏମକେ ସାଂସଦଙ୍କ ଜରୁରୀ ବୈଠକ ଡାକିଲେ ଷ୍ଟାଲିନ୍

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି)::** ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍) କୁ ନେଇ ଦେଶବ୍ୟାପୀ ଜାରି ରହିଥିବା ବିକ୍ଷୋଭ ମଧ୍ୟରେ ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଡିଏମକେ ଚେନ୍ନାଇରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସଦଙ୍କ ଜରୁରୀ ବୈଠକ ଡାକିଛନ୍ତି। ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଏମ୍. କେ. ଷ୍ଟାଲିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଏସଆଇଆର୍ ପ୍ରତିବାଦ ଏବଂ ଆଗାମୀ ରାଜନୈତିକ ରଣନୀତି ଉପରେ ଚର୍ଚ୍ଚା ହେବ ।ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଏବଂ ଅନ୍ୟାନ୍ୟ ଯୁବ ନେତାଙ୍କୁ ଦିଲ୍ଲୀ ପୁଲିସ ଦ୍ୱାରା ଅଟକ ରଖାଯିବା ଘଟଣାକୁ ଷ୍ଟାଲିନ୍ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ସୋସିଆଲ୍ ମିଡିଆ ଏକ୍ସ ରେ ପୋଷ୍ଟ କରି ସେ ଲେଖିଛନ୍ତି, ଅଭିଜିତ ଦୀପକେ ଓ ନେହା କାହାନ୍ତି ? ସେମାନଙ୍କ ସୂଚନା ନଦେଇ ଅଟକ ରଖିବା ବେଆଇନ ଓ ଅମାନବୀୟ। ଆନ୍ଦୋଳନକୁ ଯେତେ ଦବାଇବାକୁ ଚେଷ୍ଟା କରାଯିବ, ଏହା ସେତେ ଶକ୍ତିଶାଳୀ ହେବ। ଏହାସହ ସେ 'ଜ୍ଞାନେଶ କୁମାର ମଷ୍ଟ ଗୋ' ହ୍ୟାସଟ୍ୟାଗ୍ ସହ ମୁଖ୍ୟ ନିର୍ବାଚନ



ଆୟୁକ୍ତଙ୍କ ଇସ୍ତଫା ଦାବି କରିଛନ୍ତି। ତାମିଲନାଡୁରେ କଂଗ୍ରେସ ସହ ସମ୍ପର୍କ ଛିନ୍ନ ହେବା ପରେ ଡିଏମକେ 'ଇଣ୍ଡିଆ' ମେଣ୍ଟଠାରୁ ଦୂରତା ବଜାୟ ରଖିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଡିଏମକେ ଏବେ ସିଜେପିଏବଂ କେତେକ ଆଞ୍ଚଳିକ ଦଳକୁ ନେଇ ଏକ 'ତୃତୀୟ ଫ୍ରଣ୍ଟ' ଗଠନ କରିବାକୁ ଉଦ୍ୟମ ଚଳାଇଛି। ଏହି ସିଜେପି ନେତାମାନଙ୍କୁ ଆଇନଗତ ସହାୟତା ଯୋଗାଇଦେବାକୁ ମଧ୍ୟ ଡିଏମକେ ଘୋଷଣା କରିଛି ।ଅପରପକ୍ଷରେ, ଚଳିତ ମାସ ଶେଷରେ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ପରିସୀମନ ଓ ମହିଳା ଆରକ୍ଷଣ ବିଲ୍ ଆଗତ କରିବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ଚାଲିଛି। ୨୨ ଜଣ ସାଂସଦ ଥିବା ଡିଏମକେ ପରିସୀମନର କଠୋର ସମାଲୋଚକ ହୋଇଥିଲେ ହେଁ, ବିଲ୍ ପାରିତ ପାଇଁ କେନ୍ଦ୍ର ସରକାର ଡିଏମକେ ସହ ପଛପଟେ ସଲାସୁତରା କରିଥିବା ଏବଂ ୫୦ପ୍ରତିଶତ ଆସନ ବୃଦ୍ଧିର ପ୍ରତିଶ୍ରୁତି ଦେଇ ସମର୍ଥନ ହାସଲ ପାଇଁ ଚେଷ୍ଟା କରୁଥିବା ଜଣାପଡ଼ିଛି।

## ମହୁଆ ମୋଇତ୍ରାଙ୍କ ଟାର୍ଗେଟ୍‌ରେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):** କ୍ଷମତା ପରିବର୍ତ୍ତନକୁ ନେଇ ଜାତୀୟ ରାଜନୀତିରେ ଜୋରଦାର ବୟାନବାଜି ଦେଖିବାକୁ ମିଳିଛି । କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରା । ସାଧାରଣ ନାଗରିକଙ୍କୁ ଜାତୀୟ ପତାକା ଉତ୍ତୋଳନ ପାଇଁ ବେଆଇନ ଭାବେ ଅଟକ ରଖାଯାଉଥିବା ଅଭିଯୋଗ ଆଣି ସେ ସରକାରଙ୍କୁ ଘେରିଛନ୍ତି । ଏଭଳି ସରକାର କ୍ଷମତାରେ ରହିବାର ଅଧିକାର ହରାଇଛି ବୋଲି ସେ କହିଛନ୍ତି ।ସୋସିଆଲ ମିଡିଆ



ଏକ୍ସରେ ପୋଷ୍ଟ କରି ମହୁଆ କହିଛନ୍ତି, ବିରୋଧୀ କ୍ଷମତା ପରିବର୍ତ୍ତନ ଚାହୁଁଛନ୍ତି । ନିର୍ବାଚନରେ ଅନିୟମିତତାକୁ ନେଇ ଚାଲିଥିବା ଆନ୍ଦୋଳନ ମଧ୍ୟରେ ତାଙ୍କର ଏହି ବୟାନ ରାଜନୈତିକ ମାହୋଲକୁ ସରଗରମ କରିଛି । ମହୁଆଙ୍କ ପୂର୍ବରୁ ରାଜ୍ୟସଭା ସାଂସଦ କପିଲ ସିବଲ ମଧ୍ୟ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଥିଲେ । ରକ୍ଷାମନ୍ତ୍ରୀ ରାଜନାଥ ସିଂହ ବିରୋଧୀ ଦଳଗୁଡ଼ିକ ବାଂଲାଦେଶ ଢାଞ୍ଚାରେ ସତ୍ତା ପରିବର୍ତ୍ତନ କରିବାକୁ ଚାହୁଁଥିବା ଅଭିଯୋଗ କରିବା ପରେ ସିବଲ ପାଲଟା ଜବାବ ଦେଇଛନ୍ତି ।କଂଗ୍ରେସ ନୁହେଁ, ବରଂ ଦେଶର ଜନସାଧାରଣ କ୍ଷମତା ପରିବର୍ତ୍ତନ ଚାହୁଁଥିବା ସେ କହିଛନ୍ତି । ସରକାର ଦୁର୍ନୀତିକୁ ପ୍ରଶୟ ଦେବା ସହ ବିଭିନ୍ନ ଅନୁଷ୍ଠାନକୁ ନିଜ ନିୟନ୍ତ୍ରଣରେ ରଖିଥିବା ଏବଂ ଭୋଟର ତାଲିକାରେ ହେରଫେର କରିଥିବା ନେଇ ସେ ଅଭିଯୋଗ ଆଣିଛନ୍ତି । ଏବେ ସରକାର ଯିବାର ସମୟ ଆସିଛି ବୋଲି ସିବଲ କହିଛନ୍ତି ।ସେପଟେ ବିରୋଧୀଙ୍କ ଉପରେ ପାଲଟା ହମଲା କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ । କ୍ଷମତା ପରିବର୍ତ୍ତନ ସମ୍ପର୍କିତ ବୟାନକୁ ନେଇ ସେ ବିରୋଧୀଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ନିର୍ବାଚନ ସଂସ୍କାର କିମ୍ବା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍?ଆଇଆର୍?) ପାଇଁ ନୁହେଁ, ବରଂ ଅରାଜକତା ସୃଷ୍ଟି କରି କ୍ଷମତା ହାସଲ କରିବା ବିରୋଧୀଙ୍କ ଲକ୍ଷ୍ୟ ବୋଲି ସେ ଅଭିଯୋଗ କରିଛନ୍ତି । ଗଣତନ୍ତ୍ରରେ ଜନମତ ହିଁ କ୍ଷମତା ହାସଲର ମାଧ୍ୟମ, ଅରାଜକତା ନୁହେଁ ବୋଲି ନୀତିନ କହିଛନ୍ତି । କ୍ଷମତା ପରିବର୍ତ୍ତନ ଦାବିକୁ ନେଇ ବିରୋଧୀ ଓ ବିଜେପି ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଜାରି ରହିଥିବା ବେଳେ ଜାତୀୟ ରାଜନୀତିରେ ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ବଢ଼ିଛି ।

## ବଢ଼ିଲା ନୀତିଶଙ୍କ ଅଡୁଆ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):** ବିହାର ବିଧାନ ପରିଷଦ ନିର୍ବାଚନ ପୂର୍ବରୁ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ର ବାହୁବଳୀ ବିଧାୟକ ଅନନ୍ତ କୁମାର ସିଂହଙ୍କ ଏକ ବିବାଦୀୟ ବୟାନ୍ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପାଇଁ ସେ ୯ ଜଣଙ୍କୁ ହତ୍ୟା କରିଥିବା ଏବଂ କ୍ଷମତାକୁ ଆସିବାରେ ନୀତିଶଙ୍କୁ ସାହାଯ୍ୟ କରିଥିବା ନେଇ ଦାବି କରିଛନ୍ତି। ନିଜର ଚିରପ୍ରତିଦ୍ୱନ୍ଦ୍ୱୀ ନୀରଜ କୁମାରଙ୍କୁ ଜେଡିୟୁ ବିଧାନ ପରିଷଦ ନିର୍ବାଚନ ପାଇଁ ପ୍ରାର୍ଥୀ କରିଥିବାରୁ କ୍ରୋଧାନ୍ୱିତ ହୋଇ ଅନନ୍ତ ସିଂହ ଏହି ମନ୍ତବ୍ୟ ଦେଇଥିବା ଜଣାପଡ଼ିଛି ।ଏହି ସାଂଘାତିକ ବୟାନ ପରେ ବିହାରର ମୁଖ୍ୟ ବିରୋଧୀ ଦଳ ଆରଜେଡି ନୀତିଶ କୁମାରଙ୍କୁ କଡ଼ା ନିନ୍ଦା କରିଛି। ଆରଜେଡି ନେତା ଶକ୍ତି ସିଂହ ଯାଦବ କହିଛନ୍ତି ଯେ ଅନନ୍ତ ସିଂହଙ୍କ ଏହି ମନ୍ତବ୍ୟ ସ୍ପଷ୍ଟ କରୁଛି ଯେ ନୀତିଶ କୁମାର କ୍ଷମତା ପାଇଁ ଅପରାଧୀ ଓ ବାହୁବଳୀ ଗ୍ୟାଙ୍ଗଗୁଡ଼ିକର ସହାୟତା ନେଇଥିଲେ। ଏହା ଏକ ପ୍ରକାରର ସ୍ୱୀକାରୋକ୍ତି ବୋଲି ଆରଜେଡି ଅଭିଯୋଗ କରିଛି। ଅନ୍ୟପକ୍ଷରେ, ଜେଡିୟୁ ପକ୍ଷରୁ ଏହି ବୟାନଠାରୁ ଦୂରତା ବଜାୟ ରଖାଯାଇଛି। ଦଳର ଜାତୀୟ ପ୍ରବକ୍ତା ରାଜୀବ ରଞ୍ଜନ ପ୍ରସାଦ କହିଛନ୍ତି ଯେ ନୀତିଶ କୁମାରଙ୍କ ରାଜନୈତିକ ଜୀବନ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ଏଭଳି ବ୍ୟକ୍ତିଗତ ବୟାନକୁ ଦଳ କୌଣସି ଗୁରୁତ୍ୱ ଦେଉନାହିଁ ।ତେବେ ରାଜନୈତିକ ଚର୍ଚ୍ଚା ଏବଂ ଦଳୀୟ ଚାପ ପରେ ଅନନ୍ତ ସିଂହ ନିଜ ବୟାନରୁ ଓହରି ଯାଇଛନ୍ତି। ସଫେଇ ଦେଇ କହିଛନ୍ତି ଯେ ଲାଲୁ ଯାଦବଙ୍କ ସରକାର ସମୟରେ ନୀତିଶ କୁମାରଙ୍କୁ ସମର୍ଥନ କରିଥିବାରୁ ତାଙ୍କର ୯ ଜଣ ସହଯୋଗୀଙ୍କୁ ହତ୍ୟା କରାଯାଇଥିଲା। ସେ ନିଜେ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ। ଆସନ୍ତା ଅକ୍ଟୋବର ୨୩ ରେ ବିହାର ବିଧାନ ପରିଷଦର ୮ଟି ଆସନ ପାଇଁ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ଅକ୍ଟୋବର ୨୭ ରେ ଗଣତି ହେବ। ଏହି ନିର୍ବାଚନ ପୂର୍ବରୁ ଅନନ୍ତ ସିଂହଙ୍କ ଏହି ଆରୋପ-ପ୍ରତ୍ୟାରୋପ ବିହାର ରାଜନୀତିକୁ ଆହୁରି ସରଗରମ କରିଦେଇଛି।

## ନିଜ ଦେଶର ୩୦୦ ସୈନକଙ୍କୁ ମାରିଲେ ରୁଷ ସେନା ଅଧିକାରୀ !

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସାଂଘାତିକ ଖେଳ । ରୁଷ ସେନାର ଜଣେ ଅଧିକାରୀ ନିଜ ଦେଶକୁ ଧୋକା ଦେଇ ୟୁକ୍ରେନ ସହ ହାତ ମିଳାଇଛନ୍ତି। ୟୁକ୍ରେନ ସେନାକୁ ଗୁପ୍ତ ତଥ୍ୟ ଦେଇ ରୁଷର ସୈନିକଙ୍କୁ ମାରିବାକୁ ସାହାଯ୍ୟ କରିଛନ୍ତି । ଆଉ ସୁଯୋଗ ଦେଖି କିଭ୍ ପଳାଇଛନ୍ତି ଏବଂ ଏବେ ସେ ରୁଷ ସେନା ବିରୋଧରେ ଲଢୁଛନ୍ତି । ଏନେଇ ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲରେ ରିପୋର୍ଟ ପ୍ରକାଶ ପାଇବା ପରେ ରୁଷରେ ହଇଚଇ ଖେଳିଯାଇଛି । ୨୬ ବର୍ଷୀୟ ସେନା ଅଧିକାରୀ ଲେଫ୍ଟନାଣ୍ଟ ଲେଭ୍ ଷ୍ଟୁପନିକୋଭଙ୍କୁ ଖୋଜୁଛି ପୁଟିନ ସେନା । ରିପୋର୍ଟ ଅନୁଯାୟୀ, ଲେଭ୍ ଷ୍ଟୁପନିକୋଭଙ୍କ ସହାୟତାରେ ୟୁକ୍ରେନ ସେନା ୩୦୦ରୁ ଅଧିକ ରୁଷୀୟ ସୈନିକଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲା। ଏହାପରେ ସେ ସୀମା ପାର ହୋଇ ୟୁକ୍ରେନ ପଳାଇଥିଲେ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସରକାର ବିରୁଦ୍ଧରେ ଲଢୁଥିବା ଏକ ୟୁନିଟ୍‌ରେ ଯୋଗଦେଇଛନ୍ତି। ଲେଭ୍ ଷ୍ଟୁପ୍ ନିକୋଭ୍ ରୁଷ୍ ସେନାରେ ନିଜର ପଦବୀର ଦୁରପଯୋଗ କରି ୟୁକ୍‌ରେନ ଗୁଇନ୍ଦା ସଂସ୍ଥାକୁ ସମ୍ବେଦନଶୀଳ ସାମରିକ ସୂଚନା ଦେଉଥିଲେ। ସେନା ଗତିବିଧି ଠାରୁ ଆରମ୍ଭ କରି ଡ୍ରୋନ୍ ଏବଂ କ୍ୟାମେରାର ଲାଇଭ୍ ଫିଡ୍ ପର୍ଯ୍ୟନ୍ତ ସବୁ ତଥ୍ୟ ସେ ୟୁକ୍ରେନକୁ ପଠାଉଥିଲେ। ଯଦିଓ ସେ ଏବେ ୟୁକ୍‌ରେନ ସେନାରେ ସାମିଲ ହୋଇଛନ୍ତି, କିନ୍ତୁ ତାଙ୍କ ପତ୍ନୀ ତାଙ୍କୁ ଛାଡ଼ି ଦେଇଛନ୍ତି । ଏପରିକ ସେ ଜଣେ ଦେଶଦ୍ରୋହୀ ବୋଲି ଅଭିଯୋଗ କରିଛନ୍ତି ତାଙ୍କ ପତ୍ନୀ ।ଷ୍ଟୁପନିକୋଭ୍‌ଙ୍କୁ ୟୁକ୍‌ରେନର ଡନବାସ ଅଞ୍ଚଳ ଅଧୀନରେ ଥିବା ଭୁହଲେଦାରକୁ କବ୍‌ଜା କରିବା ପାଇଁ ଏକ ବାଟାଲିୟନର ମୁଖ୍ୟ ସିଗ୍ନାଲ୍ ଅଧିକାରୀ ଭାବରେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ କାମ ଥିଲା କମାଣ୍ଡରମାନଙ୍କୁ ସେମାନଙ୍କ ୟୁନିଟ୍ ସହିତ ଯୋଗାଯୋଗରେ ରଖିବା। କିନ୍ତୁ ସେ ଗୁପ୍ତ ଭାବରେ ୟୁକ୍ରେନକୁ ରୁଷୀୟ ସୈନିକଙ୍କ ସଠିକ୍ ଅବସ୍ଥାନ ଏବଂ ଗତିବିଧି ସମ୍ପର୍କରେ ସୂଚନା ଦେଉଥିଲେ। ଦିନେ ସକାଳେ ଷ୍ଟୁପନିକୋଭ୍ ପେଟ ଯନ୍ତ୍ରଣା ହେଉଛି ବୋଲି ମିଛ କହି ନିଜ ସାଥୀ ସୈନିକମାନଙ୍କଠାରୁ ଦୂରେଇ ଯାଇଥିଲେ। ଠିକ୍ ତା'ପରେ, ୟୁକ୍ରେନ ପକ୍ଷରୁ ସେଠାରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ୬୮ ଜଣ ରୁଷୀୟ ସୈନିକ ପ୍ରାଣ ହରାଇଥିଲେ । ଆଉ ୬୦ ଜଣ ଆହତ ହୋଇଥିଲେ। ଆକ୍ରମଣ ପରେ ୟୁକ୍ରେନ କର୍ତ୍ତୃପକ୍ଷ ତାଙ୍କୁ ଫଟୋ ପଠାଇବାକୁ କହିଥିଲେ ।

## ରୁଷ ରାଷ୍ଟ୍ରପତିଙ୍କୁ ଖୁସି କରିବା ପାଇଁ ଟ୍ରମ୍ପ ୟୁକ୍ରେନକୁ ଭୁଲିଗଲେ

**ନୂଆଦିଲ୍ଲୀ,୧୮।୧୦(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ଏପରି କିଛି କରୁଛନ୍ତି ଯାହା ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଆମେରିକାର ନୀତିକୁ ଭୁଲି ଯାଇଛନ୍ତି କି ବୋଲି ପ୍ରଶ୍ନ ଉଠାଇଛି। ଏହି ମନ୍ତବ୍ୟ ଭ୍ଲାଦିମିର ପୁଟିନଙ୍କ ସହ ତାଙ୍କର ଭଲ ସମ୍ପର୍କକୁ ସୂଚାଉଛି। ଟ୍ରମ୍ପ କହିଛନ୍ତି ଯେ, ରୁଷ ଚଳିତ ବର୍ଷ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ବୈଠକରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଛି। ଟ୍ରମ୍ପ ମଧ୍ୟ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମ୍ମିଳନୀରେ ଯୋଗଦେବାର ସମ୍ଭାବନା ପ୍ରତି ସକାରାତ୍ମକ ମନୋଭାବ ପ୍ରକାଶ କରିଛନ୍ତି। ଏହା ସହିତ ୟୁକ୍‌ରେନକୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଭୁଲି ଯାଇଥିବା ପରି ମନେହେଉଛି। ସେ କହିଛନ୍ତି, ଯଦି ପୁଟିନ ବୈଠକରେ ଯୋଗ ଦିଅନ୍ତି, ତେବେ ମୁଁ ତାଙ୍କୁ ସ୍ୱାଗତ କରିବି। ତେବେ ଏହା ଏପର୍ଯ୍ୟନ୍ତ ନିଶ୍ଚିତ ନୁହେଁ ଯେ, ରୁଷ ରାଷ୍ଟ୍ରପତି ନିଜେ ସମ୍ମିଳନୀରେ ଯୋଗଦେବେ କି ରୁଷରୁ ପ୍ରତିନିଧି ପଠାଇବେ ।ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି। ୨୦୨୬ ମସିହାରେ ଯୁକ୍ତରାଷ୍ଟ୍ର ଜି-୨୦ର ସଭାପତି ପଦ ସମ୍ଭାଳିବ। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ଅକ୍ଟୋବର ୩୦ ଏବଂ ୩୧ ତାରିଖରେ ଜର୍ଜିଆର ଆଟଲାଣ୍ଟାରେ ଜି-୨୦ ବୈଦେଶିକ ମନ୍ତ୍ରୀମାନଙ୍କର ଏକ ବୈଠକ ଆୟୋଜନ କରିବେ।



# ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିଃ ର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର, ୧୮।୧୦ (ଯୁବମୋର୍ଚ୍ଚା) : ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ପକ୍ଷରୁ ଆଜି ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ବ୍ୟାଙ୍କର ଜମା ପରିମାଣ ୫୦,୬୪୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଯାହା ବାର୍ଷିକ ଆଧାରରେ ୨୯.୨% ଓ ତ୍ରୈମାସିକ ଆଧାରରେ ୫.୨% ବୃଦ୍ଧି ହୋଇଛି। ଏହାବ୍ୟତୀତ କାସା ବାର୍ଷିକ ୨୨.୨% ବୃଦ୍ଧି ହୋଇ ୧୩୧୭୬ କୋଟି ଟଙ୍କା ରହିଥିବା ବେଳେ କାସା ଅନୁପାତ ୨୬.୦% ରହିଛି। ଏହି ଅବଧିରେ ବ୍ୟାଙ୍କ ସର୍ବୋଚ୍ଚ ତ୍ରୈମାସିକ ପିଏଟି ହାସଲ କରିଛି ଯାହା ବାର୍ଷିକ ୨୦୦% ଓ ତ୍ରୈମାସିକ ଆଧାରରେ ୧୫.୩% ବୃଦ୍ଧି ହୋଇ ୩୬୫ କୋଟି ଟଙ୍କାରେ ପହଂଚିଛି। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ପାଇଁ ବ୍ୟାଙ୍କର ସିଓଏଫ ବାର୍ଷିକ ୦.୪% ହ୍ରାସ ହୋଇ ୬.୯% ରହିଛି। ଏହି ତ୍ରୈମାସିକରେ ବ୍ୟାଙ୍କ ଗ୍ରାହକଙ୍କ ପାଇଁ ଏଏସବିଏ ଫ୍ୟାସିଲିଟି ଲଂଚ୍ କରିଛି। ବ୍ୟାଙ୍କର ଗ୍ରସ ଲୋନ ବୁକ୍ ୨ୟ ତ୍ରୈମାସିକରେ ବାର୍ଷିକ ଆଧାରରେ ୩୨.୧% ଓ ତ୍ରୈମାସିକ ଆଧାରରେ ୬.୫% ବୃଦ୍ଧି ହୋଇ ୪୫୬୯୯ କୋଟି ଟଙ୍କା ରହିଛି। ସେହିପରି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ବ୍ୟାଙ୍କର ତ୍ରୈମାସିକ ଆବଂଟନ ୩୨.୩% ବୃଦ୍ଧି ହୋଇ ୧୦୪୯୫ କୋଟି ଟଙ୍କା ରହିଛି। ଏହି ଆର୍ଥିକ ଫଳାଫଳ ସମ୍ପର୍କରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ପୂର୍ଣ୍ଣକାଳିନ ନିର୍ଦ୍ଦେଶକ ଓ ଅନ୍ତରୀଣ ସିଇଓ, କାରୋଲ ଫୁର୍ଟାଡୋ କହିଛନ୍ତି, "ଏହି ଅଭିବୃଦ୍ଧି ବେଗକୁ ଜାରି ରଖିବା ପାଇଁ ବୋର୍ଡ ପକ୍ଷରୁ ସେୟାରହୋଲ୍ଡରଙ୍କ ଅନୁମୋଦନ ଅନୁଯାୟୀ ଇଂଟରନ୍ୟାଶନାଲ ଫାଇନାନ୍ସ କର୍ପୋରେଶନ, ବଜାଜ ଲାଇଫ ଇନ୍ସୁରାନ୍ସ ଲିମିଟେଡ, ଏଚଡିଏଫସି ଲାଇଫ ଇନ୍ସୁରାନ୍ସ ଓ ଆଦିତ୍ୟ ବିର୍ଲା ସନ୍ ଲାଇଫ ଇନ୍ସୁରାନ୍ସଠାରୁ ୪୦୯ କୋଟି ଟଙ୍କାର ପ୍ରିଫରେନ୍ସିଆଲ ଇସ୍ୟୁ ମାଧ୍ୟମରେ ପାଣ୍ଠି ସଂଗ୍ରହ ପାଇଁ ମଞ୍ଜୁରୀ ଦିଆଯାଇଛି। ଏହାବ୍ୟତୀତ ବ୍ୟାଙ୍କ ଅକ୍ଟୋବର ମାସରେ ସିକ୍ୟୁରାଇଜେଶନ ପୁଲ୍‌କୁ ୫୦୦ କୋଟି ଟଙ୍କାକୁ ବୃଦ୍ଧି କରି ନିଜର ଫଣ୍ଡିଂ ମିକ୍ସକୁ ଉନ୍ନତ କରିଛି।" ସ୍ୱାସ୍ଥ୍ୟଗତ କାରଣରୁ ଶ୍ରୀଯୁକ୍ତ ସଞ୍ଜୀବ ନୌଟିୟାଲ ସମୟ ପୂର୍ବରୁ ଅବସର ନେବା ପାଇଁ ଅନୁରୋଧ କରିଛନ୍ତି ଏବଂ ଏନଆର୍‌ସି ଏମ୍‌ଡି ପ୍ରାର୍ଥୀଙ୍କ ନାମ ନିୟାମକ ନିକଟରେ ସମୟରେ ଦାଖଲ କରିବା ନିଶ୍ଚିତ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ୨୦୨୬-୨୭ର ୨ୟ ତ୍ରୈମାସିକରେ ବ୍ୟାଙ୍କ ୩୬୫ କୋଟି ଟଙ୍କାର ସର୍ବୋଚ୍ଚ ପିଏଟି ହାସଲ କରିଥିବା ବେଳେ ଏହାର ଆର୍‌ଓଏ ଓ ଆର୍‌ଓଇ ଯଥାକ୍ରମେ ୨.୪% ଓ ୧୯.୭%କୁ ବୃଦ୍ଧିପାଇଛି। ଏହି ପ୍ରଦର୍ଶନ ମଜବୁତ ଋଣ ସମ୍ପ୍ରସାରଣ, ଏକ ବର୍ଦ୍ଧିତ ଡିପୋଜିଟ ଫ୍ରାଂଚାଇଜ, ସୁରକ୍ଷିତ ସମ୍ପତିର ଏକ ବର୍ଦ୍ଧିତ ସେୟାର ଓ ସାମଗ୍ରିକ ଆର୍ଥିକ ଶୃଙ୍ଖଳା ଦ୍ୱାରା ସମର୍ଥିତ ଅଟେ। ବ୍ୟାଙ୍କ ଆଗାମୀ ଦିନରେ ବିତରଣ, ଟେକ୍ନୋଲୋଜି ଓ ଗ୍ରାହକ ସମ୍ପୃକ୍ତି କ୍ଷେତ୍ରରେ ନିବେଶ ଜାରି ରଖିବ। ଆମେ ନୂଆ ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଆର୍ ମାଧବନଙ୍କ ସହ ସେପ୍ଟେମ୍ବର ୨୦୨୬ରେ ଆମର ନୂଆ ବ୍ରାଣ୍ଡ କ୍ୟାମ୍ପେନ ଲଂଚ କରିଥିଲୁ। ଉଜ୍ଜୀବନ ଆଜି ଏହାର ବ୍ୟାପକତା, ପହଂଚ ଓ ଉତ୍ପାଦ ଶୃଙ୍ଖଳା କ୍ଷେତ୍ରରେ ବହୁମାତ୍ରାରେ ବିକଶିତ ହୋଇଛି। ଆମର ଟ୍ୟାଗ୍‌ଲାଇନ 'ନଥିଙ୍ଗ ସ୍ମଲ ଏବାଉଟ ଅସ୍' ଉଜ୍ଜୀବନର ମହତ୍ୱାକାଂକ୍ଷା, ପହଂଚ ଓ ଏହା ପ୍ରଦାନ କରୁଥିବା ଆର୍ଥିକ ସମାଧାନର ବ୍ୟାପକତାକୁ ପ୍ରତିଫଳନ କରୁଛି। ଏହି କ୍ୟାମ୍ପେନ ଟିଭି, ପ୍ରିଂଟ ଓ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବ ଏବଂ ଏହା ପ୍ରାୟ ୩୫ କୋଟି ଦର୍ଶକଙ୍କ ନିକଟରେ ପହଂଚିବ ବୋଲି ଆଶା କରାଯାଉଛି। ଭବିଷ୍ୟତର ଅଭିବୃଦ୍ଧିକୁ ପରିଚାଳନା କରିବା ପାଇଁ ବ୍ୟାଙ୍କ ୧୦୪ଟି ନୂଆ ବ୍ରାଂଚର ଶୁଭାରମ୍ଭ କରି ନିଜର ବିତରଣ ନେଟୱର୍କକୁ ସମ୍ପ୍ରସାରିତ କରିଛି ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୧୩୩୫ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରି ନିଜର ଆନୁଷ୍ଠାନିକ କ୍ଷମତାକୁ ସୁଦୃଢ କରିଛି।

# ମଲ୍ଟି ରେଷ୍ଟୁରାଂଟ ଅର୍ଡରିଂ ଫିଚର ଲଂଚ୍ କରିଛି ସ୍ୱିଗି

ଭୁବନେଶ୍ୱର, ୧୮।୧୦ (ନି.ପ୍ର) : ଭାରତର ଅଗ୍ରଣୀ ଅନ୍-ଡିମାଣ୍ଡ କନ୍‌ଭିନିଏନ୍ସ ପ୍ଲାଟଫର୍ମ ସ୍ୱିଗି ପକ୍ଷରୁ ଏହାର ଆପ୍‌ରେ ମଲ୍ଟି ରେଷ୍ଟୁରାଂଟ ଅର୍ଡରିଙ୍ଗ ଫିଚର୍‌ର ଲଂଚ୍ ଘୋଷଣା କରାଯାଇଛି। ମଲ୍ଟି ରେଷ୍ଟୁରାଂଟ ଅର୍ଡରିଙ୍ଗ ଫିଚରକୁ ଉପଭୋକ୍ତାମାନେ ଯେପରି ବିନା କୌଣସି ସାଲିସରେ ନିଜ ପସନ୍ଦର ଖାଦ୍ୟ ଅର୍ଡର କରିପାରିବେ ତାହା ନିଶ୍ଚିତ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଫିଚର ଉପଭୋକ୍ତାଙ୍କୁ ୫ଟି ପର୍ଯ୍ୟ' ରେଷ୍ଟୁରାଂଟରୁ ଭିନ୍ନ ଭିନ୍ନ ଖାଦ୍ୟ ଓ ବ୍ୟଞ୍ଜନକୁ ଏକତ୍ରିତ କରି ଗୋଟିଏ ଅର୍ଡର ପ୍ଲେସ କରିବା ପାଇଁ ଅନୁମତି ଦେଇଥାଏ। ଏକ ବାଧାମୁକ୍ତ ଅନୁଭୂତି ପାଇଁ ମଲ୍ଟି ରେଷ୍ଟୁରାଂଟ ଅର୍ଡରିଙ୍ଗ ଫିଚର ଉପଭୋକ୍ତାଙ୍କ ପାଇଁ ଅଧିକ ସଂଚୟର ପ୍ରତିଶ୍ରୁତି ଦେଉଛି କାରଣ ଏହା ମଲ୍ଟି ପ୍ଲାଟଫର୍ମ ଫି ସହିତ ଭିନ୍ନ ଭିନ୍ନ କାର୍ଟ ଓ




ଚେକ୍‌ଆଉଟ ପାଇଁ ଆବଶ୍ୟକତାକୁ ଦୂର କରିଥାଏ। ଏହି ଫିଚର ସହିତ ଉପଭୋକ୍ତାମାନେ ନିଜ ପସନ୍ଦର ଷ୍ଟାର୍ଟର, ମେନ୍ କୋର୍ସ ଓ ଡେଜର୍ଟକୁ ଭିନ୍ନ ଭିନ୍ନ ରେଷ୍ଟୁରାଂଟରୁ ଏକାସଙ୍ଗେ ଅର୍ଡର କରିପାରିବେ।

ଏହି ଫିଚରର ଲଂଚ ଅବସରରେ ସ୍ୱିଗି ଫୁଡ୍ ମାର୍କେଟପ୍ଲେସର ମୁଖ୍ୟ ବାଣିଜ୍ୟ ଅଧିକାରୀ ସିଦ୍ଧାର୍ଥ ଭାକୁ କହିଛନ୍ତି, 'ଆମେ ବାସ୍ତବରେ ଏକ ଫୁଡ କୋର୍ଟର ଅନୁଭବକୁ ଉପଭୋକ୍ତାଙ୍କ ଘର ପର୍ଯ୍ୟନ୍ତ ଆଣିଛୁ। ମଲ୍ଟି-ରେଷ୍ଟୁରାଂଟ ଅର୍ଡରିଙ୍ଗ ହେଉଛି ଖାଦ୍ୟ ଚୟନ ପାଇଁ ସୃଷ୍ଟି ହେଉଥିବା ଦ୍ୱନ୍ଦର ଏକ ସମାଧାନ। ଆମେ ଉପଭୋକ୍ତାଙ୍କୁ ଗୋଟିଏ ଚେକଆଉଟ ବିକଳ୍ପ ସହିତ ନିଜ ପସନ୍ଦର ରେଷ୍ଟୁରାଂଟ କିମ୍ବା ଏକାଧିକ କୁଜିନ୍‌ର ଖାଦ୍ୟ ଅର୍ଡର କରିବା ପାଇଁ ସକ୍ଷମ କରିଛୁ। ଏହାର ଲକ୍ଷ୍ୟ ହେଉଛି ଅଧିକ ବିକଳ୍ପ ଓ ଉନ୍ନତ ସୁବିଧା ପ୍ରଦାନ କରିବା ଏବଂ କୌଣସି ପ୍ରକାରର ସାଲିସ ନକରିବା ନିଶ୍ଚିତ କରିବା।

## ଅଜିମ୍ ପ୍ରେମଜୀ ୟୁନିଭରସିଟି ୨୦୨୭ ଶିକ୍ଷାବର୍ଷ ନିମନ୍ତେ ଅଣ୍ଡରଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ଆବେଦନ ଉନ୍ମୁକ୍ତ

ଭୁବନେଶ୍ୱର, ୧୮।୧୦ (ନି.ପ୍ର) : ଅଜିମ୍‌ପ୍ରେମଜୀ ୟୁନିଭରସିଟି ୨୦୨୭ ଶିକ୍ଷା ବର୍ଷ ନିମନ୍ତେ ତାହାର ବେଙ୍ଗାଲୁରୁ, ଭୋପାଳ ଏବଂ ରାଞ୍ଚିରେ ଥିବା ସମସ୍ତ କ୍ୟାମ୍ପସ୍‌ରେ ପୂର୍ଣ୍ଣ-କାଳୀନ ଅଣ୍ଡରଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ଆବେଦନ ଉନ୍ମୁକ୍ତ କରିଛି। ବିଶ୍ୱବିଦ୍ୟାଳୟ (ୟୁନିଭରସିଟି) ଏଜୁକେସନ, ଡେଭେଲପମେଣ୍ଟ, ଇକୋନୋମିକ୍ସ, ପବ୍ଲିକ ହେଲ୍‌ଥ, ଅର୍ଲି ଚାଇଲଡ୍‌ହୁଡ କେୟାର ଆଣ୍ଡ ଏଜୁକେସନ୍ ଓ କ୍ଲାଇମେଟ ଚେଞ୍ଜ ଆଣ୍ଡ ସଷ୍ଟେନେବଲିଟି ଆଦିରେ ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମ ପ୍ରଦାନ କରୁଛି। ଏହାର ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମ ଅବଧି ଚାରବର୍ଷ, ପୂର୍ଣ୍ଣ-କାଳୀନ ଆବାସିକ ଏବଂ ଏଥିରେ ହ୍ୟୁମାନିଟିଜ୍, ସୋସିଆଲ ସାଇନେସ୍ସ ଓ ସାଇନ୍ସେସ୍ ଆଦି ପାଠ୍ୟକ୍ରମ ରହିଛି। ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମଗୁଡ଼ିକ ହେଉଛି ଏମ୍ଏ ଏଜୁକେସନ; ଏମ୍ଏ ଅର୍ଲି ଚାଇଲଡ୍‌ହୁଡ କେୟାର ଆଣ୍ଡ ଏଜୁକେସନ; ଏମ୍ଏ ଡେଭେଲପମେଣ୍ଟ, ଏମ୍ଏ ଇକୋନୋମିକ୍ସ; ଏମ୍ଏସ୍‌ସି କ୍ଲାଇମେଟ ଚେଞ୍ଜ ଆଣ୍ଡ ସଷ୍ଟେନେବିଲିଟି, ଯାହା ବେଙ୍ଗାଲୁରୁ କ୍ୟାମ୍ପସରେ ରହିଥିବାବେଳେ ଏମ୍ଏ ଏଜୁକେସନ; ମାଷ୍ଟର ଅଫ ପବ୍ଲିକ ହେଲ୍‌ଥ ଭୋପାଳରେ ଏବଂ ଏମ୍ଏ ଡେଭେଲପମେଣ୍ଟ; ଏମ୍ଏ ଆପ୍ଲାଏଡ ଇକୋନୋମିକ୍ସ ରାଞ୍ଚି କ୍ୟାମ୍ପସ୍‌ରେ ପ୍ରଦାନ କରାଯାଉଛି। ଇକୋନୋମିକ୍ସ, ଇଂଲିଶ, ହିଷ୍ଟ୍ରୀ, ଫିଲୋସଫି, ପଲିଟିକ୍ସ ଓ ଇକୋନୋମିକ୍ସ ଏବଂ ମିଡିଆ ଆଣ୍ଡ ଜର୍ଣ୍ଣାଲିଜିମ୍‌ର ବିଏ ଅନର୍ସ; ବାୟୋଲୋଜି, କେମିଷ୍ଟ୍ରି, ମ୍ୟାଥେମାଟିକ୍ସ, ଫିଜିକ୍ସ, ସାଇକୋଲୋଜି, ଇନ୍‌ଫରମେସନ ସାଇନ୍ସ ଓ ଏନଭେରିମେଣ୍ଟାଲ ସାଇନ୍ସ ଆଣ୍ଡ ସଷ୍ଟେନେବଲିଟିରେ ବିଏସ୍‌ସି ଅନର୍ସ ପାଠ୍ୟକ୍ରମ ବେଙ୍ଗାଲୁରୁ କ୍ୟାମ୍ପସରେ ପ୍ରଦାନ କରାଯାଉଥିବାବେଳେ ଇକୋନୋମିକ୍ସ, ଇଂଲିଶ, ହିଷ୍ଟ୍ରୀ, ସୋସିଆଲ ସାଇନ୍ସ ଓ ହିନ୍ଦୀ ଷ୍ଟଡିଜ୍‌ରେ ବିଏ ଅନର୍ସ ତଥା ବାୟୋଲୋଜିରେ ବିଏସ୍‌ସି ଅନର୍ସ ପାଠ୍ୟକ୍ରମ ଭୋପାଳ କ୍ୟାମ୍ପସରେ ପ୍ରଦାନ କରାଯାଉଛି। ବିଶ୍ୱବିଦ୍ୟାଳୟର ଶିକ୍ଷା। ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ବିଷୟ-ଭିତ୍ତିକ ପାଠ୍ୟକ୍ରମ ସହିତ ଅନ୍ତଃ-ବିଷୟଗତ ଏବଂ ବିଷୟବସ୍ତୁ-ଆଧାରିତ ଇଚ୍ଛାଧୀନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଉକ୍ତ ପାଠ୍ୟକ୍ରମଗୁଡ଼ିକ ଉପରେ ନିର୍ଭର କରି ଛାତ୍ର ଛାତ୍ରୀ ମଧ୍ୟ ଲାବୋରେଟୋରୀ କାର୍ଯ୍ୟ, ଇଣ୍ଟର୍ନସିପ୍, ମେଣ୍ଟରଡ୍ ଫିଲ୍ଡ ପ୍ରୋଜେକ୍ଟସ୍ (ମାର୍ଗଦର୍ଶନରେ କ୍ଷେତ୍ରସ୍ତରୀୟ ପ୍ରକଳ୍ପ), ୱର୍କସପ୍ (କର୍ମଶାଳା) ଏବଂ ସେମିନାର (ଆଲୋଚନାଚକ୍ର) ଆଦିର ସୁଯୋଗ ନେଇପାରିବେ।

# ଅଡି ଇଣ୍ଡିଆ ପକ୍ଷରୁ ନୂଆ ଅଡି କ୍ୟୁ୩ର ବଜାର ପ୍ରବେଶ

ଭୁବନେଶ୍ୱର, ୧୮।୧୦ (ନି.ପ୍ର) : ଲକ୍‌ଜରୀ କାର୍ ନିର୍ମାତା ଅଡି ପକ୍ଷରୁ ଭାରତରେ ଏହାର ନୂଆ ଅଡି କ୍ୟୁ୩ କାରର ଶୁଭାରମ୍ଭ କରାଯାଇଛି। ଏହା ନିଜର କମ୍ପାକ୍ଟ ଲକ୍‌ଜରୀ ଏସୟୁଭିରେ ୧୫୦ କେଡବ୍ଲ୍ୟୁର ପାୱାର, କ୍ୱାଟ୍ରୋଲ ହ୍ୱିଲ ଡ୍ରାଇଭ ଏବଂ ଡିଜିଟାଲ, ଲାଇଟିଂ ଓ କର୍ଟ ଟେକ୍ନୋଲୋଜିଗୁଡ଼ିକର ଏକ ଶୃଙ୍ଖଳାକୁ ଏକତ୍ରିତ କରିଛି। ଏହାର ଟେକ୍ନୋଲୋଜି ସମୃଦ୍ଧ କ୍ୟାବିନରେ ଏକ ଡିଜିଟାଲ ଷ୍ଟେଜ ପାନୋରାମିକ ଡିସ୍‌ପ୍ଲେ, ହେଡ୍-ଅପ ଡିସ୍‌ପ୍ଲେ ଏବଂ ସୋନୋସ ପ୍ରିମିୟମ ସାଉଣ୍ଡ ସିଷ୍ଟମ ରହିଛି। ସ୍ଥାନୀୟ ରୂପେ ଛତ୍ରପତି ସମ୍ଭାଜିନଗରଠାରେ ଏସଏଭିଡବ୍ଲ୍ୟୁଆଇପିଏଲ ପ୍ଲାଂଟରେ ଆସେମ୍ବଲ୍ ହେଉଥିବା ନୂଆ ଅଡି କ୍ୟୁ୩ ବଜାରରେ ୫୧,୯୯,୦୦୦ ଟଙ୍କା (ଏକ୍ସଶୋରୁମ୍)ର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହି କାର ସେଜ୍ ଗ୍ରୀନ, ମାଇଥୋସ୍ ବ୍ଲାକ, ଗ୍ଲାସିୟର ହ୍ୱାଇଟ, ନାଭାରା ବ୍ଲୁ ଓ ଟାମ୍ବୋରା ଗ୍ରେ କଲରରେ ଏବଂ ଦୁଇଟି ଇଂଟେରିୟର କଲର ଟାମାରିଣ୍ଡ ବ୍ରାଉନ ଓ ପର୍ଗାମେଂଟ ବିଜ୍‌ରେ ଉପଲବ୍ଧ ହେବ। ଏହି ନୂଆ ମଡେଲର ଲଂଚ୍ ଅବସରରେ ଅଡି ଏଜିର ସେଲ୍ସ ସଭରସିଜ୍ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଭିକ୍ଟୋରିଆ କୌଫମାନ୍-ରେଜର କହିଛନ୍ତି, 'ଆଜି ଅଡି ଇଣ୍ଡିଆ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଏବଂ ମୁଁ ଏହି ଅବସରର ଏକ ଅଂଶ ହୋଇ ଖୁସି ଅନୁଭବ କରୁଛି। ନୂଆ ଅଡି କ୍ୟୁ୩ର ଲଂଚ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ସେଲ୍ସ ଓ ମାର୍କେଟିଂ ପାଇଁ




ଆମର ନୂଆ ଅଡି ଏଜି ବୋର୍ଡ ସଦସ୍ୟ ମାର୍ଟିନ ସ୍ୟାଣ୍ଡର, ଭାରତରେ ଏଠାରେ ଆମକୁ ଯୋଗ ଦେଇଥିବାରୁ ଏହି ଅବସର ଆହୁରି ସ୍ୱତନ୍ତ୍ର ହୋଇଛି। ତାଙ୍କର ଉପସ୍ଥିତି ବ୍ରାଣ୍ଡର ନୂଆ ମଡେଲର ମହତ୍ୱ ସହିତ ଅଡି ଏଜି ପାଇଁ ଏକ ଉଦୀୟମାନ ବଜାର ଭାବେ ଭାରତର ବର୍ଦ୍ଧିତ ମହତ୍ୱକୁ ସୂଚିତ କରୁଛି।' ସେହିପରି ଏସଏଭିଡବ୍ଲ୍ୟୁଆଇପିଏଲର ଏମ୍‌ଡି ଓ ସିଇଓ ପିୟୁଷ ଅରୋରା କହିଛନ୍ତି, 'ନୂଆ ଅଡି କ୍ୟୁ୩ର ଲଂଚ୍ ଅଡି ଇଣ୍ଡିଆ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି ଏବଂ ଲକ୍‌ଜରୀ ଗ୍ରାହକଙ୍କର ପରବର୍ତ୍ତୀ ପିଢିର ବିକଶିତ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ନୂଆ ଅଡି କ୍ୟୁ୩କୁ ଭାରତରେ ଆମର ଛତ୍ରପତି ସମ୍ଭାଜିନଗର କାରଖାନାରେ ଉତ୍ପାଦନ କରାଯାଉଛି। ଏହା କ୍ଷମତାଗୁଡିକର ଏକ ମଜବୁତ ପ୍ରଦର୍ଶନ ଯାହାକୁ ଆମେ ଏସଏଭିଡବ୍ଲ୍ୟୁଆଇପିଏଲରେ ନିର୍ମାଣ କରିଛୁ।' ଅଡି ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ବଲବିର ସିଂହ ଧିଲୋନ କହିଛନ୍ତି, 'ଅଡି କ୍ୟୁ୩ ଭାରତରେ ଅଡି ବ୍ରାଣ୍ଡ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ମାର୍ଗ ରହିଆସିଛି ଏବଂ ଆମେ ଏହାର ସବୁଠାରୁ ପ୍ରଗତିଶୀଳ ସଂସ୍କରଣର ଶୁଭାରମ୍ଭ କରି ଆନନ୍ଦିତ। ଆମେ ନିଶ୍ଚିତ ଯେ, ଏହାର ସ୍ୱତନ୍ତ୍ର ଫିଚର, ଆଡ୍‌ଭାନ୍ସଡ ଟେକ୍ନୋଲୋଜି ଓ ସହଜ ବ୍ୟବହାରିକତା , ଏକ ଆଧୁନିକ କମ୍ପାକ୍ଟ ଲକ୍‌ଜରୀ ଏସୟୁଭିର ସନ୍ଧାନ କରୁଥିବା ଗ୍ରାହକଙ୍କ ସହ ଦୃଢ ଭାବେ ପ୍ରତିଧ୍ୱନିତ୍ୱ କରିବ।

# ଶ୍ୟାମ ମେଟାଲିକ୍ସ ପକ୍ଷରୁ ଦୁର୍ଗାପୂଜାରେ 'ଶକ୍ତି ଏକ୍ ରୁପ୍ ଅନେକ' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୧୦ (ନି.ପ୍ର) : ଦୁର୍ଗାପୂଜା ଉପଲକ୍ଷେ ଶ୍ୟାମ ମେଟାଲିକ୍ସ ପକ୍ଷରୁ ଶକ୍ତି ଏକ୍ ରୁପ୍ ଅନେକ ଅଭିଯାନର ଶୁଭାରମ୍ଭ କରାଯାଇଛି ଯାହା ଦୈନନ୍ଦିନ ଜୀବନରେ ଶକ୍ତିର ବିଭିନ୍ନ ଭାବକୁ ଅନେଷ୍ୱଣ କରୁଥିବା ବେଳେ ନବସୃଜନ, ସଂସ୍କୃତି ଓ ଦୟା ଭାବକୁ ପାଳନ କରୁଛି। ଶକ୍ତି, ସୁରକ୍ଷା ଓ ସମବେଦନାକୁ ନେଇ କମ୍ପାନିର ରହିଥିବା ବ୍ରାଣ୍ଡ ମୂଲ୍ୟବୋଧ ଅନୁସାରେ ଏହି ଅଭିଯାନ ବ୍ରାଣ୍ଡ ପକ୍ଷରୁ କୋଲକାତା ସହରରେ ଆଶାର ପ୍ରେରଣାଦାୟୀ କାହାଣୀ, ଅର୍ଥପୂର୍ଣ୍ଣ ଗୋଷ୍ଠୀ ଅଭିଯାନ ଆଦି ଜରିଆରେ ସ୍ମରଣୀୟ ଉତ୍ସବ ଅନୁଭୂତି ପ୍ରଦାନ କରାଯାଉଛି। ଶକ୍ତି ଏକ ରୁପ ଅନେକ ଅଭିଯାନ ତିନିଟି ଶକ୍ତିଶାଳୀ ପରିପ୍ରକାଶ ଆଶା, ସ୍ମୃତି ଓ ଶାନ୍ତିକୁ ପାଳନ କରୁଛି। ଏଥିରେ ପଶ୍ଚିମବଙ୍ଗ ପୁଲିସର ଅକ୍ଲାନ୍ତ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଅଭିଯାନର ମୂଳରେ ରହିଛି 'ୱାଲ୍ ଅଫ୍ ଶକ୍ତି' ଯାହାକୁ ଏସ୍‌ଇଏଲ୍ ଟାଇଗର୍ ଟିଏମ୍‌ଟି ବାର୍‌କୁ ବ୍ୟବହାର କରି ମା ଦୁର୍ଗାର ପ୍ରତିକୃତି ପ୍ରସ୍ତୁତ କରାଯାଇଛି। କମ୍ପାନି ପକ୍ଷରୁ ଶକ୍ତି ଟନେଲ୍ ପ୍ରସ୍ତୁତ କରାଯାଇଛି ଯାହା ପରିଦର୍ଶକମାନଙ୍କୁ ବଙ୍ଗର କଳା ଓ ସଂସ୍କୃତି ଓ ଦୁର୍ଗାପୂଜାର ଭାବ ପ୍ରଦାନ କରୁଛି। ଏହି ଅଭିଯାନରେ ଶକ୍ତି ବୁଥ୍ ମଧ୍ୟ ସ୍ଥାପନ କରାଯାଇଛି ଯାହା ହେଉଛି ବଙ୍ଗ ପୋଲିସଙ୍କ ପାଇଁ ଆଶ୍ରୟ ସ୍ଥଳ ଭାବେ କାମ କରୁଛି। ଏଥିରେ ପରିଦର୍ଶକମାନଙ୍କୁ ପୋଲିସ କର୍ମଚାରୀଙ୍କ ପାଇଁ ବାର୍ତ୍ତା ପ୍ରଦାନ କରିବା ପାଇଁ ମଧ୍ୟ ଉତ୍ସାହିତ କରାଯାଉଛି। ମୁଦିଆଲି କ୍ଲବ୍, ନିଉ ଟାଉନ୍ ସାର୍ବଜନୀନ ଦୁର୍ଗୋତ୍ସବ ସମିତି ଓ ତଳ ବରୋୱାରି ଦୁର୍ଗୋତ୍ସବ ସମିତିରେ ତିନିଟି ପ୍ରମୁଖ ସ୍ଥଳରେ ପ୍ରମୁଖ ଅଭିଯାନ ଅନୁଭୂତି ରହିଛି। ଏଥି ସହିତ ପଶ୍ଚିମବଙ୍ଗରେ ୩୦ଟି ଦୁର୍ଗାପୂଜା ପେଣ୍ଡାଲ ସ୍ଥାପନ କରାଯାଇଛି। ଶ୍ୟାମ ମେଟାଲିକ୍ସର କୋର୍ପୋରେଟ୍ ଆଫେୟାର୍ସ, ଏକ୍ସଟର୍ନାଲ୍ ରିଲେସନ୍ସ ଓ ସିଏସ୍‌ଆର୍ ନିର୍ଦ୍ଦେଶକ ଶ୍ରୀ ସୁମିତ ଚକ୍ରବର୍ତ୍ତୀ କହିଛନ୍ତି ଯେ, "ଶ୍ୟାମ ମେଟାଲିକ୍ସରେ ଆମେ ବିଶ୍ୱାସ କରୁ ଯେ ସମାଜ ପ୍ରତି ଆମର ଦାୟିତ୍ୱ କେବଳ ବ୍ୟବସାୟ ମଧ୍ୟରେ ସୀମିତ ନୁହେଁ, ବରଂ ଆମେ ସେବା ଯୋଗାଉଥିବା ସମ୍ପ୍ରଦାୟଗୁଡ଼ିକରେ ଅର୍ଥପୂର୍ଣ୍ଣ ଓ



ସକାରାତ୍ମକ ପରିବର୍ତ୍ତନ ଆଣିବା ପର୍ଯ୍ୟନ୍ତ ବିସ୍ତାରିତ। 'ଶକ୍ତି ଏକ, ରୂପ ଅନେକ' ହେଉଛି ଏହି ପ୍ରତିବଦ୍ଧତାର ଏକ ପ୍ରତୀକ ଯାହା ଆଶା, ସାଂସ୍କୃତିକ ଉତ୍ସବ ଓ ଆମ ସହରର ସୁରକ୍ଷା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ଯତ୍ନକୁ ଏକାଠି ଆଣିଥାଏ। 'ୱାଲ୍ ଅଫ୍ ଶକ୍ତି' ମାଧ୍ୟମରେ ଆମେ ଆକାଂକ୍ଷାଗୁଡ଼ିକୁ ସମର୍ଥନ କରିବା ଓ ମନୋନୀତ ଇଚ୍ଛାଗୁଡ଼ିକୁ ବାସ୍ତବତାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ। ଅନ୍ୟପକ୍ଷରେ 'ଶକ୍ତି ବୁଥ୍'ଗୁଡ଼ିକ ଦୁର୍ଗାପୂଜା ସମୟରେ ବଙ୍ଗ ପୋଲିସର ନିଷ୍ଠା ପ୍ରତି କୃତଜ୍ଞତା ଜଣାଇବାର ଏକ ପ୍ରୟାସ। ଆମେ ଆଶା କରୁଛୁ ଯେ ଏହି ପଦକ୍ଷେପଗୁଡ଼ିକ ଦୟା, ସାମୂହିକ ଶକ୍ତି ଓ ସମ୍ପ୍ରଦାୟର ପ୍ରକୃତ ଭାବନାକୁ ପ୍ରତିଫଳିତ କରି ଏହି ଉତ୍ସବ ସମୟକୁ ଅଧିକ ଅନ୍ତର୍ଭୁକ୍ତୀକରଣ ଓ ଅର୍ଥପୂର୍ଣ୍ଣ କରିପାରିବ।

ଶ୍ୟାମ ମେଟାଲିକ୍ସର ସିଓଓ ଶ୍ରୀ ନିର୍ମଳ ଉଦୟ କହିଛନ୍ତି ଯେ, "ଦୁର୍ଗାପୂଜା ହେଉଛି ଶକ୍ତିର ବିଭିନ୍ନ ସୁନ୍ଦର ଓ ଶକ୍ତିଶାଳୀ

ରୂପର ଏକ ଉତ୍ସବ। ଶ୍ୟାମ ମେଟାଲିକ୍ସରେ ଆମେ ଏହି ଭାବନାକୁ କେବଳ ପ୍ରତୀକାତ୍ମକ ନରଖି, ଆଶା, ସ୍ମୃତି ଓ ଯତ୍ନ ମାଧ୍ୟମରେ ଏପରି ଅନୁଭୂତି ସୃଷ୍ଟି କରିବାକୁ ଚାହୁଁଥିଲୁ ଯାହା ସହିତ ଲୋକମାନେ ପ୍ରକୃତରେ ଯୋଡ଼ିହୋଇପାରିବେ। 'ଶକ୍ତି ଏକ, ରୂପ ଅନେକ' ଆମର ଏହି ବିଶ୍ୱାସକୁ ପ୍ରତିଫଳିତ କରୁଛି ଯେ ଶକ୍ତିର ସବୁଠାରୁ ବଡ଼ ସାର୍ଥକତା ସେତେବେଳେ ମିଳିଥାଏ ଯେତେବେଳେ ଏହା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଥାଏ। ବିଶେଷ କରି 'ୱାଲ୍ ଅଫ୍ ଶକ୍ତି' ଏହି ବିଶ୍ୱାସକୁ ଜୀବନ୍ତ କରିଛି, କାରଣ ଏହାର ଅଂଶଗ୍ରହଣକାରୀଙ୍କ ଇଚ୍ଛା ଓ କାହାଣୀଗୁଡ଼ିକ ସଠିକ୍ ସମର୍ଥନ କିପରି ଗୋଟିଏ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାରେ ସାହାଯ୍ୟ କରିପାରେ ତାହା ଆମକୁ ମନେ ପକାଇଦିଏ। ଆମର ଉତ୍ସବ ସଂକ୍ରାନ୍ତୀୟ ଆୟୋଜନ, ବଙ୍ଗ ପୋଲିସ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ଓ ବଙ୍ଗର ସମୃଦ୍ଧ ସାଂସ୍କୃତିକ ଭାବନାର ଉତ୍ସବ ମାଧ୍ୟମରେ ଆମେ ଆମର ଏହି ପ୍ରିୟ ସହର ପାଇଁ ଦୁର୍ଗାପୂଜାକୁ ଅଧିକ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତୀକରଣ ଓ ସ୍ମରଣୀୟ କରିବାରେ ଯୋଗଦାନ ଦେବାକୁ ଆଶା ରଖିଛୁ।''

# ଭାରତରେ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ଷ୍ଟେଲାଂଟିସ

ଭୁବନେଶ୍ୱର, ୧୮।୧୦ (ନି.ପ୍ର) : ଭାରତୀୟ ଗାଡ଼ି ବଜାରରେ ନିଜର ବ୍ୟବସାୟକୁ ଆହୁରି ସମ୍ପ୍ରସାରିତ କରିବା ଲକ୍ଷ୍ୟରେ ଷ୍ଟେଲାଂଟିସ୍ ଘୋଷଣା କରିଛି ନୂତନ ବିକାଶ ଯୋଜନା 'ଫାଷ୍ଟଲେନ୍ ୨୦୩୦'। ଏହି ଯୋଜନା ଅଧୀନରେ ଆଗାମୀ ତିନି ବର୍ଷ ମଧ୍ୟରେ ଜିପ୍ ଓ ସିଟ୍ରୋଏନ୍ ପକ୍ଷରୁ ସାତଟି ସମ୍ପୂର୍ଣ୍ଣ ନୂଆ ଗାଡ଼ି ଏବଂ ପାଂଚଟି ଉନ୍ନତ ସଂସ୍କରଣ ସମେତ ମୋଟ ୧୨ଟି ଗାଡ଼ି ବଜାରକୁ ଆସିବ। ଏଥିପାଇଁ କମ୍ପାନୀ ପ୍ରାୟ ୪,୦୦୦ କୋଟି ଟଙ୍କାର ଅତିରିକ୍ତ ନିବେଶ କରିବାକୁ ଯୋଜନା କରିଛି। ଫଳରେ ୨୦୩୦ ସୁଦ୍ଧା ଭାରତରେ କମ୍ପାନୀର ମୋଟ ନିବେଶ ପ୍ରାୟ ୧୫,୦୦୦ କୋଟି ଟଙ୍କାରେ ପହଂଚିବ। ନୂତନ ଗାଡ଼ିଗୁଡ଼ିକ ମଧ୍ୟରେ ବିଭିନ୍ନ ଆକାରର କ୍ରୀଡ଼ା ଉପଯୋଗୀ ଯାନ, ବହୁମୁଖୀ ଯାତ୍ରୀବାହୀ ଯାନ ଏବଂ ଉନ୍ନତ ମାନର ମାଲବାହୀ ଗାଡ଼ି ରହିବ। ଏହି ଯୋଜନାର ପ୍ରଥମ ଗାଡ଼ି ୨୦୨୭ ମସିହାର ଦ୍ୱିତୀୟ ତ୍ରୈମାସିକରେ ବଜାରକୁ ଆସିବାକୁ ଥିବାବେଳେ, ୨୦୨୬ର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ବ୍ୟବସାୟ ପ୍ରଥମ ତ୍ରୈମାସିକ ତୁଳନାରେ ୩୫ ପ୍ରତିଶତ ବୃଦ୍ଧି ପାଇଛି ଏବଂ ସିଟ୍ରୋଏନ୍‌ର ଖୁଚୁରା ବିକ୍ରି ଗତ




ବର୍ଷର ସମାନ ଅବଧି ତୁଳନାରେ ୬୮ ପ୍ରତିଶତ ବଢ଼ିଛି।

ଏହି ଘୋଷଣା ଉପରେ ମତ ରଖି ଷ୍ଟେଲାଂଟିସ୍‌ର ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଂଚଳର ମୁଖ୍ୟ ପରିଚାଳନା ଅଧିକାରୀ, ତିଆନ୍‌ଶୁ ଜିନ୍ କହିଛନ୍ତି, 'ଭାରତ ଆମ ପାଇଁ କେବଳ ଏକ ବଜାର ନୁହେଁ ବରଂ ଆମର ଦୀର୍ଘକାଳୀନ ବିକାଶ ଏବଂ ବିଶ୍ୱସ୍ତରୀୟ କାର୍ଯ୍ୟକଳାପର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଏଠାରେ ଆମର ନିବେଶ ଓ ନୂତନ ଗାଡ଼ି ଉପସ୍ଥାପନ ଯୋଜନା ଭାରତୀୟ ବଜାର ପ୍ରତି ଆମର ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରେ। ଉତ୍ପାଦନ, ଯାନ୍ତ୍ରିକ ଗବେଷଣା, ସଫ୍ଟୱେର ଓ ଯୋଗାଣ କ୍ଷେତ୍ରରେ ଭାରତର ଦକ୍ଷତା ଆମକୁ ଅଧିକ ପ୍ରତିଯୋଗିତାମୂଳକ ବ୍ୟବସାୟ ଗଢ଼ିବାରେ ସହାୟତା କରିବ।' ଷ୍ଟେଲାଂଟିସ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ, ଶୈଳେଶ ହାଜେଲା କହିଛନ୍ତି, 'ଭାରତ ପ୍ରତି ଆମର ପ୍ରତିବଦ୍ଧତା ଆମେ ଗ୍ରାହକଙ୍କ ପାଇଁ କେଉଁ ଗାଡ଼ି ଆଣୁଛୁ, ତାହା ମାଧ୍ୟମରେ ପ୍ରତିଫଳିତ ହେବ। ଆଗାମୀ ତିନି ବର୍ଷରେ ଜିପ୍ ଓ ସିଟ୍ରୋଏନ୍‌ର ୧୨ଟି ନୂତନ ଓ ଉନ୍ନତ ଗାଡ଼ି ଗ୍ରାହକଙ୍କୁ ଅଧିକ ବିକଳ୍ପ ଯୋଗାଇବ। ଭାରତରେ ଉତ୍ପାଦନ ବୃଦ୍ଧି, ସ୍ଥାନୀୟ ଉପାଦାନର ବ୍ୟବହାର, ବିକ୍ରି ଓ ସେବା ଜାଲର ସମ୍ପ୍ରସାରଣ ଏବଂ ଗାଡ଼ି ମାଲିକଙ୍କ ଅଭିଜ୍ଞତାରେ ଉନ୍ନତି ଆଣିବା ଆମର ପ୍ରମୁଖ ଲକ୍ଷ୍ୟ।

# ଓଡିଶାରେ ସିଗ୍ରାମସ୍ ଏକ୍ସକ୍ଲାମେଶନର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୧୦ (ନି.ପ୍ର) : ପର୍ନୋଡ ରିକାର୍ଡ ଇଣ୍ଡିଆ ପକ୍ଷରୁ ଓଡିଶାରେ ସିଗ୍ରାମସ୍ ଏକ୍ସକ୍ଲାମେଶନର ଲଂଚ୍ ଘୋଷଣା କରାଯାଇଛି ଯାହା ଗତ ୩୦ ବର୍ଷ ମଧ୍ୟରେ କମ୍ପାନୀର ସବୁଠାରୁ ମହତ୍ୱାକାଂକ୍ଷୀ ଉଦ୍ଭାବନକୁ ସୂଚିତ କରୁଛି। ସିଗ୍ରାମ୍‌ସ ଏକ୍ସକ୍ଲାମେଶନ ହେଉଛି ଭାରତର ସିଙ୍ଗୁଲାର ବ୍ରାଣ୍ଡ ପୋର୍ଟଫୋଲିଓ ଯେଉଁଥିରେ ପ୍ରିମିୟମ ଆଡ୍‌ମିକ୍ସ ସେଗମେଂଟରେ ହ୍ୱିସ୍କି, ଭୋଡ୍‌କା, ଜିନ୍, ରମ ଓ ବ୍ରାଣ୍ଡି ଭଳି ୫ଟି ସ୍ୱତନ୍ତ୍ର ସ୍ପିରିଟ କ୍ୟାଟାଗୋରୀ ରହିଛି। ଏହି ଲଂଚ୍ ସମ୍ପର୍କରେ ପର୍ନୋଡ୍ ରିକାର୍ଡ ଇଣ୍ଡିଆର ସିଇଓ ଜିନ୍ ଟୁବୋଲ୍ କହିଛନ୍ତି 'ଏକ୍ସକ୍ଲାମେଶନ' ହେଉଛି ଉପଭୋକ୍ତାଙ୍କ ତଥ୍ୟ ଆଧାରରେ ସୃଷ୍ଟି ହୋଇଥିବା ଏକ ବ୍ରାଣ୍ଡ ଯାହାକୁ ସାମାଜିକ ଅବସରଗୁଡିକ ପାଇଁ ପ୍ରିମିୟମ କ୍ୱାଲିଟି ଓ ବିବିଧତା ଚାହୁଁଥିବା ଭାରତର ପରବର୍ତ୍ତୀ ପିଢିର ଉପଭୋକ୍ତାଙ୍କ ପାଇଁ ଡିଜାଇନ କରାଯାଇଛି। ଏହି ଲଂଚ୍ ଆମର ପ୍ରଥମ ୟୁନିଫାଏଡ ବ୍ରାଣ୍ଡକୁ ସୂଚିତ କରୁଛି ଯାହା ପ୍ରିମିୟମ ଆଡମିକ୍ସ ସେଗମେଂଟରେ ହ୍ୱିସ୍କି, ଭୋଡ୍‌କା, ଜିନ୍, ରମ୍ ଓ ବ୍ରାଣ୍ଡି ଭଳି ୫ଟି ସ୍ପିରିଟ ବର୍ଗରେ ପରିବ୍ୟାପ୍ତ ରହିଛି। ଏକ୍ସକ୍ଲାମେଶନ କେବଳ ଏକ ବ୍ରାଣ୍ଡ ନୁହେଁ ଏହା ଏକ ଉତ୍କୃଷ୍ଟ ସ୍ୱାଦ ପାଇଁ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ବ୍ୟବହାର କରି ପ୍ରସ୍ତୁତ




କରାଯାଇଥିବା ସର୍ବୋତମ ଭାରତୀୟ ସ୍ପିରିଟରେ ଏକ ମିଶ୍ରଣ ଅଟେ। ଏକ୍ସକ୍ଲାମେଶନ ପହଂଚଯୋଗ୍ୟ ପ୍ରିମିୟମ ମୂଲ୍ୟରେ ଗୁଣାତ୍ମକ ସ୍ପିରିଟ ବା ମଦ ପାଇଁ ରହିଥିବା ଏକ ବଜାର ଆବଶ୍ୟକତାକୁ ପୂରଣ କରୁଛି। ବ୍ରାଣ୍ଡର 'ଇଟ୍‌ସ ଟାଇମ ଫର ଏକ୍ସକ୍ଲାମେଶନ!' ଏହି ବ୍ରାଣ୍ଡ ଅଧୀନରେ ୫ଟି ଭିନ୍ନ ବର୍ଗର ପାନୀୟ ରହିଛି। ଏହାର ହ୍ୱିସ୍କି ସ୍ପେସାଇଡ୍‌ର ସ୍କଚ୍ ମାଲ୍ଟରୁ ପ୍ରସ୍ତୁତ ଓ ଡୁଆଲ କାସ୍କରେ ଏହାକୁ ପରିପକ୍ୱ କରାଯାଇଛି ଏବଂ ଏଥିରେ ଭାରତୀୟ ଶସ୍ୟରୁ ପ୍ରସ୍ତୁତ ସ୍ପିରିଟ୍ ମିଶ୍ରଣ କରାଯାଇଛି। ଏହାର ବ୍ରାଣ୍ଡି ଭାରତୀୟ ଓ ଫ୍ରେଂଚ ଅଙ୍ଗୁରର ଏକ ଉତ୍କୃଷ୍ଟ ମିଶ୍ରଣ ଅଟେ ଯାହା ଫ୍ରେଂଚ 'ଲିମୋଜିନ କାସ୍କରେ ପରିପକ୍ୱ ହୋଇଛି। ଏହାର ରମ୍ ଭାରତୀୟ ଗୁଡରୁ ପ୍ରସ୍ତୁତ ରମ୍ ଓ ପୁରୁଣା ଜମାଇକାନ ସ୍ପିରିଟର ଏକ ସ୍ୱତନ୍ତ୍ର ମିଶ୍ରଣ ଅଟେ, ଯାହାକୁ ତମ୍ବା ଓ ଇସ୍ପାତ ପାତ୍ରରେ ପ୍ରସ୍ତୁତ କରାଯାଇ ଏକ ସ୍ୱତନ୍ତ୍ର ସ୍ୱାଦ ଦିଆଯାଇଛି। ଏହାର ଭୋଡକା ଇଣ୍ଡିଆନ ଟେରଏର୍‌ର ଏକ ଅନନ୍ୟ ପ୍ରତିଫଳନ ଅଟେ ଯାହାକୁ ରୁଷର ମୁନଷ୍ଟୋନ ଟେକ୍ନୋଲୋଜି ମାଧ୍ୟମରେ ଫିଲ୍ଟର କରାଯାଇ ଅଧିକ ଶୁଦ୍ଧ କରାଯାଇଛି। ଏହାର ଜିନ୍ ଜର୍ମାନୀର ଜୁନିପର ବେରିର ପ୍ରାକୃତିକ ସ୍ୱାଦ ଏବଂ ଭାରତର ବିଭିନ୍ନ ଉଦ୍ଭିଦର ମିଶ୍ରଣରୁ ପ୍ରସ୍ତୁତ ହୋଇଛି, ଯାହା ୭ଟି ଭିନ୍ନ ସ୍ୱାଦ ପ୍ରଦାନ କରିଥାଏ।

# ଭାରତର ସବୁଠାରୁ ବଡ଼ ଆଇପିଓ ପୂର୍ବରୁ ଜିଓ ଆଗାମୀ ରୋଡମ୍ୟାପ୍ ପ୍ରସ୍ତୁତ

ମୁମ୍ବାଇ, ୧୮।୧୦ (ନି.ପ୍ର): ଭାରତର ସମ୍ଭବତଃ ଏଯାବତ୍ ସବୁଠାରୁ ବଡ଼ ଆଇପିଓ ପୂର୍ବରୁ ଜିଓ ପ୍ଲାଟଫର୍ମସ୍ ନିଜର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ପାଇଁ ରୋଡମ୍ୟାପ୍ ସାମ୍ନାକୁ ଆଣିଛି। ମୁମ୍ବାଇରେ ସାମ୍ବାଦିକମାନଙ୍କ ସହ ଆଲୋଚନା ଅବସରରେ ଜିଓ ପ୍ଲାଟଫର୍ମସ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀ ମୋବିଲିଟି, ହୋମ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ଏଣ୍ଟରପ୍ରାଇଜ୍-ଇଣ୍ଟରନ୍ୟାସନାଲକୁ କମ୍ପାନୀର ତିନିଟି ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ଭାବେ ଉଲ୍ଲେଖ କରିଛନ୍ତି। କମ୍ପାନୀର ବିଶ୍ୱାସ ରହିଛି ଯେ ଟେକ୍ନୋଲୋଜି, ଡିଜିଟାଲ୍ ଗେଟୱେ ଏବଂ ଦୃଢ଼ ଭିତ୍ତିଭୂମି ଆଧାରରେ ଏହା ୨୦୩୧ ଆର୍ଥିକ ବର୍ଷ ସୁଦ୍ଧା ଭାରତର ପ୍ରାୟ ୧.୪ ଟ୍ରିଲିୟନ୍ ଡଲାରର ଡିଜିଟାଲ୍ ଅର୍ଥନୀତିରେ ଏକ ବଡ଼ ଭୂମିକା ନିର୍ବାହ କରିପାରିବ। ଆକାଶ ଅମ୍ବାନୀ କହିଛନ୍ତି, 'ଆମ ବ୍ୟବସାୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛନ୍ତି ଆମର ଗ୍ରାହକ।' ସେ କହିଛନ୍ତି ଯେ ପ୍ରତ୍ୟେକ ଭାରତୀୟ, ପ୍ରତ୍ୟେକ ଘର ଏବଂ ପ୍ରତ୍ୟେକ ଉଦ୍ୟୋଗକୁ ଉନ୍ନତ ଓ ସୁଲଭ ଡିଜିଟାଲ୍ ସେବା ଯୋଗାଇବା ଉପରେ ଜିଓର ଫୋକସ୍ ରହିବ। ବର୍ତ୍ତମାନ ଜିଓର ପ୍ରାୟ ୫୩.୩ କୋଟି କନେକ୍ଟିଭିଟି ଗ୍ରାହକ ଅଛନ୍ତି ଏବଂ ଦେଶର ମୋଟ ଡାଟା ଟ୍ରାଫିକର ୬୦ ପ୍ରତିଶତରୁ ଅଧିକ ଜିଓ ପରିଚାଳନା କରୁଛି। ମୋବିଲିଟି କ୍ଷେତ୍ରରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୩୪ କୋଟି ନୂଆ ୪ଜି ଏବଂ ୫ଜି ଗ୍ରାହକଙ୍କ ବଜାର ସୁଯୋଗ ରହିଛି ବୋଲି କମ୍ପାନୀ ଆକଳନ କରିଛି। ଆକାଶଙ୍କ ଅନୁସାରେ, ଏଥିରେ ପ୍ରାୟ ୧୦ କୋଟି ଏପରି ନୂଆ ଗ୍ରାହକ ରହିବେ, ଯେଉଁମାନେ ପ୍ରଥମ ଥର ପାଇଁ ମୋବାଇଲ୍ କନେକ୍ସନ ନେବେ। ଅନ୍ୟପକ୍ଷରେ, ପ୍ରାୟ ୨୪ କୋଟି ଗ୍ରାହକ ୨ଜିରୁ ୪ଜି ଏବଂ ୫ଜିକୁ ଅପଗ୍ରେଡ୍ କରିପାରନ୍ତି। ୨୦୨୬ ଆର୍ଥିକ ବର୍ଷରେ ଜିଓର ନେଟ୍ ଆକ୍ଟିଭ୍ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟାରେ ବୃଦ୍ଧି ଦ୍ୱିତୀୟ ସ୍ଥାନରେ ରହିଥିବା ଅପରେଟରଙ୍କ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ ରହିଥିବା ସେ



ପ୍ରକାଶ କରିଛନ୍ତି। ହୋମ୍ ବ୍ରଡବ୍ୟାଣ୍ଡକୁ କମ୍ପାନୀ ଆଗାମୀ ବର୍ଷଗୁଡ଼ିକର ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ଭାବେ ଦେଖୁଛି। ବର୍ତ୍ତମାନ ଜିଓର ପ୍ରାୟ ୨ କୋଟି ୮୬ ଲକ୍ଷ ଫିକ୍ସଡ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଅଛନ୍ତି। ଏହି ଗ୍ରାହକ ଆଧାରକୁ ଭବିଷ୍ୟତରେ ୧୦ କୋଟି ଘର ପର୍ଯ୍ୟନ୍ତ ପହଞ୍ଚାଇବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ୨୦୨୬ ଆର୍ଥିକ ବର୍ଷରେ ଦେଶରେ ଯୋଡ଼ାଯାଇଥିବା ମୋଟ ନୂଆ ଫିକ୍ସଡ୍ ବ୍ରଡବ୍ୟାଣ୍ଡ କନେକ୍ସନର ପ୍ରାୟ ୬୭.୫ ପ୍ରତିଶତ ଜିଓର ରହିଥିଲା। ଆକାଶ କହିଛନ୍ତି ଯେ କମ୍ପାନୀ ଫାଇବର ସହିତ ନିଜର ୱାୟାରଲେସ୍ ଟେକ୍ନୋଲୋଜି ମାଧ୍ୟମରେ ଦେଶର ୧୯,୦୦୦ ପିନ୍ କୋଡ୍ ଅଞ୍ଚଳରେ ନିଜର ଉପସ୍ଥିତି ବୃଦ୍ଧି କରୁଛି। ତୃତୀୟ ଅଭିବୃଦ୍ଧି ଇଞ୍ଜିନ୍ ହେଉଛି ଏଣ୍ଟରପ୍ରାଇଜ୍ ଏବଂ ଆନ୍ତର୍ଜାତୀୟ ବ୍ୟବସାୟ। ଭାରତରେ ପ୍ରାୟ ୫.୧ ଲକ୍ଷ କୋଟି ଟଙ୍କା ବା ୫୬.୮ ବିଲିୟନ୍ ଡଲାରର ଏଣ୍ଟରପ୍ରାଇଜ୍ ଡିଜିଟାଲ୍ ସେବା ବଜାରକୁ ଜିଓ ଏକ ବଡ଼ ସୁଯୋଗ ଭାବେ ଦେଖୁଛି। ଆକାଶଙ୍କ ଅନୁସାରେ, ଦେଶର ପ୍ରାୟ ୬୫ ପ୍ରତିଶତ ବ୍ୟାଙ୍କ ଶାଖା ଜିଓ ନେଟୱର୍କ ସହ ସଂଯୁକ୍ତ ଅଛି। ଜିଓ ନିଜେ ବିକଶିତ କରିଥିବା ଏଣ୍ଡ-ଟୁ-ଏଣ୍ଡ ଟେକ୍ନୋଲୋଜି ଷ୍ଟାକ୍‌କୁ ନିର୍ଦ୍ଦିଷ୍ଟ ବିଦେଶୀ ବଜାରରେ ମଧ୍ୟ ବ୍ୟବସାୟିକ ଭାବେ ଉପଯୋଗ କରି ଆୟ ବୃଦ୍ଧି କରିବାକୁ ଚାହୁଁଛି। କମ୍ପାନୀର ଯୋଜନା କେବଳ ସଫ୍ଟୱେର୍ ବିକ୍ରି କରିବାରେ ସୀମିତ ନୁହେଁ; ବରଂ ବିଶ୍ୱର ଟେଲିକମ୍ କମ୍ପାନୀଗୁଡ଼ିକ ସହ ମ୍ୟାନେଜ୍ଡ ସର୍ଭିସ୍ ପାର୍ଟନର ଭାବେ କାର୍ଯ୍ୟ କରିବା ମଧ୍ୟ ଏହାର ଯୋଜନାର ଅଂଶ ରହିଛି। ଆକାଶ କହିଛନ୍ତି ଯେ ଏହା ଭାରତକୁ ଟେକ୍ନୋଲୋଜି ଆମଦାନିକାରୀରୁ ଟେକ୍ନୋଲୋଜି ରପ୍ତାନିକାରୀ ହେବା ଦିଗରେ ଆଗକୁ ବଢ଼ିବାରେ ସହାୟତା କରିପାରିବ। ଏହା ପୂର୍ବରୁ ଈଶା ଅମ୍ବାନୀ ଜିଓର ଆରମ୍ଭ ଏବଂ ରିଲାଏନ୍ସର ବ୍ୟବସାୟିକ ଚିନ୍ତାଧାରା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ କମ୍ପାନୀ ଦୀର୍ଘମିଆଦୀ ଚିନ୍ତାଧାରା, ବ୍ୟାପକ କାର୍ଯ୍ୟ ସମ୍ପାଦନ, ଦୃଢ଼ କାର୍ଯ୍ୟନ୍ୱୟନ ଏବଂ ଆର୍ଥିକ ଶୃଙ୍ଖଳା ଉପରେ ଭରସା କରେ। ସାମ୍ବାଦିକ ସମ୍ମିଳନୀର ଆରମ୍ଭରେ ଉଦୟ କୋଟକ ରିଲାଏନ୍ସର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ ଏବଂ ୧୯୭୭ ମସିହାରେ ରିଲାଏନ୍ସର ଆଇପିଓକୁ ମନେପକାଇଥିଲେ।



# ସରପଞ୍ଚ, ସମିତି ସଭ୍ୟଙ୍କୁ ଆକ୍ରମଣ ଉଦ୍ୟମ ସହ ହତ୍ୟା ଧମକ

**ବଲଙ୍ଗା, ୧୮।୧୦ (ନି.ପ୍ର):** ପୁର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ରାତିରେ ବଲଙ୍ଗା ଥାନା ଅନ୍ତର୍ଗତ ଚୋରପଡ଼ା ଠାରେ ରଥ ପୁରୁଷୋତ୍ତମପୁର ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ୩ଜଣ ଦୁର୍ବୃତ୍ତ ଆକ୍ରମଣ ଉଦ୍ୟମ କରିଛନ୍ତି। ଖବର ପାଇ ବଲଙ୍ଗା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ୨ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଥିଲା ବେଳେ ପୋଲିସ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏନେଇ ସମିତି ସଭ୍ୟ ସନ୍ତୋଷ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସମିତି ସଭ୍ୟ ସନ୍ତୋଷ ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତକାଲି ରାତିରେ ସନ୍ତୋଷ ଓ ସରପଞ୍ଚ ସୁବାଷ ପଲ୍ଲେଇଙ୍କ ସହିତ ଏକ ସ୍କର୍ପିଓ ଗାଡ଼ିରେ ରୂପଦେଇପୁର ସ୍ଥିତ ଏକ ହୋଟେଲକୁ ଖାଇବା ପାଇଁ ଯାଉଥିଲେ। ଚୋରପଡ଼ା ଠାରେ ପୁର୍ବ ପ୍ରସ୍ତୁତି ଅନୁଯାୟୀ ବାଲିଗାଁ ଗ୍ରାମର ଟୁଟୁ ବେହେରା, ଅସିତ୍ ପଣ୍ଡା ଓ ଚୋରପଡ଼ା ଗ୍ରାମର ସହଦେବ ପୋଲେଇ ହଠାତ୍ ଗାଡ଼ି ଆଗକୁ ଆସି ଅଟକାଇଥିଲେ। ସନ୍ତୋଷଙ୍କ କହିବା ଅନୁସାରେ ଡ୍ରାଇଭର ଗାଡ଼ି ରଖିବା କ୍ଷଣି ଆସାମୀ ମାନେ ପାଖରେ ଲୁଚାଇ ରଖିଥିବା ତଡା ବାଡ଼ି ଓ କଟୁରୀକୁ ହାତରେ ଧରି ଗାଡ଼ି ଚାରିପଟେ ଘେରିଘେରି ଯାଇ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ଗାଡ଼ିକୁ ଗୋଇଠା ମାରିଥିଲେ। ଆସାମୀ ଟୁଟୁ ବେହେରା ସନ୍ତୋଷଙ୍କୁ ଧମକ ଦେଇ ଗାଡିରୁ ବାହାରିବା କହିଥିଲା। ସେ ହାତରେ କଟୁରୀ ଧରିଥିବାରୁ ଭୟରେ ସନ୍ତୋଷ ବାହାରକୁ ବାହାରି ନଥିଲେ। ଏହି ସମୟରେ ସନ୍ତୋଷ ବଲଙ୍ଗା ଥାନାକୁ ଫୋନ କରିବାରେ ଆସାମୀ ମାନେ ସନ୍ତୋଷ ଓ ସୁବାଷଙ୍କୁ ବମ ପକାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ଦେଖି ଆସାମୀ ମାନେ ଦୌଡ଼ି ପକାଇବାକୁ ବସିଥିଲା ବେଳେ ପୋଲିସ ଟିମ ଅସିତ୍ ପଣ୍ଡାକୁ କାବୁ କରି ଥାନାକୁ ଆଣିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଦୃଷ୍ଟିରେ ରଖି ଭାରୀଯାନ ଚଳାଚଳ ଓ ପାର୍କିଂ କଟକଣା

**ଜଗତସିଂହପୁର, ୧୮।୧୦ (ନି.ପ୍ର):** ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତା କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଜେ ସୋନାଲ ମୋଟର ଯାନ ଆକ୍ଟ ୧୯୮୮ ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀ ଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି । ଜଗତସିଂହପୁର ପୌର ପରିଷଦ ଅଧୀନରେ ଭାରୀ ଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ସାଧାରଣ ଜନତା ଙ୍କ ଯାତାୟତ ଅସୁବିଧା କୁ ଦୃଷ୍ଟି ରେ ରଖି ସକାଳ ୮ ଘଟିକା ରୁ ସକାଳ ୧୧ ଘଟିକା ଏବଂ ଅପରାହ୍ନ ୩ ଘଟିକା ରୁ ସଂଧ୍ୟା ୭ ଘଟିକା ପର୍ଯ୍ୟନ୍ତ ପୌରାଂଚଳ ରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣା ର କାରଣ ପାଲଟିଛି। ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ ଘଟିକା ରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି । ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକ ରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ଜିଲ୍ଲା ର ରାଜ୍ୟ ରାଜପଥ-୧୨ ରେ କଟକଣା ଲାଗୁ କରାଯାଇଛି । ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧିନସ୍ଥ ପୋଲିସ ଷ୍ଟେସନ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ ରୁମ ପର୍ଯ୍ୟନ୍ତ ଏବଂ ପୋଲିସ ଷ୍ଟେସନ ଛକର ବାମ ପାର୍ଶ୍ୱ ରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ବସ୍ ଷ୍ଟାଣ୍ଡ ରୁ ମେଡିକାଲ ଏବଂ ପୋଲିସ୍ ଷ୍ଟେସନ୍ ଛକ ରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଙ୍ଗ କଟକଣା ଜାରି କରିଛନ୍ତି । ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀ ର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ଭାରୀ ଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ଅନ୍ୟପକ୍ଷେ ପାରାଦ୍ୱୀପ ର ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀ ଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା କୁ ଦୃଷ୍ଟି ରେ ରଖି ଏହାକୁ 'ନୋ ପାର୍କିଂ 'ଜୋନ୍ ଘୋଷଣା କରାଯାଇଛି। ସେହିପରି ଅଏଲ ଟର୍ମିନାଲ ଠାରୁ କାର୍ଗିଲ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ତୈଳ ଶୂନ୍ୟ ଅଏଲ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ ଜଙ୍କସନ୍ ଦେଇ ପିପିଏଲ ଛକ ବାଟେ ପ୍ରସ୍ଥାନ କରିବେ । ଏହି ସମସ୍ତ କଟକଣା ଗୁଡ଼ିକ ଜିଲ୍ଲାରେ ତା ୧୦.୧୧.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବ୍ୟବସାୟୀ ଗୌରାଙ୍ଗ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୧୮।୧୦ (ନି.ପ୍ର):** କେନ୍ଦ୍ରାପଡା ସହରର ବିଶିଷ୍ଟ ବ୍ୟବସାୟୀ, ଗୌରୀଶଙ୍କର ହୋଟେଲ ଓ ଗୌରୀଶଙ୍କର ବସର ମାଲିକ, ପୂର୍ବତନ କେନ୍ଦ୍ରାପଡା ଘରୋଇ ବସମାଲିକ ସଙ୍ଘର ସଭାପତି ତଥା ପୂର୍ବତନ କାଉନସିଲର ସ୍ୱର୍ଗତ ଗୌରାଙ୍ଗ ଚରଣ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ କଜଳାସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ରାଜେଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ। ଏହି ସଭାରେ ପୌରାଧ୍ୟକ୍ଷା ସରିତା ସାହୁ, ବିଜେଡି ନେତା ରବି ସାମଲ, ପଦ୍ମଚରଣ ସାମନ୍ତରାୟ, ଧିରେନ ସାହୁ, ପ୍ରଦିପ କୁମାର ସାହୁ(ଲିପୁ), ତୁଷାର ଘୋଷ, କାଉନସିଲର କାଳି ପ୍ରସାଦ ମିଶ୍ର,



ଉମେଶ ନାୟକ, ଦୁର୍ଗା ପ୍ରସାଦ ପତି, ଅତନୁ କୁମାର ମିଶ୍ର, ଘରୋଇ ବସ ମାଲିକ ସଙ୍ଘ ସମ୍ପାଦକ ସୁଜିତ ବଳ, ଅମୀୟ ନାୟକ, ରାଜେଶ ଦାସ, ପ୍ରଦୀପ ନାୟକ, ତାଙ୍କର ଦୁଇ ସୁପୁତ୍ର ଦେବାଶିଷ ପଣ୍ଡା ଓ ପ୍ରଭାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଅତନୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ



**ପାରାଦୀପ,୧୮/୧୦ (ନି.ପ୍ର):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ସ୍ଥିତ ଶ୍ରୀ ସତ୍ୟ ସାଇ ଜ୍ଞାନ ବିକାଶ ବିଦ୍ୟାଳୟରେ ମିଟସିଓର ଓଲ୍ୟମ୍ପାଡ଼ ପରୀକ୍ଷା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିତା କବି ଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପରିଚାଳନା ସମିତି ର ସଭାପତି ବାବାଜୀ ଚରଣ ପୃଷ୍ଟି, ଶ୍ରୀ ସତ୍ୟ ସାଇ ସେବା ସଂଗଠନ, ଓଡିଶା ର ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ,ସଭ୍ୟା ସ୍ନେହାମୟୀ ଆଚାର୍ଯ୍ୟ ଯୋଗ ଦେଇ ପିଲାମାନଙ୍କ ଭିତରେ ଥିବା ପ୍ରତିଭାର ବିକାଶ ଏବଂ ଭବିଷ୍ୟତ ଗଠନ ଦିଗରେ ନିଜକୁ କିପରି ପ୍ରସ୍ତୁତ କରିବେ ବୁଝାଇ କହିଥିଲେ । ପଙ୍କପାଳ ଶିକ୍ଷା ମଣ୍ଡଳ ର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରତିମା କୁମାରୀ ସୁତାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆଶୁବଚନ ଦେଇଥିଲେ। ବିଦ୍ୟାଳୟରେ ମୋଟ ୬୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୨ ଜଣ କୃତକାର୍ଯ୍ୟ ହୋଇ ନଗଦ ଅର୍ଥରାଶି, ସ୍ୱର୍ଣ୍ଣ,ରୌପ୍ୟ ଓ କାନ୍ସ୍ୟ ପଦକ ଗ୍ରହଣ କରିଥିଲେ। ଦଶମ ଶ୍ରେଣୀ ର ଛାତ୍ରୀ ଶ୍ରଦ୍ଧାଞ୍ଜଳି ସ୍ୱାଇଁ ନଗଦ ବାର ହଜାର ଟଙ୍କା ଓ ସ୍ୱର୍ଣ୍ଣ ପଦକ ଜିତି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ। ଏଥିରେ ମୋଟ ୫ଟି ସ୍ୱର୍ଣ୍ଣ ୫ଟି ରୌପ୍ୟ ଓ ୭ଟି ବ୍ରୋଂଜ୍ ପଦକ ମିଳିଥିଲା। ଶେଷରେ ଉକ୍ତ ପରୀକ୍ଷା କୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ବିଦ୍ୟାଳୟର ଉପାଧ୍ୟକ୍ଷା ଧରିତ୍ରୀ ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଜନା ସାମଲ ଓ ରୀନା ମହାପାତ୍ର ଶେଷ ରେ ଧନ୍ୟବାଦ ଅର୍ପଣ ଆଳତି ପ୍ରଦାନ କରି ସଭା ସାଙ୍ଗ କରିଥିଲେ।

# ନାବାଳିକା ଅପହରଣ ଘଟଣା ଭୁବନେଶ୍ୱରରୁ ଉଦ୍ଧାର

**ବଲଙ୍ଗା, ୧୮।୧୦ (ନି.ପ୍ର):** ଗଣେଶ ପୂଜା ଦେଖିବାକୁ ଆସିଥିବା ଜଣେ ନାବାଳିକା ଅପହରଣ ମାମଲାରେ ବଲଙ୍ଗା ପୋଲିସ ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ନାବାଳିକାକୁ ଉଦ୍ଧାର କରିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୭ବର୍ଷୀୟା ନାବାଳିକା ଗତ ମାସରେ ବଲଙ୍ଗା ବଜାରକୁ ଗଣେଶ ପୁଜା ଦେଖିବାକୁ ଯାଇଥିଲା ବେଳେ ନାବାଳିକାକୁ ଅପହରଣ ହୋଇଥିବା ନେଇ ନବଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗତକାଲି ପୋଲିସ ଭୁବନେଶ୍ୱରର ଏକ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିଥିଲା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ପୋଲିସ ନାବାଳିକାକୁ ଉଦ୍ଧାର ପରେ ଆଜି ପୁରୀ ସି ଡବ୍ଲୁ ସିରେ ଛାଡି ଅଧିକ ତଦନ୍ତ ଜାରି ରଖିଛି।

## ବଲଙ୍ଗା ଥାନା ଅଞ୍ଚଳରେ ଯୁବତୀଙ୍କୁ ଏସିଡ ମାଡ ଘଟଣା

# ଅଭିଯୁକ୍ତକୁ ୫ ବର୍ଷଜେଲ ଓ ୫ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ

**ବଲଙ୍ଗା, ୧୮।୧୦ (ନି.ପ୍ର) :** ବଲଙ୍ଗା ଥାନା ଅନ୍ତର୍ଗତ ବଡତୋଟା ଗ୍ରାମରେ ଗତ ୨ବର୍ଷ ତଳେ ଘଟିଥିବା ଏକ ଏସିଡ ମାଡ ଘଟଣା ରେ ଅଭିଯୁକ୍ତ କୁ ୫ବର୍ଷ ଜେଲ ଦଣ୍ଡ ଓ ୫ ହଜାର ଟଙ୍କାଜୋରି ମାନା ଆଦେଶ ହୋଇଛି । ଗତ ୨୦୨୪ ମସିହାରେ ନୟାଗଡ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଚମ୍ପତିପୁର ଗ୍ରାମର ବବିନା ସାଠୁଆ ବଡ ତୋଟା ଗ୍ରାମକୁ ଆସି ହୃଷିକେଷ ପ୍ରଧାନ ଙ୍କ ଝିଅକୁ ଜୋର ଜବରଦସ୍ତ ବିବାହ ପାଇଁ କହିଥିଲା । ତେବେ ଝିଅ ଜଣଙ୍କ ଏହାକୁ କଡା ବିରୋଧ କରିବାରୁ ସେ ଘରେ ପଶି ,ନଗଦ ଟଙ୍କା ଓ ସୁନାଅଳଙ୍କାର ନେଇଯିବା ସହ ସଂପୃକ୍ତ ଯୁବତୀ ଉପରେ ଏସିଡ୍ ପକାଇ ଦେଇଥିଲା । ଫଳରେ ସେ ଗୁରୁତର ଆହାତ ହୋଇଥିଲେ । ଅଭିଯୋଗ ଆଧାରରେ ଅଭିଯୁକ୍ତ ବବିନାକୁ ବଲଙ୍ଗା ପୋଲିସ ଗିରଫକରି ମାକଦ୍ଦମା ରୁଜୁକରିଥିଲା । କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବଲଙ୍ଗା ଥାନା ଆଇ.ଆଇ.ସି ସସ୍ମିତା ସାହୁ ଉକ୍ତ ମକଦ୍ଦମାର ସମସ୍ତ ଆବଶ୍ୟକୀୟ ରେକର୍ଡ ମାନ୍ୟବର ଏଡି.ଜେଙ୍କ କୋର୍ଟରେ ଦାଖଲ କରିଥିଲେ । ଫଳରେ ମୋକଦ୍ଦମାର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା ।ଯାହା ଫଳରେ ବିଚାରରେ ବବିନା ସାଠୁଆଙ୍କୁ ଦୋଷୀ ସାବ୍ୟସ୍ତକରାଯାଇଛି । ଯାହାକି ବଲଙ୍ଗା ପୋଲିସ ପାଇଁ ଏକ ସଫଳତା ଅଟେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଏହି ମାମଲା ର କେଶ ନଂ- ୧୦୮/୨୪ ଅଟେ ।

## କଳାବିକାଶ କେନ୍ଦ୍ର ସାଧାରଣ ସମ୍ପାଦକ ଭାବେ ସୁଦିପ୍ତା ଦାଶଙ୍କ ଦାୟିତ୍ୱ ଗ୍ରହଣ



**କଟକ, ୧୮।୧୦ (ନି.ପ୍ର):** କଳାବିକାଶ କେନ୍ଦ୍ର ର ବରିଷ୍ଠ ସଭ୍ୟା ଶ୍ରୀମତୀ ସୁଦିପ୍ତା ଦାଶ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କଲେ। ପୂର୍ବରୁ ଦୀର୍ଘ ଦଶନ୍ଧି ଧରି ଯୁଗ୍ମ ସମ୍ପାଦକ ଭାବେ ଦାୟୀତ୍ୱ ତୁଲାଇ ଆସୁଥିଲେ। ଗତ ୧୩ ତାରିଖରେ ଦାୟୀତ୍ୱ ଗ୍ରହଣ କଲେ। କଳାବିକାଶ କେନ୍ଦ୍ରର ପ୍ଲାଟିନମ୍ ଜୁବଲି ଅବସରରେ ଦାୟିତ୍ୱ ଗ୍ରହଣ କରିଥିବାରୁ ସମସ୍ତ ସଭ୍ୟ ସଭ୍ୟା ମାନଙ୍କ ଭିତରେ ଉତ୍ସାହ ଓ ନୂତନ ଆଶା ସଂଚାରିତ ହୋଇଛି ।

# ସମାଜ ସଂସ୍କାରରେ ଯୁବପିଢୀଙ୍କ ଭୂମିକା ଶୀର୍ଷକ ଆଲୋଚନା

**କେନ୍ଦ୍ରାପଡ଼ା,୧୮।୯ (ନି.ପ୍ର) :** କେନ୍ଦ୍ରାପଡାର କଳ୍ପତରୁ ପ୍ରଶିକ୍ଷଣ କେନ୍ଦ୍ରରେ ଗରାପୁର ଶିବାନନ୍ଦ ଆଶ୍ରମର ପରମାଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ସମାଜ ସଂସ୍କାରରେ ଯୁବପିଢୀଙ୍କ ଭୂମିକା ଶୀର୍ଷକ ଆଲୋଚନାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପୂର୍ଣ୍ଣଭୂମି ଭାରତବର୍ଷକୁ ଗୌରବ ଓ ସମ୍ମାନର ସହିତ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ। ପିଲାମାନେ ହେଉଛନ୍ତି କଞ୍ଚାମାଟି ପିଣ୍ଡୁଳା



ସଦୃଶ। ସେମାନଙ୍କୁ ଏହି ସମୟରେ ହିଁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯିବା ଆବଶ୍ୟକ। ସେମାନଙ୍କୁ ଭାରତବର୍ଷର ଗାରିମା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯିବା ଉଚିତ। ଆମର ସୁନାର ଭାରତବର୍ଷର ଗର୍ବ,ଗୌରବ ଓ ଟେକ ରଖିବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ଉଚିତ ବୋଲି ଶ୍ରୀମା କହିଥିଲେ। ଆମର କଷ୍ଟ ଅର୍ଜିତ ସ୍ୱାଧୀନତାକୁ ଆମେ ବଜାୟ ରଖିବା ସହିତ ସ୍ୱଦେଶୀ ଜିନିଷର ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ ପ୍ରତ୍ୟେକ ଦିନ ପ୍ରାତଃରୁ ଉଠି ଭଗବାନଙ୍କୁ ନମସ୍କାର କରି, ଗୀତା ପାଠ କରିବା, ବୃକ୍ଷରୋପଣ କରିବା ସହ ସମାଜ ସଂସ୍କାରରେ ମୁଖ୍ୟ ପୁରୋଧା ସାଜିବାକୁ ସେ ଯୁବ ପିଢୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହୃଷିକେଶ ଲେଙ୍କା, ଚିତ୍ତରଞ୍ଜନ ବେହେରା, ପ୍ରଭାତରଞ୍ଜନ ବେହେରା, ତନ୍ମୟ ବେହେରା, ଦିପ୍ତିରଞ୍ଜନ ଦାସ, ଅମୀୟ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ଶଶିକାନ୍ତ ରାଉତ, ଅଭିଜିତ ମିଶ୍ର, ମାନସରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଟି ହାଣ୍ଡି ଭିତରେ ପୂଜା ପାଉଛନ୍ତି ମା ଉତ୍ତରାୟଣୀ

**ପିପିଲି,୧୮।୧୦ (ନି.ପ୍ର):** ପିପିଲି ବ୍ଲକ ସାତସଙ୍ଗ ବଜାର ନିକଟସ୍ଥ ଉତ୍ତରାୟଣୀ ସାହିରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା ଉତ୍ତରାୟଣୀଙ୍କ ମନ୍ଦିରରେ ପ୍ରତିବର୍ଷ ପରି ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ଯଥା ବିଧିମୁତାବକ ମହାସମାରୋହରେ ଷୋଡଶ ଦିନାତ୍ମକ ପୂଜା ବା ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଛି । ମା ଉତ୍ତରାୟଣୀ ମାଟି ହାଣ୍ଡି ଭିତରେ କେଉଁ ଆବାହନ କାଳରୁ ପୂଜା ପାଇ ଆସୁଥିବା ବେଳେ ତାଙ୍କ ପାଖରେ ବନଦୃର୍ଗା, କନକଦୃର୍ଗା ଏବଂ ସମ୍ମୁଖରେ ମା କ୍ଷେତ୍ରପାଳି ମନ୍ଦିର ଭିତରେ ପୂଜା ପାଉଛନ୍ତି। ଷୋଡଶ ପୂଜା ଉପଲକ୍ଷେ ମା ଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ୧୬ ଦିନ ଧରି ମା'ଙ୍କର ଏହି ଗୁପ୍ତ ଓ ସ୍ୱତନ୍ତ୍ର ନୀତିକାନ୍ତି ପୂଜକ ମାନଙ୍କ ଦ୍ୱାରା ଚାଲିଥାଏ । ସପ୍ତମୀ ତିଥିରେ ମା ଙ୍କ ବନଦୃର୍ଗା ବେଶ, ମହାଷ୍ଟମୀରେ ସିଂହବାହିନୀ ବେଶ, ମହାନବମୀ ରେ



ମହାକାଳ ରାତ୍ରୀ ପୂଜା ଯଥା ବିଧି ମୁତାବକ ପୂଜାର୍ଚ୍ଚନା ହୋଇଥାଏ। ଷୋଡଶ ପୂଜାର ୧୬ ଦିନ ମଧ୍ୟରେ ପ୍ରତିଦିନ ମା ଉତ୍ତରାୟଣୀ ଭିନ୍ନ ଭିନ୍ନ ରୂପ ଓ ସ୍ୱତନ୍ତ୍ର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ସ୍ୱତନ୍ତ୍ର ନୀତି କନ୍ତିରେ ଭୋଗ ସକାଳ ଧୂପ, ଦ୍ୱିପ୍ରହର ସଂକୁଡି ଭୋଗ (ଆମିଷ), ମଧ୍ୟାହ୍ନରେ ବାଳଭୋଗ, ରାତ୍ର ସମୟରେ ଅଲଣା ବିରି ଯାଉ ଭୋଗ ମା ଙ୍କ ପାଖରେ ଭୋଗ ଲାଗି ହୁଏ। ଏହାକୁ ମୁଖ୍ୟ ପୂଜକ ନୀଳାଚଳ ପାଢ଼ୀ ଓ ତାଙ୍କ ସହଯୋଗୀ ଦିବ୍ୟ ରଞ୍ଜନ ପାଢ଼ୀ ଙ୍କ ଦ୍ୱାରା ବିଧିମୁତାବକ ପୂଜାର୍ଚ୍ଚନା ହୋଇଥାଏ । ଏହା ସହିତ ମା'ଙ୍କୁ ପ୍ରତିଦିନ ସ୍ୱତନ୍ତ୍ର ଭୋଗ ଅର୍ପଣ କରାଯାଏ।ଏହି ପବିତ୍ର ସମୟରେ ମା'ଙ୍କର ଦିବ୍ୟ ଆଲୌକିକ ରୂପ ଦର୍ଶନ କରିବା ପାଇଁ ସାତସଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। ମା'ଙ୍କର ଏହି ଷୋଡଶ ପୂଜା ସମଗ୍ର ଓଡ଼ିଶାର ଶକ୍ତି ସଂସ୍କୃତିର ଏକ ଅନନ୍ୟ ପରମ୍ପରା ବୋଲି ପୂଜକ ଶ୍ରୀପାଢ଼ୀ ସୂଚନା ଦେଇଛନ୍ତି।

# ଆଦ୍ୟାଶକ୍ତି ମା ମଙ୍ଗଳାଙ୍କ ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ

**କାକଟପୁର ୧୮/୧୦ (ନି.ପ୍ର):** ଶାରଦୀୟ ପାର୍ବଣ ପୂଜାର ନବରାତ୍ରି ସପ୍ତପତ୍ରିକା ବା ମହାସପ୍ତମୀ ପୂଜାରେ ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ମା ଙ୍କ ର ପହୁଡ଼ ଖୋଲିବା ପରେ ସ୍ନାନ, ମାର୍ଜନା, ଓ ସକାଳ ବେଶ କରାଯାଇଥିଲା । ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବଲ୍ଲଭ ପରେ ମାଙ୍କର ଷୋଡଶଉପଚାର ପୂଜା ବିଧି ରୀତିନୀତି ଅନୁଯାୟୀ ସକାଳ ଧୂପ, ଦ୍ୱିପହର ଧୂପ ଓ ଭଅଣ୍ଡ ନୀତି ଅନୁଷ୍ଠିତ ହେବା ପରେ ପହୁଡ଼ ପଡିଥିଲା। ପରେ ସନ୍ଧ୍ୟା ଆଳତି ଓ ସ୍ନାନ ମାର୍ଜନା କରାଯିବା ପରେ ମା ଙ୍କର ପ୍ରସିଦ୍ଧ ସିଂହବାହିନୀ ବେଶ ଆରମ୍ଭ କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ମାଙ୍କ ପାଇଁ ନୂତନ ପାଟବସ୍ତ୍ର, ସ୍ୱର୍ଣ୍ଣ ଆଭୂଷଣ ଓ ଅସ୍ତ୍ରଶସ୍ତ୍ର ଆଦି ଯୋଗାଇଦିଆଯିବା ସହିତ ଏକ କାଷ୍ଠ ନିର୍ମିତ ସିଂହ ମାଙ୍କୁ ଲାଗି କରାଯାଇଥିଲା। ସିଂହ କୁ ଏପରି



ଭାବେ ମା ଙ୍କ ସହିତ ସଂଲଗ୍ନ କରାଯାଇଥିଲା, ଯେପରି ମା ସିଂହ ପୃଷ୍ଠରେ ଉପବେଶନ କରି ଭକ୍ତ ଙ୍କୁ ଦର୍ଶନ ଦେଉଛନ୍ତି। ଅପର ପକ୍ଷରେ ଆଜିର ଦିନରେ ମା ଦୁର୍ଗା ଙ୍କୁ ସମସ୍ତ ଦେବତାମାନେ ନିଜ ନିଜର ଅସ୍ତ୍ରଶସ୍ତ୍ର ପ୍ରଦାନ କରିଥିବାବେଳେ , ବାହାନ ଭାବେ ସିଂହ କୁ ଅର୍ପଣ କରିଥିବା କିମ୍ବଦନ୍ତୀ ରହିଛି। ମା ଙ୍କ ଚଳନ୍ତି ପ୍ରତିମା କନକ ଦୁର୍ଗା ମଣି ବିମାନରେ ଯାଇ ମହିଷାସୁରକୁ ସନ୍ଧାନ କରି ମନ୍ଦିର କୁ ପ୍ରତ୍ୟାବର୍ତନ ପରେ ସେଠାରେ ପଂକ୍ତି ଭୋଗ ଓ ବେଶ ପଣା ଲାଗିକରାଯିବା ପରେ ମା ଙ୍କୁ ସର୍ବସାଧାରଣ ଦର୍ଶନ ନିମନ୍ତେ ସାହାଣମେଲା କରାଯାଇଥିଲା। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ମାଙ୍କୁ ଦର୍ଶନ କରିବା ସହିତ ମାତୃକୃପା ଲାଭ କରିଥିଲେ କ୍ଷମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ଙ୍କ ତତ୍ୱାବଧାନ ରେ ଭକ୍ତ ଙ୍କ ଦର୍ଶନ ନିମନ୍ତେ ବିଭିନ୍ନ ପ୍ରକାର ସୁବନ୍ଦୋବସ୍ତ କରାଯାଇଥିଲା ବେଳେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ରେ ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।ମା ଙ୍କ ସିଂହବାହିନୀ ଦର୍ଶନ ସାଙ୍ଗକୁ ମନ୍ଦିର ଉତ୍ତର ଦ୍ୱାର ଠାରେ ରାଜ୍ୟର ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା, ମନ୍ଦିର ପରିସର ସହିତ ସମଗ୍ର ଅଞ୍ଚଳ ଏକ ଭକ୍ତିମୟ ପରିବେଶ ରେ ପରିପୂର୍ଣ୍ଣ ହୋଇଉଠିଥିଲା।

# କଟକ ନୟାସଡ଼କ ମାରଓ୍ୱାଡ଼ି ପଞ୍ଚି ମହାଦେବ ପୂଜା କମିଟିକୁ ଶାରଦୀୟ ସମ୍ମାନ ପ୍ରଦାନ



**କଟକ, ୧୮।୧୦ (ନି.ପ୍ର):** କଟକ ନୟାସଡ଼କ ମାରଓ୍ୱାଡ଼ି ପଞ୍ଚି ମହାଦେବ ପୂଜା କମିଟିକୁ ଶାରଦୀୟ ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି। ପ୍ରତିଷ୍ଠିତ ବୈଦ୍ୟୁତିକ ଗଣମାଧ୍ୟମ ନ୍ୟୁଜ ୧୮ ଓଡ଼ିଆ ପକ୍ଷରୁ ଶ୍ରେଷ୍ଠ ଆକର୍ଷଣୀୟ ଓ ଅଭିନବ ପୂଜା ମଣ୍ଡପ ଭାବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।ଓଲିଉଡ ଅଭିନେତ୍ରୀ ଭୂମିକା ଓ ଶୀତଲ ମରଓ୍ୱାର୍ଡି ପୂଜା କମିଟିର ସଭାପତି ସଞ୍ଜୟ ସାହୁ, ସମ୍ପାଦକ ବିଶାଳ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ।ଏହି ଅବସରରେ ନୟାସଡ଼କ ପୂଜା କମିଟିର ଉପସଭାପତି ସତୀଶ କେଡ଼ିଆ, ଆଶିଷ ଶର୍ମା, କୋଷାଧ୍ୟକ୍ଷ ପ୍ରଦୀପ କେଡ଼ିଆ,ଯୁଗ୍ମ କୋଷାଧ୍ୟକ୍ଷ ଜୟପ୍ରକାଶ ଶର୍ମା, ମଧୁସୂଦନ ବେହେରା , ଯୁଗ୍ମ ସମ୍ପାଦକ ଅମୃତ ମୋଡା, ଅଭିଷେକ ସିକିରିଆ, ଉପଦେଷ୍ଟା ଗୋପାଳ ମୋଦି, ବିଜୟ ଶର୍ମା,କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ହାତୀ, ଶ୍ୟାମସୁନ୍ଦର କେଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ରାୟଗଡ଼, ୧୮।୧୦ (ଯୁବମୋର୍ଚ୍ଚା):** ରାୟଗଡ ପୌରାଞ୍ଚଳର ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପଦୋନ୍ନତି ପ୍ରାପ୍ତ ତିନିଜଣ ଶିକ୍ଷକଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟରୁ ତିନି ଜଣ ବୈଷୟିକ ଶିକ୍ଷକ ଲେବୁଲ ତିନି ପ୍ରଧାନ ଶିକ୍ଷକ ରୂପେ ପଦୋନ୍ନତି ପାଇଛନ୍ତି । ଏଥିରେ ରାୟଗଡ ବ୍ଲକ ଏବିଇଓ ବଳରାମ ହୁଇକା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ନିଲାଞ୍ଚଳ ମିଶ୍ର ପଦୋନ୍ନତି ପାଇ ସରକାରୀ ପୂର୍ବତନ ପରିଷଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେହିପରି ପ୍ରଭାତ ରଞ୍ଜନ ସେନାପତି କୋଲନରା ବ୍ଲକ ତାଣ୍ଡିପୁର ଓ ରାଜେଶ ସ୍ୱାଲସିଂ ରାୟଗଡ ବ୍ଲକର କାଞ୍ଚାମୋହିଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ୨୦୨୧ ମସିହାରୁ ଏମାନେ ଇନ୍ଦିରାନଗର ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ । ସେମାନଙ୍କ ବିଦ୍ୟାଳୟ ପ୍ରତି ଅବଦାନ ଓ ନିଷ୍ଠା ନିମନ୍ତେ ନୂତନ ଭାବେ ପଦୋନ୍ନତି ପାଇ ଆସିଥିବା ପ୍ରଧାନ ଶିକ୍ଷକ ସରୋଜ କୁମାର ପତ୍ରୀ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ, ଛାତ୍ର ଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ବୃନ୍ଦ ଭୂୟସୀ ପ୍ରଶଂସା କରିବା ସହ ବରେଣ୍ୟ ଅତିଥିଙ୍କ ଦ୍ୱାରା ବିଦାୟୀ ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଥିଲା । ସେହିପରି ପଦୋନ୍ନତି ଯୋଗୁଁ ସିଆରସିସି ଦାୟୀତ୍ୱ ମୁକ୍ତ ସଦାନନ୍ଦ ନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ନୂତନ ଦାୟୀତ୍ୱ ଗ୍ରହଣ କରିଥିବା ସିଆରସିସି ପୁରନ୍ଦର ପାଣି ଓ ନୂତନ ଭାବେ ବିଦ୍ୟାଳୟରେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷକ ସରୋଜ ପତ୍ରୀ ଓ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦାସଙ୍କୁ ସ୍ୱାଗତ କରାଯାଇଥିଲା । ଉପରୋକ୍ତ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟକାଳ ସମୟରେ ବିଦ୍ୟାଳୟର ଅନେକ ଉନ୍ନତି ସାଧିତ ହେବା ସହ ଶିକ୍ଷା ଓ ଶିକ୍ଷାୟତନ ର ବିଶେଷ ପରିବର୍ତ୍ତନ ହୋଇଥିବା ସମସ୍ତ ଶିକ୍ଷୟିତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହ ନୂତନ ଦାୟୀତ୍ୱରେ ଅଧିକ ସଫଳତା କାମନା କରିଥିଲେ । ବିଦାୟ କାଳୀନ ପରିବେଶ ଅତୀବ ଦୁଃଖପୁର୍ଣ୍ଣ ଥିଲା । ଛାତ୍ର ଛାତ୍ରୀ କାନ୍ଦି କାନ୍ଦି ସେମାନଙ୍କୁ ବିଦାୟ ଦେଉଥିବା ଦେଖାଗଲା ।କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସରୋଜ ପତ୍ରୀ ସମେତ ପ୍ରମିଳା ପଣ୍ଡା, ବାସନ୍ତୀ ମିଶ୍ର, ସୋନାଲିଶା ସାମଲ, ମନୋରମା ସାହୁ, ମଧୁସ୍ମିତା ତ୍ରିପାଠୀ, ଅଦିତି ସେଠି ପ୍ରମୁଖ ସହଯୋଗ କରିଥିଲେ ।



# କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ

ନିମଚଉଡ଼ି, କଟକ - ୭୫୩୦୦୨
ଇ-ମେଲ୍ ଠିକଣା : ccbho@cuttackccb.co.in

**ଚାଷ ଓ ଚାଷୀର ସେବାରେ ଉତ୍ସର୍ଗୀକୃତ କେନ୍ଦ୍ର ସମବାୟ ବ୍ୟାଙ୍କ**

୧. ଜମି ପରିମାଣ ଅନୁଯାୟୀ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ସହାୟତା ।
୨. ସବସିଡି ଯୁକ୍ତ ବିଭିନ୍ନ ମଧ୍ୟମ ତଥା ଦୀର୍ଘକାଳୀନ କୃଷି ଆନୁସଙ୍ଗିକ ଋଣ ଉପଲବ୍ଧ ।
୩.ହସ୍ତତନ୍ତ ବୁଣାକାର ମାନଙ୍କୁ ବଳିଆ ଯୋଜନାରେ ୫୦୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଓ ଯଥା ପରିଶୋଧ କଲେ ସୁଧ ରିହାତି।
୪. ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଓ ଯଥା ସମୟରେ ଋଣ ପରିଶୋଧ କଲେ ସଂପୂର୍ଣ୍ଣ ସୁଧ ରିହାତି ।
୫. PAIS ଯୋଜନାରେ ଉପଯୁକ୍ତ ଦେୟ ପଇଠ କରି ୧ ଲକ୍ଷ ଟଙ୍କାର ବୀମା ସୁବିଧା।
୬. ବ୍ୟାଙ୍କର ଶାଖାମାନଙ୍କ ଜରିଆରେ ସଞ୍ଚୟ ଜମା ଖାତା ଖୋଲି ବିଭିନ୍ନ ସୁବିଧାର ଉପଯୋଗ କରନ୍ତୁ। ବରିଷ୍ଠ ନାଗରିକ ମାନେ ନିଜର ଜମା ଉପରେ ଟ.୦.୫୦ପ. ଅଧିକ ସୁଧର ଲାଭ ନେଇ ପାରିବେ।
୭. ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଯଥାକ୍ରମେ ବାର୍ଷିକ ୨୦ଟଙ୍କା ଓ ୪୩୬ ଟଙ୍କା ଦାଖଲ କରି ବୀମାଭୁକ୍ତ ହୁଅନ୍ତୁ।

ଶ୍ରୀଯୁକ୍ତ ପ୍ରଭାତ ଚନ୍ଦ୍ର କାହ୍ନୁନଗୋ
ସଭାପତି

ଶ୍ରୀ ଅନନ୍ତ କୁମାର ସାମଲ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖା ଏବଂ କୃଷି ସେବା ସମବାୟ ସମିତି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।



ଶାରଦୀୟ ଦୁର୍ଗା ପୂଜା ଅବସରରେ
ଯାଜପୁର ଜିଲ୍ଲାର ସମସ୍ତ ଭାଇଭଉଣୀମାନଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।

MOHARANA TRADERS & SUPPLIERS
DANAGADI, KALINGA NAGAR, JAJPUR
PROP. B.K. MOHARANA

ODISHA

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ**

ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ ସଂଖ୍ୟା-VISC(LEM)Proj-64/25-26/ 13187 Date.31/8/2026

- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ ।
- ମୂର୍ତ୍ତିର ଉଚ୍ଚତାକୁ ୨୦ ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ସ୍ଥାନରେ ପକାନ୍ତୁ । ଏହାକୁ ବିସର୍ଜନ ସ୍ଥଳରେ ପୋଡନ୍ତୁ ନାହିଁ ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**

- ଜନ ସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସଂପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ synthetic liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ ।
- ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal dumpsite କୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ । ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର
- କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା**

Odisha Prevention and Control of Water Pollution (Procedure for Immersion of Idol after Pujas) Rules, ୨୦୨୧ ଅନୁଯାୟୀ, ମୂର୍ତ୍ତିକାରିଗର ମାନେ ରୁଲ୍ ୩ ର ଅବମାନନା କଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ । ଏହା ବ୍ୟତୀତ ମୂର୍ତ୍ତି ନିର୍ମାତା ମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ ।

ପୂଜା କମିଟି କର୍ମକର୍ତ୍ତା ମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ ର ଅବମାନନା ହେଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖ ଜୋରିମାନା ଆଦାୟ କରାଯିବ ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା ;
- ମୁନିସିପାଲିଟି କିମ୍ବା ଏନଏସି ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା ;
- ମୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା ।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା।**

ବି.ଦ୍ର. : ଏ ସମ୍ପର୍କୀୟ ବିଶଦ ବିବରଣୀ 'The Odisha Prevention_and_Control of Water Pollution (Procedure for Immersion of Idol after Pujas) **Rules, ୨୦୨୧** ରେ ମିଳିପାରିବ।
(Weblink:http://aspcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf)

ସଦସ୍ୟ ସଚିବ

# ଶାରଦୀୟ ଦୁର୍ଗା ପୂଜା ପାଳିତ

ରାଜଗାଙ୍ଗପୁର,୧୮।୧୦: ସହର ର ରାଣି ବନ୍ଧ ପଦା, ଭଙ୍ଗା ପଡ଼ା,ତାଳକିପଡା ଦୁର୍ଗା ମନ୍ଦିର ଓସିଏଲ କଲୋନୀ, ରାଠୋର କଲୋନୀ, ଟାଉନ ଡେଲି ମାର୍କେଟ ଦୁର୍ଗା ମନ୍ଦିର, ସୁବାଷ ଛକ, ଗୋପିନାଥ ଗଳି,କମ୍ୟୁନିଟି ସେଣ୍ଟର,ଆରଭି ସ୍କୁଲ ଛକ,ଲିପଲୋଇ ସମଲେଇ ମନ୍ଦିର ଓ ଆଖପାଖ ଅଞ୍ଚଳ ରେ ପବିତ୍ର ନବରାତ୍ର ଓ ଶାରଦୀୟ ଦୁର୍ଗା ପୂଜା ଭକ୍ତିମୟ ପରିବେଶ ରେ ପାଳିତ ହୋଇଛି।୫ ଦିନ ଧରି ପାଳିତ ହେଉଥିବା ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସମଗ୍ର ସହର ଚଳଚଳ ହେବା ସହ ବ୍ରତଧାରି ମହିଳା ଯୁବତୀ ଓ ଶ୍ରଦ୍ଧାଳୁମାନେ ସକାଳୁ ବିଭିନ୍ନ ଦୁର୍ଗା ମନ୍ଦିର ଓ ମଣ୍ଡପ ଠାରେ ପୂଜା ଅର୍ଚ୍ଚନା କରୁଥିବା ପରିଲକ୍ଷିତ ହେଉଛି। ଆଦି ଶକ୍ତି ମାଁ ଦୂର୍ଗା ଙ୍କ ମହାଳୟ ପାଠ ଆରାଧନା ସହ ସମଗ୍ର ଅଞ୍ଚଳ ମୁଖରିତ ହୋଇ ଉଠିଛି। ସନ୍ଧ୍ୟା ସମୟରେ ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳ ରୁ ଶହ ଶହ ଶ୍ରଦ୍ଧାଳୁ ବଡ଼ ବଡ଼ ମୁଁ ସଜିତ ମଣ୍ଡପ ଆଧୁନିକ ଆଲୋକସଜା ଗୀତବାଦ୍ୟ ଦେବୀ ଙ୍କ ଦିବ୍ୟ ଦର୍ଶନ ଓ ପ୍ରସାଦ ସେବନ କରି ମାଁ ଙ୍କ ନିକଟରେ ସର୍ବ ମଙ୍ଗଳ କାମନା କରୁଥିବା ଦେଖିବାକୁ ମିଳିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ବଜାଇ ରଖିବାକୁ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ତତ୍ତ୍ୱାବଧାନରେ ସମଗ୍ର ସହର ର ବିଭିନ୍ନ ଅଞ୍ଚଳ ଛକ ମଣ୍ଡପ ଧାର୍ମିକ ସ୍ଥଳ ରାସ୍ତା ଘାଟ ଠାରେ ପୋଲିସ ପେଟ୍ରୋଲିଂଗ କଡାକଡି କରାଯାଇଛି। ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ମାଁ ଦୁର୍ଗା ଙ୍କ ଦର୍ଶନ ଆକର୍ଷଣ ମଣ୍ଡପ ରଂଗ ବିରଂଗି ଆଲୋକସଜା ବିଭିନ୍ନ ମଣ୍ଡପ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ଧୁନୋଚି ନାଚ,ଡାଣ୍ଡିଆ ନାଚ, ମାଁଙ୍କ ପୌରାଣିକ ଗୀତିନାଟ୍ୟ ଓ ଖେଚୁଡ଼ି ଭୋଗ ଭକ୍ତ ଙ୍କୁ ଆକର୍ଷିତ କରିଥାଏ।






ଶାରଦୀୟ ଅଭିନନ୍ଦନ

ଶାରଦୀୟ ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।



ଶ୍ରୀଯୁକ୍ତ ରିତେଶ କୁମାର ମହାନ୍ତି
ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ
ସେକ୍ରେଡ୍ ରୁଟ୍ସ ପବ୍ଲିକ ସ୍କୁଲ
ସିଡିଏ ସେକ୍ଟର -୧୩, କଟକ

# ଅନନ୍ୟା ସାହିତ୍ୟ ପକ୍ଷରୁ ଶାରଦୀୟ ବାର୍ଷିକୋତ୍ସବ

ଯାଜପୁର:୧୮।୧୦(ନି.ପ୍ର):ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ମା'ବିରଜାଙ୍କ ରଥ ଦାଣ୍ଡରେ ଶାରଦୀୟ ବାର୍ଷିକୋତ୍ସବ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗଦେଇ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ ପୂର୍ବକ ଉତ୍ସବର ଉଦ୍‌ଘାଟନ କରିଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ବିବରଣୀ ପାଠ କରିଥିଲେ। ଉପସଭାପତି ବିଭୂତି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ମା'ବିରଜାଙ୍କ ଷୋଡ଼ଶ ଦିବସୀୟ ପୂଜା ଅବସରରେ ନବ ଦିନାତ୍ମକ ଘୋଷଯାତ୍ରା ଭାରତବର୍ଷର ଅନ୍ୟ କେଉଁ ସ୍ଥାନରେ ଦୃଷ୍ଟିଗୋଚର ହୁଏ ନାହିଁ ମା'ଙ୍କର ମୁଖ୍ୟ ଦର୍ଶନରେ ସମସ୍ତ ପାପ ଓ ତାପରୁ ମୁକ୍ତି ମିଳିଥାଏ ବୋଲି ଶ୍ରୀ ଦେହୁରୀ ପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷାବିତ ବିଶ୍ୱମ୍ଭର ମିଶ୍ର ଯୋଗଦେଇ ମା'ଙ୍କର ଷୋଡ଼ଶ ଦିବସୀୟ ପୂଜା ଓ ନାଭିଗୟାର ମାହାତ୍ମ୍ୟ ବିଷୟରେ ଉଲ୍ଲେଖ କରିଥିଲେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ଶିକ୍ଷାବିତ ଗିରିଶ ବିହାରୀ ମିଶ୍ର, ଶିକ୍ଷାବିତ ଦଶରଥ ସାମଲ, ଯୋଗଦେଇ ମା'ଙ୍କର ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଇତି ଅବସରରେ ଅନନ୍ୟା ପକ୍ଷରୁ ଛାତ୍ର/ଛାତ୍ରୀଙ୍କ ମଧ୍ୟରେ ଭଜନ, ନୃତ୍ୟ ସଂଗୀତ, ଅଭିନୟ ଗୁଡିକର ପ୍ରତିଭା ବିକାଶ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂପାଦକ ମୀନକେତନ ସାହୁ ପରିଚାଳନା କରିଥିଲେ। ଅଶୋକ ପଲେଇ ଓ ସାଥିମାନଙ୍କ ଦ୍ୱାରା ଭଜନ ପରିବେଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିଳାଷ ଦାସ, ସୀମା ମିଶ୍ର, ଆଶାଲତା ନନ୍ଦ, ଅଧିକାରୀ ନବ କିଶୋର ଦାସ, ତପନ ମହାରଣ୍ୟ ଶର୍ମା, ଯୋଗଦେଇଥିବା ବେଳେ ଗଣମାଧ୍ୟମ ସଂଯୋଜକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନନ୍ୟା ସଚିବ ସୁବାସ ମହାପାତ୍ର ସମସ୍ତଙ୍କୁ ଧନ୍ୟାବଦ ଦେଇଥିଲେ।

# ବ୍ଲକସ୍ତରୀୟ ପଦଯାତ୍ରା ଓ ଜନ ସମ୍ପର୍କ ଯାତ୍ରା

ଯାଜପୁର:୧୮।୧୦(ନି.ପ୍ର) ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ବ୍ଲକ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ପଦଯାତ୍ରା ଓ ଜନ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକର ସଭାପତି ଗଦାଧର ଦାଙ୍କ ଆହ୍ୱାନରେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ବଟକୃଷ୍ଣ ଯେନା, ବରିଷ୍ଠ କଂଗ୍ରେସ ନେତା ତଥା ବି.ଏଲ୍-୧ ଦାୟିତ୍ୱରେ ଥିବା ସନ୍ତୋଷ ନନ୍ଦ, ପ୍ରଦେଶ କଂଗ୍ରେସ କମିଟିର ସଂପାଦକ ତଥା ଯାଜପୁର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ରାଜୀବ ପରିଡ଼ାଙ୍କ ମିଳିତ ସହଯୋଗରେ ସିମିଳିଆ, ବେରୁଦା, ବରୁହାଁ, ଶ୍ୟାମଦାସପୁର, ମହେଶ୍ୱରପୁର, ଯମଧର, ପ୍ରଭୃତି ୩୦ ନମ୍ବର ଯୋନ୍‌ର ୬ ଗୋଟି ପ□ାୟତରେ ଏକ ବିଶାଳ ପଦଯାତ୍ରା ବାଇକ୍ ରାଲି ଜନ ଜାଗରଣ ସୃଷ୍ଟି କରିଥିଲେ। ଏହି ପଦଯାତ୍ରା ସମୟରେ ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେସ୍ କୁମାରଙ୍କ ଇସ୍ତଫା, ଏମ୍.ଏମ୍.ଡଇ.ଆର ଆଇନ୍ ଉଚ୍ଛେଦ, ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଚଳିତ ବନ୍ୟାରେ ବିଭିନ୍ନ ଲୋକଙ୍କୁ ସହାୟତା ପ୍ରଭୃତି ଦାବିଗୁଡିକୁ ଉପରେ ଆଲୋକପାତ କରିବାସହ ଅବିଳମ୍ବେ ବନ୍ୟା ବିପନ୍ନ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ରଖିଥିଲେ। ଏଥିସହିତ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର୍) ଓଡ଼ିଶା ରାଜ୍ୟରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ଭୋଟ ଦାନ କ୍ଷମତାରୁ ବ□ିତ କରିଛନ୍ତି, ତାହା ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି ରଖିବା ସହିତ ପ□ାୟତର ପ୍ରତ୍ୟେକ ଛକ ମାନଙ୍କରେ ଜ୍ଞାନେଶ କୁମାରଙ୍କ ଭୋଟ ଚୋରୀ ଏବଂ ଏସ୍.ଆଇ.ଆର ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରାଇଥିଲେ। ସର୍ବଶେଷରେ ବରୁହାଁ ଛକ ଠାରେ ଜ୍ଞାନେଶ କୁମାର, ନରେନ୍ଦ୍ର ମୋଦି, ଅମିତ ଶହା, ନିତ୍ୟାନନ୍ଦ ଗଣ୍ଡଙ୍କ କୁଶ ପୁ□ଳିକା ଦାହ କରାଯାଇଥିଲା। ଏହି ଆନ୍ଦୋଳନରେ ସର୍ବ ଶ୍ରୀ ପୁର୍ଣ୍ଣ ଜେନା, ଗଣେଷ ଦାସ, ସଂଗ୍ରାମ ସାହାଣୀ, ମାନସ ପଣ୍ଡା, ଅର୍ଣ୍ଣବ ମିଶ୍ର, ଆନନ୍ଦ ସେନାପତି, ଆଦିତ୍ୟ ରାଉତ, ବୃନ୍ଦାବନ ଦାସ, ମହେଶ୍ୱର ସାହୁ, ମନୋଜ ନାୟକ, ବିଦ୍ୟାଧର ଜେନା, ଶ୍ରୀକାନ୍ତ ମଲ୍ଲିକ, ଦୁଃଶାସନ ପରିଡ଼ା, ଭାଗିରଥି ଦାସ, ନିହାର ଜେନା, ଦେବେନ୍ଦ୍ର ପ୍ରଧାନ, ଅମରେଶ ପରିଡ଼ା, ପ୍ରଶାନ୍ତ ଭଦ୍ର, ବିଜନ ପ୍ରଧାନ, ସେକ୍ ଅବଦୁଲ ହଲିମ, ଅଲେଖ ପୃଷ୍ଟି, ସନ୍ତୋଷ ସାହୁ, ପରିମଳ ବିଶ୍ୱାଳ ପ୍ରଭୃତି ଶତାଧିକ ପଦଯାତ୍ରାରେ ସାମିଲ ହୋଇଥିଲେ। ଶେଷରେ ବ୍ଲକ ସଭାପତି ଶ୍ରୀ ଦାସ ସମସ୍ତ କର୍ମୀ ଓ ନେତୃମଣ୍ଡଳୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ।



# ନାଲ୍‌କୋ ଦୁର୍ଗାପୂଜାରେ ବାଣିଜ୍ୟ ମେଳା ବନ୍ଦକୁ ନେଇ ବ୍ୟବସାୟିଙ୍କ ଦୁର୍ଦ୍ଦଶା

## ୭ ଦିନର ପ୍ରସ୍ତୁତି ପରେ ନିରାଶା, ଖର୍ଚ୍ଚ ଉଠାଇବା ଚିନ୍ତାରେ ବ୍ୟବସାୟୀ

କୋରାପୁଟ, ୧୮।୧୦(ନି.ପ୍ର): ଦୁର୍ଗାପୂଜାକୁ ନେଇ ଉତ୍ସବମୁଖର ପରିବେଶ ମଧ୍ୟରେ ନାଲ୍‌କୋରେ ବାଣିଜ୍ୟ ମେଳା ବନ୍ଦ ହେବା ଯୋଗୁଁ ଶତାଧିକ ବ୍ୟବସାୟୀ ଏବେ ଘୋର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ନାଲ୍‌କୋ ସେକ୍ଟର-୩ ଅଞ୍ଚଳରେ ଦୁର୍ଗାପୂଜା ଅବସରରେ ମେଳା ଆୟୋଜନ ପାଇଁ ଦୂରଦୂରାନ୍ତରୁ ଆସିଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ ଖୋଲିବାକୁ ପ୍ରସ୍ତୁତ ହୋଇଥିବାବେଳେ ଅନୁମତି ମିଳିନଥିବାରୁ ସେମାନଙ୍କ ଆଶା ଧୂଳିସାତ୍ ହୋଇଛି। ଫଳରେ ବ୍ୟବସାୟ ତ ଦୂରର କଥା, ଏଠାକୁ ଆସିବା ପାଇଁ କରିଥିବା ପରିବହନ ଖର୍ଚ୍ଚ ଓ ଦୋକାନ ପ୍ରସ୍ତୁତି ବାବଦ ଅର୍ଥ କିପରି ଭରଣା କରିବେ, ତାହାକୁ ନେଇ ସେମାନେ ଚିନ୍ତାରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ସବୁ ବର୍ଷଭଳି ଚଳିତ ବର୍ଷ ମଧ୍ୟ ନାଲକୋ ପୂଜା କମିଟି ଦ୍ୱାରା ଡାକାରା ରେ ବଜାର କରିବାନେଇ ଆସି ନାନା ହଟହଟା ହେଉଛନ୍ତି ଦୂରଦୂରାନ୍ତ ବ୍ୟବସାୟି ! ବାହ୍ୟ ରାଜରୁ ପ୍ରସିଦ୍ଧ ହସ୍ତଶିଳ୍ପ ନିର୍ମିତ ସାମଗ୍ରୀ ନାଲକୋ ବାସିନ୍ଦାକୁ ସୁଲଭ ମୂଲ୍ୟରେ ଚାହିଦା ମୁତାବକ ଦେବାର ପ୍ରୟାସରେ ବ୍ୟବସାୟି ଉପେକ୍ଷିତ ଅବସ୍ଥାରେ ସଢୁଥିବା ଅଭିଯୋଗ କରିଛନ୍ତି ! ଦୀର୍ଘ ୨୦ ବର୍ଷହେଲା ନାଲକୋ ସେକ୍ଟର-୩ରେ ମେଳା ପଦର୍ଶିତ ହୋଇ ଆସୁଛି , କିନ୍ତୁ ଚଳିତ ବର୍ଷରେ ନାଲକୋ ପୂଜା କମିଟିଦ୍ୱାରା ମୌଖିକ ଡକରାରେ ଆସିଥିବା ବ୍ୟବସାୟିମାନେ ନାଲକୋ ପ୍ରଶାସନର ବନ୍ଦ ନିର୍ଦ୍ଦେଶକୁ ସହଜରେ ଗ୍ରହଣ କରି ପାରୁ ନାହାଁନ୍ତି ! ଡାକରାରେ ଆସି ପ୍ରାୟ ଏକ ସପ୍ତାହରୁ ଅଧିକହେବ ମେଳା ଚାଲିବା ନେଇ ଷ୍ଟଲ ଓ ସେଥିରେ ବିକ୍ରୀ ସାମଗ୍ରୀକୁ ସଜାଇ ପଦର୍ଶନି କରିବା ନେଇ ଦୋକାନି ସଜବାଜ ହେଉଥିବା ସମୟରେ ନାଲକୋ ପ୍ରଶାସନର ବନ୍ଦ ଘୋଷଣା ଶୁଣି ବ୍ୟବସାୟିମାନଙ୍କ ହୋସ୍ ଉଡିଯାଇଥିବା କହିଛନ୍ତି ! ସୂଚନାନୁଯାୟି, ନାଲ୍‌କୋ ସେକ୍ଟର-୩ ଦୁର୍ଗାପୂଜା ମେଳାରେ ବିଭିନ୍ନ ରାଜ୍ୟର ବ୍ୟବସାୟୀ ଦୀର୍ଘ ୧୨ ବର୍ଷ ଧରି ଭାଗ ନେଇ ଆସୁଥିଲେ। କାଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ବାରାଣସୀ ସମେତ କଟକ ଓ ଭୁବନେଶ୍ୱର ଭଳି ସ୍ଥାନରୁ ବ୍ୟବସାୟୀମାନେ ଏଠାକୁ ଆସିଥିଲେ। ପ୍ରତିବର୍ଷ ମେଳାରେ ବ୍ୟବସାୟ କରିବାର ଅଭିଜ୍ଞତା ଓ ଆୟୋଜକଙ୍କ ଉପରେ ଭରସା କରି ସେମାନେ ଚଳିତ ବର୍ଷ ମଧ୍ୟ ଆସିଥିଲେ ।ବ୍ୟବସାୟୀଙ୍କ କହିବା ଅନୁସାରେ, ନାଲ୍‌କୋର ଗେଟ୍‌ରେ ସେମାନଙ୍କ ପରିଚୟପତ୍ର, ଆଧାର କାର୍ଡ ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସେମାନଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିଥିଲା। ଏହାପରେ ସେମାନେ ମେଳା ପଡ଼ିଆରେ ପହଞ୍ଚି ବାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀରେ ଅସ୍ଥାୟୀ ଦୋକାନ ପ୍ରସ୍ତୁତ କରିଥିଲେ। ପ୍ରାୟ ସାତ ଦିନ ଧରି ପରିଶ୍ରମ କରିବା ସହ ପରିବହନ, ରହଣି ଓ ଦୋକାନ ନିର୍ମାଣ ପାଇଁ ବହୁ ଅର୍ଥ ଖର୍ଚ୍ଚ କରିଥିଲେ ।ତେବେ ମେଳା ଆରମ୍ଭ ହେବା ପୂର୍ବରୁ ନାଲ୍‌କୋ ପକ୍ଷରୁ ଅନୁମତି ମିଳିନଥିବା କଥା ଜଣାପଡ଼ିବା ପରେ ସେମାନଙ୍କ ମଧ୍ୟରେ ନିରାଶା ଖେଳିଯାଇଛି। ଦୁର୍ଗାପୂଜା କମିଟି ମେଳା ଆୟୋଜନ ପାଇଁ ଅନୁମତି ମାଗିଥିଲେ ମଧ୍ୟ ନାଲ୍‌କୋର ଅନୁମତି ନଥିବାରୁ ବ୍ୟବସାୟୀଙ୍କୁ ଫେରିଯିବାକୁ କୁହାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।



ଗତ କିଛି ଦିନ ତଳେ ଘଟିଥିବା ଏକ ଚୋରି ଘଟଣା ପରେ ନାଲ୍‌କୋ ପକ୍ଷରୁ ମେଳାକୁ ଅନୁମତି ଦିଆଯାଇନଥିବା କୁହାଯାଉଛି। ତେବେ ଏହି ନିଷ୍ପତ୍ତି ସମ୍ପର୍କରେ ବ୍ୟବସାୟୀମାନଙ୍କୁ ପୂର୍ବରୁ ସ୍ପଷ୍ଟ ଭାବେ ଅବଗତ କରାଯାଇଥିଲା କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ମେଳା ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତି ମଧ୍ୟ ଏହି ସମସ୍ୟାର ସମାଧାନ କରିପାରୁନଥିବାରୁ ବ୍ୟବସାୟୀମାନେ ଅସହାୟ ହୋଇପଡ଼ିଛନ୍ତି ।ଏବେ ସେମାନଙ୍କ ସମ୍ମୁଖରେ ଦୁଇଟି ବଡ଼ ସମସ୍ୟା। ଗୋଟିଏ ପଟେ ଦୋକାନ ପ୍ରସ୍ତୁତି ପାଇଁ ଖର୍ଚ୍ଚ କରିଥିବା ଅର୍ଥ ଫେରିବାର ଆଶା କ୍ଷୀଣ ହୋଇଥିବାବେଳେ ଅନ୍ୟପଟେ ନିଜ ନିଜ ରାଜ୍ୟକୁ ଫେରିବା ପାଇଁ ପରିବହନ ଖର୍ଚ୍ଚ ଯୋଗାଡ଼ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। କେତେକ ବ୍ୟବସାୟୀଙ୍କ ପାଖରେ ଆଉ ଯଥେଷ୍ଟ ଅର୍ଥ ନଥିବା ସେମାନେ କହିଛନ୍ତି। ମହିଳା ବ୍ୟବସାୟୀଙ୍କ ସମେତ ଅନେକ ଲୋକ ରହିବା, ଖାଇବା ଓ ଅନ୍ୟାନ୍ୟ ମୌଳିକ ସୁବିଧାକୁ ନେଇ ଅସୁବିଧାରେ ପଡ଼ିଥିବା ଅଭିଯୋଗ ହୋଇଛି।

ବ୍ୟବସାୟୀମାନଙ୍କ କହିବା କଥା, ଯଦି ମେଳା ଆୟୋଜନ ପାଇଁ ଅନୁମତି ନଥିଲା, ତେବେ ସେମାନଙ୍କୁ ଆଗୁଆ ସୂଚନା ଦିଆଯିବା ଉଚିତ ଥିଲା ବୋଲି ମହୀଶୂର ରୁ ଆସିଥିବା ଜୀବନ ନାମକ ବ୍ୟବସାୟୀ ଯିଏ କି ଆଦିବାସୀ ତେଲ ନୀଳାମ୍ବର ଆଦିବାସୀ ହର୍ବାଲ ବିକନ୍ତିଓ କାଶ୍ମୀର ରୁ ଆସିଥିବା ଶାହଜାଦ ଏହେମେଦ ଓ ବନାରସ ରୁ ଆସିଥିବା ମହିଳା ବ୍ୟବସାୟୀ ମାଧୁରୀ ଯାଦବ ପ୍ରମୁଖ କହିଛନ୍ତି ଦୂରଦୂରାନ୍ତରୁ ଏତେ ଖର୍ଚ୍ଚ କରି ଆସିବା ପରେ ଦୋକାନ ପ୍ରସ୍ତୁତ କରିବାକୁ ଦେଇ ଶେଷ ମୁହୂର୍ତ୍ତରେ ଫେରିଯିବାକୁ କହିବା ଦ୍ୱାରା ସେମାନେ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଏହା କେବଳ ବ୍ୟବସାୟିକ କ୍ଷତି ନୁହେଁ, ବରଂ ମାନବୀୟ ଦୃଷ୍ଟିକୋଣରୁ ମଧ୍ୟ ଏକ ଗୁରୁତର ସମସ୍ୟା ବୋଲି ସେମାନେ ମତ ଦେଇଛନ୍ତି ।ଏଭଳି ସ୍ଥିତିରେ ନାଲ୍‌କୋ କର୍ତ୍ତୃପକ୍ଷ ଓ ଦୁର୍ଗାପୂଜା କମିଟି ମଧ୍ୟରେ ସମନ୍ୱୟର ଅଭାବ ନିରୀହ ବ୍ୟବସାୟୀଙ୍କ ପାଇଁ ସଙ୍କଟ ସୃଷ୍ଟି କରିଥିବା ଅଭିଯୋଗ ହେଉଛି। ବ୍ୟବସାୟୀଙ୍କ ଅସୁବିଧାକୁ ବିଚାରକୁ ନେଇ ନାଲ୍‌କୋ କର୍ତ୍ତୃପକ୍ଷ ଓ ଆୟୋଜକ କମିଟି ତୁରନ୍ତ ହସ୍ତକ୍ଷେପ କରିବା ସହ ରହଣି, ଖାଦ୍ୟ ଓ ଫେରିବା ବ୍ୟବସ୍ଥା କିମ୍ବା ହୋଇଥିବା କ୍ଷତିର ଉପଯୁକ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ